ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୧୭, ସଂଖ୍ୟା: ୨୨୨
୧୯ ଡିସେମ୍ବର, ୨୦୨୫ ଶୁକ୍ରବାର
କେନ୍ଦ୍ରାପଡ଼ା

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

Pages-8
Price ₹ 5.00
Vol. 17, Issue No. : 222
19th December, 2025 Friday
Kendrapara

ODISHA EXPRESS
SIGHTS TRUTH WRITES TRUTH
ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in E-mail : odishaexpress@gmail.com RNI Regd. No. ODIODI/2009/28880 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

## ନୀତି ବାଣୀ

**କୃତ ଆଗତ୍ୟ ଘଟତେ ବିଘଟ୍ୟ କ୍ୱନୁ ଯାତିଚ ।**
**ନ ଲକ୍ଷ୍ୟତେ ଗତିଶ୍ଚିତ୍ରା ଘନସ୍ୟ ଚ ଧନସ୍ୟ ଚ ।**

ମେଘ ଏବଂ ଧନର ଗତି ବିଚିତ୍ର । ଏହା ଦେଖାଯାଏ ନାହିଁ । କେଉଁଠାରୁ ଆସି ମିଳିତ ହୁଏ ଏବଂ ବିଭକ୍ତ ହୋଇ କେଉଁଆଡ଼େ ଚାଲିଯାଏ !

## ମୁଣ୍ଡରେ ଭଣ୍ଡା ପଡ଼ି ମହିଳାଙ୍କ ମୃତ୍ୟୁ

**ବାଲିଗୁଡା, ୧୮।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

ଜୀବନ ପାଣି ଫୋଟକା ଭଳି। ମାତ୍ର କେଇ ସେକେଣ୍ଡ ମଧ୍ୟରେ ଏହା ଚାଲି ଯାଇପାରେ। କୌଣସି ମୁହୂର୍ତ୍ତରେ ଜୀବନରେ କିଛି ବି ଅଘଟଣ ଘଟିପାରେ। ଆଜି ଏଭଳି ଏକ ଅଭାବନୀୟ ଘଟଣା ଘଟିଛି କନ୍ଧମାଳ ଜିଲ୍ଲା ବାଲିଗୁଡା ଅଞ୍ଚଳରେ। ଜଣେ ମହିଳା ଅମୃତଭଣ୍ଡା ତୋଳିବା ସମୟରେ ତାଙ୍କର ଅମୂଲ୍ୟ ଜୀବନ ଚାଲିଯାଇଛି। ଗୋଛାପଡ଼ା ଗ୍ରାମର ଚନ୍ଦ୍ରକଳା ଦିଗାଳ ମଧ୍ୟାହ୍ନ ଭୋଜନ ପାଇଁ ଅମୃତଭଣ୍ଡା ତରକାରୀ କରିବାକୁ ଭାବିଥିଲେ। ଏଥି ପାଇଁ ସେ ନିଜ ବାଡ଼ିରୁ ଅମୃତଭଣ୍ଡା ତୋଳିବାକୁ ଯାଇଥିଲେ। ତେବେ ଅମୃତଭଣ୍ଡା ତାଙ୍କର ଜୀବନ ନେବ ବୋଲି ଚିନ୍ତା କରି ନଥିଲେ। ଗଛରୁ ତୋଳିବା ସମୟରେ ବେଳେ ତାଙ୍କର ମୁଣ୍ଡ ଓ ଛାତିରେ କିଛି ଅମୃତଭଣ୍ଡା ଖସି ପଡିଥିଲା। ଘଟଣାସ୍ଥଳରେ ଚନ୍ଦ୍ରକଳା ଅଚେତ ହୋଇ ପଡ଼ିଯାଇଥିଲେ। ପରିବାର ଲୋକେ ତାଙ୍କୁ ଅଚେତ ଅବସ୍ଥାରେ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ଡାକ୍ତରଖାନାରେ ଚନ୍ଦରାଳାଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି।

ଖବରପାଇ ଘଟଣାସ୍ଥଳରେ ବାଲିଗୁଡ଼ା ଥାନା ଅଧିକାରୀ ସମ୍ବିତ୍ ସ୍ୱାଇଁ ପହଁଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଥିବା ବେଳେ ଘଟଣାର ତଦନ୍ତ ଆରମ୍ଭ କରିଛି। ଗୋଛାପଡାରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହେଉଛି। ଏହି ଅଭାବନୀୟ ମୃତ୍ୟୁ ନେଇ ଚାରିଆଡେ ଚର୍ଚ୍ଚା ହେଉଛି।

## ଭିଜିଲାନ୍ସ ଜାଲରେ ମହିଳା ପୋଲିସ



**ଦଶମନ୍ତପୁର, ୧୮।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ନିଜେ ମହିଳା ହୋଇ ଜଣେ ଯୁବତୀଙ୍କୁ ନ୍ୟାୟ ଦେବା ବଦଳରେ ତାଙ୍କ ଠାରୁ ୨୦ ହଜାର ଟଙ୍କା ଲାଞ୍ଚ ନେଲା ବେଳେ ଭିଜିଲାନ୍ସ ଜାଲରେ ପଡ଼ିଲେ ଥାନା ଅଧିକାରୀ। ଅଭିଯୁକ୍ତ ଥାନା ଅଧିକାରୀ ହେଲେ ସୁକୁମା ହାଁସଦା। ଆଜି ସକାଳ ସାଢ଼େ ୧୦ଟା ସମୟରେ ଧରାପଡ଼ିଥିବା ଜୟପୁର ଭିଜିଲାନ୍ସ ଅଧିକାରୀଙ୍କ ଠାରୁ ସୂଚନା ମିଳିଛି। ଘଟଣାଟି ଘଟିଛି କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ସଦର ଥାନାରେ।

ସୂଚନା ଅନୁସାରେ ଗତ କିଛି ଦିନ ପୂର୍ବେ (ଶେଷ ପୃଷ୍ଠା ଦେଖନ୍ତୁ)

### ବିଧାୟକଙ୍କ ଦରମା ବୃଦ୍ଧି ପ୍ରସଂଗ

# ସହାନୁଭୂତି ହାସଲ କରିବାକୁ ପ୍ରତିଯୋଗିତା

**ଭୁବନେଶ୍ୱର, ୧୮।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

ବିଧାନସଭାର ଶୀତ ଅଧିବେଶନର ଶେଷ ଦିନରେ ବିଧାୟକମାନଙ୍କର ତିନିଗୁଣା ଦରମା ଓ ଭତ୍ତା ବୃଦ୍ଧିକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଲୋକଙ୍କ ପ୍ରତିକ୍ରିୟାକୁ ଦେଖି ବିଧାନସଭାରେ ବିରୋଧ କରିନଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ବର୍ଦ୍ଧିତ ଦରମା ଓ ଭତ୍ତା ନେବେ ନାହିଁ ବୋଲି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ

### ବେତନ ବୃଦ୍ଧି ପୁନର୍ବିଚାର ଲାଗି ବିଜେପି ବିଧାୟକଙ୍କ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ

ମୋହନ ମାଝୀଙ୍କୁ ଚିଠି ଲେଖି ଅନୁରୋଧ କରିଥିଲେ। ଏଥିନେଇ ମଧ୍ୟ ରାଜନୈତିକ ବୟାନବାଜି ହେଲା। ଯଦିଓ ସମସ୍ତେ ମିଳିମିଶି ଦରମା ଓ ଭତ୍ତା ବଢ଼ାଇଲେ, ହେଲେ ଏବେ କେହି ଚିହ୍ନା ପଡ଼ିବାକୁ ନାରାଜ। ସମସ୍ତେ ଚାହୁଁଛନ୍ତି ଲୋକଙ୍କ ଦୃଷ୍ଟି ଆକର୍ଷଣ ସହ ସହାନୁଭୂତି ହାସଲ କରିବାକୁ ପାଇଁ। ଜନଦରଦୀ ହେବାକୁ ମଧ୍ୟ



ପ୍ରୟାସ ଚାଲିଛି।

ଗୁରୁବାର ଦିନ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମରେ ବିଜେପି ରାଜ୍ୟ କାର୍ଯ୍ୟାଳୟରେ ବିଧାୟକ ଦଳ ବୈଠକରେ ଏନେଇ ଆଲୋଚନା ହୋଇଛି। ଏହାପରେ ବିଧାୟକମାନେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦରମା ବୃଦ୍ଧି ନିଷ୍ପତ୍ତିର ପୁନର୍ବିଚାର ପାଇଁ ପ୍ରସ୍ତାବ ଦେଇଥିବାର କୁହାଯାଉଛି। ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ଗଣମାଧ୍ୟମକୁ କହିଛନ୍ତି, ଲୋକମତକୁ ସମ୍ମାନ ଜଣାଇ ଦରମା ବୃଦ୍ଧି ନିଷ୍ପତ୍ତି ଉପରେ ପୁନର୍ବିଚାର କରିବାକୁ ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି। ଜନସାଧାରଣଙ୍କ ଭାବନାକୁ ଗୁରୁତ୍ୱ ଦେଇ ଏହି ପଦକ୍ଷେପ ନିଆଯାଇଛି ବୋଲି କହିଛନ୍ତି ମୁକେଶ ମହାଲିଙ୍ଗ।

ବିଧାୟକଙ୍କ ଦରମା ଓ ଭତ୍ତାବୃଦ୍ଧି ପ୍ରସଙ୍ଗରେ (ଶେଷ ପୃଷ୍ଠା ଦେଖନ୍ତୁ)

## ବର୍ଦ୍ଧିତ ଭତ୍ତା ନେବେନି ପ୍ରସାଦ



ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ପ୍ରସାଦ ହରିଚନ୍ଦନ ବର୍ଦ୍ଧିତ ଭତ୍ତା ନେବେ ନାହିଁ। ବିଧାୟକଙ୍କ ଭତ୍ତା ବାବଦକୁ ବଢ଼ିଥିବା ରାଶି ଗ୍ରହଣ କରିବେ ନାହିଁ ବୋଲି ଆଜି ପ୍ରସାଦ ହରିଚନ୍ଦନ ସାମ୍ବାଦିକ ସମ୍ମିଳନୀରେ ଏହି ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ, (ଶେଷ ପୃଷ୍ଠା ଦେଖନ୍ତୁ)

## ଗୁଣିଗାରେଡ଼ି ସନ୍ଦେହରେ ବୃଦ୍ଧଙ୍କୁ ହତ୍ୟା

**କାଳିମେଳା, ୧୮।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ମାଲକାନଗିରି ଜିଲ୍ଲା କାଳିମେଳା ବ୍ଲକରେ ପୁଣି ଏକ ଅଭାବନୀୟ ଘଟଣା ଘଟିଛି। ଅନ୍ଧବିଶ୍ୱାସକୁ ଜାବୁଡି ଧରିଥିବା ଲୋକେ ପୁଣି ହତ୍ୟାକାଣ୍ଡ ଭିଆଇଛନ୍ତି। ଗୁଣିଗାରେଡି ସନ୍ଦେହ କରି ଜଣେ ବୃଦ୍ଧଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଛି। ଜିଲ୍ଲାର କାଳିମେଳା ଥାନା ଅନ୍ତର୍ଗତ ଉସ୍କାପାଲୀ ଗ୍ରାମରେ ଏଭଳି ବର୍ବର କାଣ୍ଡ ଘଟିଛି। ମୃତ ବ୍ୟକ୍ତି ଜଣକ ହେଲେ ଉସ୍କାପାଲୀ ଗ୍ରାମର ମୁକ୍କା ପଡିଆମି(୫୨)।

ଘଟଣା ଅନୁଯାୟୀ ଗତ କିଛି ଦିନ ହେଲା ଉସ୍କାପାଲୀ ଗ୍ରାମରେ ଜଣକ ପରେ ଜଣେ ବ୍ୟକ୍ତିର ମୃତ୍ୟୁ ହୋଇଥିଲା। ଗ୍ରାମରେ କୋୟା ଆଦିବାସୀ ସଂପ୍ରଦାୟର ଲୋକେ ବାସ କରନ୍ତି। ଗାଁର ଲୋକଙ୍କ ମଧ୍ୟରେ ଅନ୍ଧବିଶ୍ୱାସ ଭରି ରହିଛି। ଆଜି ବି ଏହି ଗାଁର ଲୋକେ ଗୁଣିଗାରେଡି ଉପରେ ବିଶ୍ୱାସ କରନ୍ତି। ଗାଁରେ ମୃତ୍ୟୁ ହେଉଥିବାରୁ ଲୋକେ ଏହା ମୁକ୍କା ପଡିଆମିର କାମ ବୋଲି ସନ୍ଦେହ କରି ତାକୁ ଏକ ଧାରୁଆ ଅସ୍ତ୍ର ସାହାଯ୍ୟରେ



ହତ୍ୟା କରାଯାଇଛି। ପ୍ରକାଶ ଥାଉକି ପୂର୍ବରୁ ମଧ୍ୟ ମୁକ୍କାଙ୍କ ଦୁଇ ଭାଇକୁ ପୂର୍ବରୁ କେହି ଦୁର୍ବୃତ୍ତ ଗୁଣିଗାରେଡି ସନ୍ଦେହ କରି ହତ୍ୟା କରିସାରିଛନ୍ତି। ଘରର ମୁକ୍କା ହେଉଛନ୍ତି ତୃତୀୟ ବ୍ୟକ୍ତି, ଯିଏ କି ଲୋକଙ୍କର ଅନ୍ଧବିଶ୍ୱାସ ଯୋଗୁଁ ଆଜି ମୃତ୍ୟୁବରଣ କରିଛନ୍ତି।

ତେବେ ମୁକ୍କାକୁ କିଏ ହତ୍ୟା କରିଛି ତାହା ଜଣାପଡି ନାହିଁ। ମୃତ ମୁକ୍କାଙ୍କ ଭାଇ ଦେବ ପଡିଆମି ପୋଟେରୁ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଏତଲା ପାଇବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପୁଲିସ ସନ୍ଦେହରେ ଜଣକୁ ଆଣି ଅଟକ ରଖି ପଚରାଉଚରା କରୁଥିବା ଜଣାପଡିଛି। ତେବେ ସଚେତନତା ଅଭାବରୁ ଗୁଣିଗାରେଡି ହତ୍ୟା ଜିଲ୍ଲାରେ ବଢିବାରେ ଲାଗିଛି। ପୁଲିସ ଗତ ତିନି ବର୍ଷରେ କେହି ଏହି ଘଟଣାରେ ମୃତ୍ୟୁ କିମ୍ବା ହତ୍ୟାର (ଶେଷ ପୃଷ୍ଠା ଦେଖନ୍ତୁ)

## 'ଭିବି ଜି-ରାମ୍-ଜି' ବିଲ୍ ପାସ୍: 'ମନରେଗା' ଏବେ ଇତିହାସ

**ନୂଆଦିଲ୍ଲୀ, ୧୮।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ବିରୋଧୀଙ୍କ ପ୍ରବଳ ହଙ୍ଗାମା ଭିତରେ ଲୋକସଭାରେ ଗୁରୁବାର ପାସ୍ ହୋଇଛି ବିକଶିତ ଭାରତ ଗ୍ୟାରେଣ୍ଟି ଫର ରୋଜଗାର ଆଣ୍ଡ ଆଜୀବିକା ମିଶନ୍ (ଗ୍ରାମୀଣ) ବା 'ଭିବି ଜି-ରାମ-ଜି' ବିଲ୍ ୨୦୨୫। ଆଲୋଚନାରେ ୯୯ ଜଣ ସଦସ୍ୟ ଅଂଶଗ୍ରହଣ କରିଥିଲେ। ଏହି ପ୍ରସ୍ତାବିତ ଆଇନ ୨୦ ବର୍ଷ ପୁରୁଣା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଯୁକ୍ତି ଗ୍ୟାରେଣ୍ଟି ଆଇନ (ମନରେଗା)ର ସ୍ଥାନ ନେଇଛି। ଏହାକୁ ନେଇ ବିରୋଧି ସାଂସଦଙ୍କ ପକ୍ଷରୁ ହୋଇଥିଲା ଜୋରଦାର ହଙ୍ଗାମା। ବିରୋଧି ସରକାରଙ୍କ ଉପରେ ମହାତ୍ମା ଗାନ୍ଧୀଙ୍କ ଅପମାନ କରିବା ଓ ମହାତ୍ମା ଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟି ନିୟମ (ମନରେଗା)ର ବ୍ୟବସ୍ଥାକୁ ଦୁର୍ବଳ କରିବା ନେଇ ଅଭିଯୋଗ କରିଛି।

କେନ୍ଦ୍ର କୃଷି ଏବଂ ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ବିଲ୍ ଉପସ୍ଥାନିତ କରିଥିଲେ। ଗୃହରେ ବିଲ୍ ଉପରେ ଆଲୋଚନା ପରେ ଏହା ଧ୍ୱନୀମତରେ ଗୃହୀତ ହୋଇଛି। ବିଲ୍ ପାସ୍ ହେବା ମାତ୍ରେ ଲୋକସଭା ବାଚସ୍ପତି ଓମ୍ ବିର୍ଲା ମଧ୍ୟାହ୍ନ ୧ଟା ୭ ମିନିଟରେ ଗୃହକୁ ଶୁକ୍ରବାର ସକାଳ ୧୧ ଟା ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ। ଲୋକସଭା ବାଚସ୍ପତି ଓମ୍ ବିର୍ଲା ଗୁରୁବାର ବିରୋଧୀଙ୍କ ପକ୍ଷରୁ 'ବିକଶିତ ଭାରତ-ଜୀ ରାମ ଜୀ ବିଲ୍, ୨୦୨୫'କୁ ଆଲୋଚନା ପାଇଁ ସଂସଦୀୟ କମିଟିକୁ ପଠାଇବା ଦାବିକୁ ପ୍ରତ୍ୟାଖ୍ୟାନ କରିଥିଲେ। ଏହାପରେ ବିରୋଧି ସାଂସଦଙ୍କ ପକ୍ଷରୁ ହୋଇଥିଲା ଜୋରଦାର ହଙ୍ଗାମା। ବିରୋଧି ସରକାରଙ୍କ ଉପରେ ମହାତ୍ମା ଗାନ୍ଧୀଙ୍କ ଅପମାନ କରିବା ଓ ମହାତ୍ମା ଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ରୋଜଗାର




ଗ୍ୟାରେଣ୍ଟି ନିୟମ (ମନରେଗା)ର ବ୍ୟବସ୍ଥାକୁ ଦୁର୍ବଳ କରିବା ନେଇ ଅଭିଯୋଗ କରିଛି। ଏହି ସମୟରେ, ବିରୋଧୀ ଦଳ ସାଂସଦମାନେ ବିଲ୍ ବିରୋଧରେ ସ୍ଲୋଗାନ ଦେଇଥିଲେ। ବିରୋଧୀ ସଂସଦର ଭେଲ୍ ଭିତରକୁ ପଶି କାଗଜ ଫିଙ୍ଗିଥିଲେ। କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଏହା ଉପରେ ପ୍ରତିକ୍ରିୟା ଦେଇଥିଲେ। କହିଥିଲେ 'ମନରେଗା' ମୂଳତଃ ମହାତ୍ମା ଗାନ୍ଧୀଙ୍କ ନାମରେ (ଶେଷ ପୃଷ୍ଠା ଦେଖନ୍ତୁ)

## ଆଲୋକୀକରଣ ଏବେ ନେତାଙ୍କ ପାଇଁ ଭଲ ବ୍ୟବସାୟ

**କେନ୍ଦ୍ରାପଡ଼ା, ୧୮।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାସ୍ତାଘାଟ, କୋଠାବାଡ଼ି, ଜଳପ୍ରକଳ୍ପ ଆଦି ଉନ୍ନୟନ ପ୍ରକଳ୍ପ ଅପେକ୍ଷା ଆଲୋକୀକରଣ ଜନ ପ୍ରତିନିଧିମାନଙ୍କ ପାଇଁ ଏବେ ସବୁଠାରୁ ଭଲ ବ୍ୟବସାୟ । ଯଦିଓ କିଛି ବର୍ଷ ପୂର୍ବରୁ କମ୍ପୁଟର ଯୋଗାଣରେ ଟିକେ ଭଲ ଦି'ପଇସା ମିଳୁଥିଲା ତାହା ଆଉ ନାହିଁ। କାରଣ ଗୋଟିଏ ଗୋଟିଏ ସ୍କୁଲରେ ଦୁଇ ତିନି ଥର ଲେଖାଏଁ କମ୍ପୁଟର ଯୋଗାଣ ହୋଇସାରିଛି ଏବଂ ତା'ପରେ ୫-ଟିରେ କମ୍ପୁଟର ଯୋଗାଣ ହେବା ପରେ ଏବେ ଆଉ ସିଆଡ଼େ କେହି ମନ ଦେଇ ଲୋକଚକ୍ଷୁରେ ଧରାପଡ଼ିବା ସହିତ ଭାଣ୍ଡିଆ ହେବାକୁ ଚାହୁଁ ନାହାଁନ୍ତି । ଆଲୋକୀକରଣ ପାଇଁ ଅର୍ଥ ବ୍ୟବସ୍ଥା କଲେ ବା ପାଣ୍ଠି ଯୋଗାଇଦେଲେ ଠିକାଦାରମାନେ ଅନ୍ୟାନ୍ୟ କାମ ପାଇଁ ୧୦% ବଟି ଦେଉଥିବା ସ୍ଥଳେ ଆଲୋକୀକରଣ ପାଇଁ ୩୦% ବଟି ଦେଉଛନ୍ତି । ଅବଶ୍ୟ ଗତ ସରକାର ବେଳୁ ଏହି ରେଟ୍ ଚାଲିଛି । ସେଥିପାଇଁ ଲୋକସଭା ସଦସ୍ୟଙ୍କ ଠାରୁ ଆରମ୍ଭକରି ରାଜ୍ୟସଭା ସଦସ୍ୟ, ବିଧାୟକ ଓ ଜିଲ୍ଲା ପରିଷଦ ସଦସ୍ୟଙ୍କ ଯାଏ ଆଲୋକୀକରଣ ପାଇଁ ଅଧିକ ଟଙ୍କା ଯୋଗାଇ ଦେଉଛନ୍ତି । ତା ହୋଇନଥିଲେ ରାଜ୍ୟର ଜଣେ କୁହାଳିଆ ବିଜେଡ଼ି ରାଜ୍ୟସଭା ସଦସ୍ୟା କେନ୍ଦ୍ରାପଡ଼ା ଜିଲ୍ଲାର ନିର୍ଦ୍ଦିଷ୍ଟ ପଂଚାୟତକୁ କୋଟିଏ ଟଙ୍କା ଆଲୋକୀକରଣ ପାଇଁ ଦେଇ ନଥାନ୍ତେ ବୋଲି ବିଭିନ୍ନ ମହଲରେ ଆଲୋଚିତ ହୋଇ ଆସୁଛି । ହେଲେ ଜିଲ୍ଲାର ପ୍ରମୁଖ ରାସ୍ତା ହେଉ କି ଗ୍ରାମାଂଚଳର ରାସ୍ତା ହେଉ ସେ ସବୁ ରାସ୍ତାରେ ଲାଗିଥିବା ଲାଇଟ୍ ଗୁଡ଼ିକୁ ଦେଖିଲେ ଅଭିଯୋଗ ମାନ ଯେ ଆଦୌ ନିରାଧାର ନୁହେଁ ତାହା ଯିଏ କେହି ବି ବୁଝିପାରିବେ । କେଉଁଠି ଖୁଣ୍ଟରେ ଲାଇଟ୍ ନାହିଁ ତ କେଉଁଠି ଲାଇଟ୍ ଅଛି ଜଳୁନାହିଁ । ଖୋଦ୍ ଜିଲ୍ଲା ସଦରମହକୁମାସ୍ଥ କଟକ-ଚାନ୍ଦବାଲି ରାସ୍ତାରେ ଦୁହୁରିଆ ଠାରୁ ଗରାପୁର ଯାଏ ପୂର୍ବତନ ଏମପି ଓ ପୂର୍ବତନ ବିଧାୟକ ଲଗାଇଥିବା ଲାଇଟ୍‌କୁ ଦେଖିଲେ ଏଥିରୁ ଅଧାରୁ ଅଧିକ ଲାଇଟ୍ ବହୁ ଦିନ ହେଲାଣି ଆଉ ଜଳୁନାହିଁ । ଗାଁ ଗହଳର ଅବସ୍ଥା ନକହିଲେ ଭଲ । କେବଳ ପୌରାଂଚଳରେ ପୌରସଂସ୍ଥା କେଉଁଠି ଲାଇଟ୍ ନଜଳିଲେ ପୁନଃ ଲାଇଟ୍ ଲଗାଇ ଦେଉଥିବାରୁ ଲୋକେ ଟିକେ ଆଶ୍ୱସ୍ତ । ନହେଲେ ସେ ପ୍ରମୁଖ ରାସ୍ତା ହେଉ କି ଗାଁ ଗହଳ ରାସ୍ତା ହେଉ ଲାଇଟ୍ ଲଗାରେ ପ୍ରତିବର୍ଷ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ହେଉଛି ସିନା ଛଅମାସ ପରେ ଯେଉଁ ଅନ୍ଧାରକୁ ସେହି ଅନ୍ଧାର । ସବୁଠାରୁ ଉଦ୍‌ବେଗର କଥା ହେଲା ୩୦% ବଟି ଦେଇ ଜନପ୍ରତିନିଧିଙ୍କ ଠାରୁ ଲାଇଟ୍ ଲଗାଇବାକୁ ଟଙ୍କା ମଂଜୁର କରାଇବା ପରେ କର୍ମୀ-ଠିକାଦରମାନେ ଆଦୌ ଲାଇଟ୍ ନଲଗାଇ ସଂପୂର୍ଣ୍ଣ ଟଙ୍କାକୁ ହଡ଼ପ କରୁଥିବା ଘଟଣା ମଧ୍ୟ ଏହି ଜିଲ୍ଲାରେ ବିରଳ ନୁହେଁ । ନିକଟରେ ପଟ୍ଟାମୁଣ୍ଡାଇ ବ୍ଲକ୍‌ର ଜଣେ ଜେଇଙ୍କୁ ବିନା ଲାଇଟ୍‌ରେ ଟଙ୍କା ହଡ଼ପ କରାଯିବା ଅଭିଯୋଗରେ ଭିଜିଲାନ୍ସ ଗିରଫ କରିବା ଏହି ଚିତ୍ରକୁ ପଦାରେ ପକାଇ ଦେଇଛି । ଜେଇ ଜଣକ ସବୁ ଟଙ୍କା ଖାଇଯାଇଥିବେ କୁହାଯାଇନପାରେ। (ଶେଷ ପୃଷ୍ଠା ଦେଖନ୍ତୁ)

## ନିଆଁ ଲଗାଇ ବଧୂ ହତ୍ୟା ଉଦ୍ୟମ

**ରାଜନଗର, ୧୮।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ତାଳଚୁଆ ସାମୁଦ୍ରିକ ଥାନା ଅଂଚଳରେ ଜଣେ ବୋହୂଙ୍କୁ ପରିବାର ଲୋକେ କିରୋସିନ ଢାଳି ନିଆଁ ଲଗାଇ ମାରିଦେବାକୁ ଉଦ୍ୟମ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ତାଳଚୁଆ ସାମୁଦ୍ରିକ ଥାନାରେ ବାଘମାରୀ ପଚାଂୟତ ଖାସମୁଣ୍ଡା ଗ୍ରାମର ଲକ୍ଷ୍ମଣ ମଣ୍ଡଳ କରିଥିବା ଅଭିଯୋଗ ଅନୁଯାୟୀ, ତାଙ୍କ ଝିଅ ସାନଝିଅ କବିତା ମଣ୍ଡଳ(୨୨) କେରୁଆଁପାଳ ପଚାଂୟତ ଶୈଳେନ୍ଦ୍ରସରାଇ ଗ୍ରାମର ସୁନିଲ ଖଟୁଆଙ୍କ ମଝିଆ ପୁଅ ନିତାଇ ଖଟୁଆ (୨୬)ଙ୍କ ସହିତ ୪ବର୍ଷ ପୂର୍ବେ ବିବାହ କରାଇଥିଲେ । ତିନିବର୍ଷ ଓ ଦେଢ ବର୍ଷର ଦୁଇ ପୁଅ ଅଛନ୍ତି । ଶାଶୁଘର ଲୋକେ ତାକୁ ଶାରିରୀକ ଓ ମାନସିକ ନିର୍ଯାତନା ଦେଇ ଆସୁଥିଲେ । ଅନେକ ଥର ଭଦ୍ରବ୍ୟକ୍ତିଙ୍କ ମାଧ୍ୟମରେ ଆପୋଷ ସମାଧାନ କରାଯାଇଥିଲା । ମାତ୍ର ଗତ ୧୬ତାରିଖ ମଙ୍ଗଳବାର ଦିନ ଅପରାହ୍ନରେ ସ୍ୱାମୀ ନିତାଇ ଖଟୁଆ, ଶ୍ୱଶୁର ସୁନିଲ ଖଟୁଆ, ଶାଶୁ ପୁତୁଲ ଖଟୁଆ, ଦିଅର ଲିପୁନ ଖଟୁଆ ମିଶି ତାଙ୍କ ଝିଅ ଉପରେ କିରୋସିନ ଢାଳି ନିଆଁ ଲଗାଇ ଜୀବନରୁ ମାରିଦେବାକୁ ଉଦ୍ୟମ କରୁଥିଲେ । ତାର ଚିତ୍କାର ଶୁଣି ପଡୋଶୀ ପହଂଚି ପାଣି ଢାଳି ଦେବାରୁ ଅର୍ଦ୍ଧ ଦଗ୍ଧ ଅବସ୍ଥାରେ ଜୀବନ ସହ ସଂଘର୍ଷ କରୁଥିଲା । ଖବରପାଇ ତାକୁ ଆମେ ତାଳଚୁଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଇଥିଲୁ । ତାର ଅବସ୍ଥା ଗୁରୁତର ଥିବାରୁ କଟକ ବଡ ମେଡିକାଲରେ ଚିକିତ୍ସା କରାଉଛୁ । ସେ ଜୀବନ ମରଣ ସହ ସଂଘର୍ଷ କରୁଥିବା ବେଳେ ଆସାମୀମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି । ଅଭିଯୋଗ ପାଇବା ପରେ ପୋଲିସ ୧୬୯/୨୫ରେ ମାମଲା ରୁଜୁ କରିବା ସହ ସ୍ୱାମୀ, ଶ୍ୱଶୁର ଓ ଦିଅରଙ୍କୁ ଥାନାରେ ଅଟକ ରଖିଛି । ଶୁକ୍ରବାର ଦିନ ସେମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଆଇଆଇସି ବିମଳକୁମାର ମଲ୍ଲିକ ସୂଚନା ଦେଇଛନ୍ତି ।

# ବିତ୍ତଶାଳୀ ନେତା ମୋକିମ କଂଗ୍ରେସରୁ ବିଦା ହେବା ଅନ୍ତରାଳେ...

**ନୂଆଦିଲ୍ଲୀ, ୧୮।୧୨**
**ସ୍ୱତନ୍ତ୍ର ପ୍ରତିନିଧି**

ଓଡ଼ିଶାରେ କଂଗ୍ରେସ ସଂଗଠନ ପାଇଁ ସମ୍ବଳର ଘୋର ଅଭାବ ଥିଲାବେଳେ ଉପକୂଳର ବିତ୍ତଶାଳୀ ନେତା ମହମ୍ମଦ ମୋକିମଙ୍କୁ ଦଳରୁ ବିଦା କରିବା ପାଇଁ ତତ୍‌କ୍ଷଣାତ୍ ନିଷ୍ପତ୍ତି ନିଆଯିବା ପଛର କାରଣକୁ ନେଇ ରାଜନୈତିକ ମହଲରେ ତର୍ଜମା ଚାଲିଛି।

ମୋକିମ ରାଜ୍ୟ ତଥା କେନ୍ଦ୍ର ନେତୃତ୍ୱକୁ ସମାଲୋଚନା କରି ସୋନିଆ ଗାନ୍ଧିଙ୍କୁ ଚିଠି ଲେଖିବା ଓ ତାକୁ ସାର୍ବଜନୀନ କରିବାର ମାତ୍ର ତିନିଦିନ ପରେ ତାଙ୍କୁ ଦଳରୁ ବହିଷ୍କାର କରାଯାଇଛି। ଯଦିଓ ସେ ଦଳବିରୋଧୀ କାର୍ଯ୍ୟରେ ଲିପ୍ତ ଥିବାରୁ ତାଙ୍କୁ ଦଳରୁ ବାହାର କରାଯାଇଛି ବୋଲି ବିଜ୍ଞପ୍ତି ଜାରି ହୋଇଛି ତେବେ ଏହା ପଛରେ ଅନ୍ୟ ରାଜନୈତିକ କାରଣ ଥିବା ଜଣାପଡ଼ିଛି।

ଏଆଇସିସି ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ଓଡ଼ିଶାରେ ବିଜେଡିକୁ ଭାଙ୍ଗିବା, କଂଗ୍ରେସ ସଂଗଠନକୁ ଆହୁରି ଦୁର୍ବଳ କରି ଆଗାମୀ ଦୁଇ ଦଶନ୍ଧି ଯାଏଁ କ୍ଷମତାରେ ରହିବା ପାଇଁ ବିଜେପି ପ୍ରସ୍ତୁତି ଚଳାଇଛି। ଏହି ପ୍ରସ୍ତୁତିର ଅଂଶ ସ୍ୱରୂପ ମହମ୍ମଦ ମୋକିମଙ୍କୁ ବିଜେପି ଅସ୍ତ୍ର କରିଥିବା ଦଳ ଅନୁମାନ କରୁଛି। ପୂର୍ବରୁ ରାଷ୍ଟ୍ରପତି ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କୁ ଭୋଟ୍ ନଦେଇ କଂଗ୍ରେସ ବିଧାୟକ ମୋକିମ ବିଜେପି ପ୍ରାର୍ଥୀଙ୍କୁ ଭୋଟ୍ ଦେଇଥିଲେ। ଏଥିନେଇ ରାଜନୈତିକ ମହଲରେ ଭିନ୍ନ ଚର୍ଚ୍ଚା ହେଉଥିଲା। ମୋକିମ ଗ୍ରାମ୍ୟ ଗୃହ ନିର୍ମାଣ ନିଗମ ଦୁର୍ନୀତିରେ ସଂପୃକ୍ତ ରହି ଦୋଷୀ ସାବ୍ୟସ୍ତ ହେବା ଓ ଜାମିନରେ ଥିବାବେଳେ ତାଙ୍କର ବ୍ୟବସାୟିକ ସାମ୍ରାଜ୍ୟର ସ୍ୱାର୍ଥ ରକ୍ଷା ପାଇଁ କେନ୍ଦ୍ରର ବିଜେପି ସରକାର ସହ ଭିତିରି ସନ୍ଧି କରିଥିବାର ଚର୍ଚ୍ଚା ହେଉଥିଲା। କିନ୍ତୁ ସବୁ କଳ୍ପନାଜଳ୍ପନାର ଅବସାନ ଘଟିଲା। କଂଗ୍ରେସ ତାଙ୍କ ବିରୋଧରେ ନେଇଥିବା କାର୍ଯ୍ୟାନୁଷ୍ଠାନକୁ ପ୍ରତ୍ୟାହାର କଲା, ତାଙ୍କ କନ୍ୟା ସୋଫିଆଙ୍କୁ କଟକରୁ ଦଳୀୟ ଟିକେଟ୍ ଦେଲା ଓ ସେ ଜିତିଲେ ମଧ୍ୟ। ତାଙ୍କ ଅନୁଗତମାନେ ଆଶା କରୁଥିଲେ ମୋକିମଙ୍କୁ ପିସିସି ସଭାପତି ପଦ ମିଳିବ। କିନ୍ତୁ ପିସିସି ସଭାପତି ହେଲେ ଭକ୍ତ ଚରଣ ଦାସ। ସେବେଠୁ ସେ ସେତେଟା ଖୁସି ନଥିଲେ। ନୂଆପଡ଼ା ନିର୍ବାଚନ ପରେ ଯଦିଓ ସେ ବିଷୋଦ୍‌ଗାର କରୁଥିଲେ କିନ୍ତୁ ସୋନିଆ ଗାନ୍ଧିଙ୍କୁ ଚିଠି ଲେଖିବା ପରେ ସେ ବିବାଦୀୟ ହୋଇପଡ଼ିଲେ।

ବିଜେପି ନେତାମାନେ ରାଷ୍ଟ୍ରୀୟ ସ୍ତରରେ ଯେଉଁ ଢଙ୍ଗରେ ରାହୁଲ ଗାନ୍ଧିଙ୍କୁ ଟାର୍ଗେଟ କରୁଛନ୍ତି ଠିକ୍ ସେଇ ସ୍ୱରରେ ମୋକିମ ଚିଠି ଲେଖିଥିଲେ। ତାଙ୍କ ଚିଠିରେ ସେ ମିଳିନ୍ଦ ଦେଓରା, ଜ୍ୟୋତିରାଦିତ୍ୟ ସିନ୍ଧିଆ, ହିମନ୍ତ ବିଶ୍ୱଶର୍ମା ପ୍ରମୁଖ କଂଗ୍ରେସ ଛାଡ଼ି ଚାଲିଯିବା ପଛରେ ସେମାନଙ୍କୁ ଅଣଦେଖା କରାଯିବା ଉଲ୍ଲେଖ କରିଥିଲେ। ସଚିନ ପାଇଲଟ, ଡିକେ ଶିବକୁମାର ପ୍ରମୁଖଙ୍କୁ ଆଗକୁ ଆଣିବା ସହ ପ୍ରିୟଙ୍କା ଗାନ୍ଧିଙ୍କୁ ନେତୃତ୍ୱ ଦେବା ସପକ୍ଷରେ ଯୁକ୍ତି ଦର୍ଶାଇଥିଲେ ସେ। ଜ୍ୟୋତିରାଦିତ୍ୟ ହୁଅନ୍ତୁ କି ମିଳିନ୍ଦ ହୁଅନ୍ତୁ ଅବା ସଚିନ ପାଇଲଟ ହୁଅନ୍ତୁ ଏମାନେ ସମସ୍ତେ ୟୁପିଏ ସରକାରରେ ମନ୍ତ୍ରୀ ଥାଇ କ୍ଷମତାରୁ ବେଶ୍ ମଜା ଲୁଟିଥିଲେ। ଗୁଲାମନବୀ ଆଜାଦ ମଧ୍ୟ କମ୍ ମଜା ଲୁଟିନଥିଲେ ୟୁପିଏ ସରକାର ସମୟରେ। ବିଜେପିର ପ୍ରୋତ୍ସାହନରେ ସଚିନ ପାଇଲଟ ରାଜସ୍ଥାନର ଗେହଲୋଟ ସରକାରକୁ ଅସ୍ଥିର କରିବା ନେଇ ଜୋରଦାର ଚର୍ଚ୍ଚାବେଳେ କଂଗ୍ରେସ ନେତୃତ୍ୱ ସହ ଯୋଗାଯୋଗ ପରେ ସେ ସେଥିରୁ ଦୂରେଇ ଯିବା ଫଳରେ ନିଜର ଭବିଷ୍ୟତ ରାଜନୀତିକୁ ସୁରକ୍ଷିତ ରଖିପାରିଥିଲେ। କିନ୍ତୁ ଦେଓରା (ଶେଷ ପୃଷ୍ଠା ଦେଖନ୍ତୁ)

## ପାଗଯୋଗ ଦେଖି ନିଷ୍ପତ୍ତି ନେବେ



କଂଗ୍ରେସରୁ ବହିଷ୍କୃତ ନେତା ମହମ୍ମଦ ମୋକିମ୍ ସୋନିଆ ଗାନ୍ଧିଙ୍କୁ ଲେଖିଥିବା ଚିଠି ସଂପର୍କରେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ସେ ରାଜନୀତି ଛାଡୁନାହାନ୍ତି, ରାଜନୀତି କରିବେ ଓ ଆଗାମୀ ୩/୪ଦିନ ଭିତରେ ଓଡ଼ିଶା ବୁଲିବେ। ତା'ପରେ ପରବର୍ତ୍ତୀ ପଦକ୍ଷେପ ନେବେ। ସେ ଯେଉଁ ଚିଠି ଲେଖିଥିଲେ ତା'ର ପ୍ରଭାବ ପଡ଼ିଛି। ସେ ଦଳରେ ନଥିଲେ ମଧ୍ୟ କଂଗ୍ରେସର ବିଚାର ସହିତ ରହିଥିବା ପ୍ରକାଶ କରିଛନ୍ତି। ରାଜନୈତିକ ପାଣିପାଗ ଦେଖି ସେ ତାଙ୍କର ପରବର୍ତ୍ତୀ ପଦକ୍ଷେପ ସଂପର୍କରେ ନିଷ୍ପତ୍ତି ନେବେ ବୋଲି କହିଛନ୍ତି।

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର ୧୯ ଡିସେମ୍ବର ୨୦୨୫ । ଶୁକ୍ରବାର




# ସଡ଼କ ଦୁର୍ଘଟଣାରେ ଦାଦା-ପୁତୁରା ମୃତ

**ଚାନ୍ଦବାଲି: ଏକ୍ସପ୍ରେସ ନ୍ୟୁଜ୍**

ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ଚାଲିଯାଇଛି ଦୁଇ ଜଣଙ୍କ ଜୀବନ । ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ୍ ଧାମରା ବାଂଶଡ଼ା ଥାନା ଅନ୍ତର୍ଗତ ଗୁଆଁଳ ନିକଟରେ ଘଟିଛି ଏଭଳି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ତେବେ ଦୁର୍ଘଟଣା କେମିତି ଘଟିଛି ଜଣାପଡିନଥିବା ବେଳେ ପୋଲିସ ଘଟଣାର ତଦନ୍ତ ଜାରି ରଖିଛି ।

ସୂଚନାଯୋଗ୍ୟ ଯେ, ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ୍ ଧାମରା ପୋର୍ଟ ରୋଡ଼ ଗୁଆଁଳ ଠାରେ ଦୁର୍ଘଟଣାର ଶୀକାର ହୋଇ ଦୁଇ ଜଣ ପଡ଼ିଥିଲେ । ସ୍ଥାନୀୟ କିଛି ଯୁବକଙ୍କ ନଜରରେ ଏହା ପଡ଼ିବା ପରେ ଯୁବକମାନେ ଉଭୟଙ୍କୁ ଉଦ୍ଧାର କରିଥିଲେ । ସେହି ସମୟରେ ଧାମରା ଏବଂ ଧାମରା ସାମୁଦ୍ରିକ ଥାନାର ଗାଡ଼ି ଯାଉଥିବା ବେଳେ ପୋଲିସ କର୍ମଚାରୀମାନେ ସ୍ଥାନୀୟ ଯୁବକଙ୍କ ସହଯୋଗରେ ଉଦ୍ଧାର କରି ଚାନ୍ଦବାଲି ମେଡ଼ିକାଲରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ଦୁଇ ଜଣଙ୍କୁ ମୃତ ଘୋଷଣା କରିଛନ୍ତି ।

ତେବେ ଯୁବକ ଦୁଇ ଜଣ ଚାନ୍ଦବାଲିରୁ ଦୋସିଙ୍ଗା ଅଭିମୁଖେ ଏକ ବାଇକ୍ ଯୋଗେ ଯାଉଥିବା ନେଇ ସୂଚନା ମିଳିଛି । ଜଣେ ମୃତକ ନିରଞ୍ଜନ ଜେନାଙ୍କ ପୁଅ ରାକେଶ ଜେନା ଏବଂ ଅନ୍ୟ ଜଣେ ମଧୁସୂଦନ ଜେନାଙ୍କ ପୁଅ ମାନସ ଜେନା ବୋଲି ଜଣାପଡ଼ିଛି । ମୃତକ ଦୁଇ ଜଣ ସମ୍ପର୍କରେ ଦାଦା ଓ ପୁତୁରା ହେବେ । ଉଭୟଙ୍କ ଘର ଦୋସିଙ୍ଗା ପଞ୍ଚାୟତ ପ୍ରଦ୍ୟୁତନଗର ବୋଲି ଜଣାପଡ଼ିଛି । ତେବେ ଦୁର୍ଘଟଣା କେମିତି ଘଟିଛି ସେ ନେଇ କିଛି ସ୍ପଷ୍ଟ ସୂଚନା ମିଳିନାହିଁ ।

## ଅଧ୍ୟାପିକାଙ୍କ ସନ୍ଦେହଜନକ ମୃତ୍ୟୁ, ପୁରୁଷ ବନ୍ଧୁ ଗିରଫ

**କେନ୍ଦୁଝର: ଏକ୍ସପ୍ରେସ ନ୍ୟୁଜ୍**

କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ ମାଇନିଂରୋଡ଼ସ୍ଥିତ ନିର୍ମଳା କନ୍‌ଭେଣ୍ଟ ସ୍କୁଲ ପାଖରେ ଏକ ଘରେ ରହୁଥିବା ଅତିଥି ଅଧ୍ୟାପିକାଙ୍କୁ ହତ୍ୟା କରାଯାଇଛି । ମୃତ ମହିଳା ବାଲେଶ୍ୱର ଜିଲ୍ଲା ଗୋପାଳପୁର ଥାନା ରେମୁଣା ପଞ୍ଚାୟତ ଅନ୍ତର୍ଗତ ତାଳପଦା ଗ୍ରାମର ପ୍ରିୟଙ୍କା ଦାଶ(୨୯) । ସେ ୨ ବର୍ଷ ହେଲା ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟରେ ଗୃହ ବିଜ୍ଞାନ ବିଭାଗରେ ଅତିଥି ଅଧ୍ୟାପକ ଭାବେ କାର୍ଯ୍ୟରତ ଥିଲେ । ପ୍ରିୟଙ୍କାଙ୍କ ଦାଦା ହେମେନ୍ଦ୍ର ପ୍ରସାଦ ଦାଶ ଓ ଖୁଡ଼ୀ ପଦ୍ମଜା ଦାଶ ଝିଆରୀଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ପୁରୁଷ ବନ୍ଧୁଙ୍କୁ ଗିରଫକରି ତନାଘନା ଆରମ୍ଭ କରିଛି । ଗିରଫ ଅଭିଯୁକ୍ତ କେନ୍ଦୁଝର ପୁରୁଣା ସହରର ରୁଦ୍ର ମିଶ୍ର । ଅଭିଯୋଗ ଅନୁଯାୟୀ, ବୁଧବାର ସକାଳ ୧୦ଟା ୫୫ ମିନିଟ୍‌ରେ ରୁଦ୍ର ମିଶ୍ର ନିଜକୁ ଅଧ୍ୟାପକ ପରିଚୟ ଦେଇ ଝିଅ ରୁମ୍‌ରେ ତାଲା ପକାଉଥିବା ବେଳେ ଟଳି ପଡ଼ିଲେ । ଡାକ୍ତରଖାନା ନେବା ପରେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ବୋଲି କହିଥିଲେ । ଦାଦା ହେମେନ୍ଦ୍ର ଓ ଖୁଡ଼ୀ ପଦ୍ମଜା କେନ୍ଦୁଝର ମେଡିକାଲରେ ପହଞ୍ଚିବା ପରେ ଝିଆରୀଙ୍କ ମୃତ୍ୟୁ ହୋଇଥିବା ଦେଖିବାକୁ ପାଇଥିଲେ । ବେକ୍‌ରେ ଏକ ଚିହ୍ନ ଥିବାରୁ ସନ୍ଦେହ ହୋଇଥିଲା ବୋଲି ପଦ୍ମଜା ଦାଶ କହିଛନ୍ତି । ଝିଆରୀଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ଏବଂ ଫୋନ୍ କରିଥିବା ରୁଦ୍ର ମିଶ୍ରଙ୍କୁ ଦାୟୀକରି ଅଭିଯୋଗ କରିଥିଲେ । ପୋଲିସ ମୃତଦେହ ଜବତକରି ଜିଲା ମୁଖ୍ୟ ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରି ଘଟଣାର ଅଧିକ ତଦନ୍ତ କରୁଛି । ଟାଉନ ଥାନା ଅଧିକାରୀ ଶ୍ରୀକାନ୍ତ ସାହୁ କହିଛନ୍ତି, ଅଭିଯୋଗ ଆଧାରରେ ଏକ ହତ୍ୟା ମାମଲା(ନଂ.୯୭୪/୨୦୨୫) ରୁଜୁକରି ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଗୁରୁବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ସୂଚନା ଦେଇଛନ୍ତି ।

ସୂଚନାଯୋଗ୍ୟ, ଅଭିଯୁକ୍ତ ଜଣେ ଆଇନଜୀବୀ ହୋଇଥିବା ବେଳେ କେନ୍ଦୁଝର ଜିଲ୍ଲା ଟ୍ରକ୍ ମାଲିକ ସଂଘର କୋଷାଧ୍ୟକ୍ଷ ଅଛନ୍ତି । ତାଙ୍କର ନିଜ ଘର ପୁରୁଣା ସହରରେ ଥିବାବେଳେ ସେ ଗତ କିଛି ବର୍ଷ ହେବ ନିର୍ମଳା କନ୍‌ଭେଣ୍ଟ ସ୍କୁଲଠାରେ ଥିବା ଅନ୍ୟ ଏକ ଘରେ ଏକୁଟିଆ ରହୁଥିଲେ । ଅତିଥି ଅଧ୍ୟାପିକା ମଙ୍ଗଳବାର ଛୁଟିରେ ଉକ୍ତ ଘରକୁ ଯାଇଥିଲେ । ବୁଧବାର ତାଙ୍କର ମୃତ୍ୟୁ ହେବା ଘଟଣା ଅଧିକ ଚର୍ଚ୍ଚାର ବିଷୟ ହୋଇଛି ।

## ଖଡ଼ିଆଳ ଅଞ୍ଚଳରେ ହାତୀ ପଲ ଆତଙ୍କ

**ନୂଆପଡ଼ା: ଏକ୍ସପ୍ରେସ ନ୍ୟୁଜ୍**

ନୂଆପଡ଼ା ଓ ବଲାଙ୍ଗୀର ଜିଲ୍ଲା ସୀମାନ୍ତରେ ହାତୀ ଉପଦ୍ରବ ଗୁରୁବାର ଦେଖିବାକୁ ମିଳିଛି । ଯାହାଫଳରେ ଭୟଭୀତ ହୋଇ ପଡିଛନ୍ତି ଖଡ଼ିଆଳ ବ୍ଲକର ଭୋଜପୁର ଗ୍ରାମବାସୀ । ଝାରଖଣ୍ଡ ଅଞ୍ଚଳରୁ ୩୦ ଟିକିଆ ହାତୀ ପଲ ପଶି ଆସିଛନ୍ତି । ଖଡିଆଳ ବ୍ଲକ୍ ଭୋଜପୁର୍ ଗ୍ରାମପଞ୍ଚାୟତ ସହ ବଲାଙ୍ଗୀର ଜିଲ୍ଲା ସୀମାନ୍ତରେ ହାତୀ ପଲର ଉପଦ୍ରବ ଲାଗି ରହିଅଛି । ଗ୍ରାମକୁ ଆସି ଘର ଭିତରେ ଥିବା ଧାନ, ମାଣ୍ଡିଆ ଓ ଚାଷୀ ଅମଳ କରି ରଖିଥିବା କୃଷିଜାତ ଦ୍ରବ୍ୟକୁ ଖାଇ ନଷ୍ଟ କରୁଛନ୍ତି । ଯୁବାମାଲ ଗ୍ରାମରେ କୃଷ୍ଣରାମ ଆଡଯୁଏଡଙ୍କ ଘର ଭାଙ୍ଗି ଥିବା ବେଳେ ନିକଟରେ ଥିବା ଅନ୍ୟ ଏକ ଘରର ଝରକା ଭାଙ୍ଗି ଯାଇଛି । ହାତୀ ପଲ ପଶି ବ୍ୟାପକ ଆତଙ୍କ ସୃଷ୍ଟି କରିଥିବା ବେଳେ ଗ୍ରାମବାସୀ ଭୟଭିତ ହୋଇପଡିଛନ୍ତି । ଗୋଟିଏ ହାତୀପଲରେ ୧୦ଟି ହାତୀ ଥିବାବେଳେ ଅନ୍ୟ ଏକ ପଲରେ ୨୦ଟି ହାତୀ ଥିବା ଗ୍ରାମବାସୀମାନେ ପ୍ରକାଶ କରିଛନ୍ତି । ଖଡିଆଳ ବନଖଣ୍ଡ ଅଧିକାରୀ ଅଜିଜ ଖାନଙ୍କୁ ଯୋଗାଯୋଗ କରିବାରୁ ବନ ବିଭାଗ ଅଧିକାରୀ ଏବଂ କର୍ମଚାରୀ ଘଟଣାସ୍ଥଳରେ ନଜର ରଖିଥିବା ବେଳେ ଏହି ହାତୀକୁ ଜଙ୍ଗଲକୁ ପ୍ରତ୍ୟାବର୍ତ୍ତନ କରିବାକୁ ଉଦ୍ୟମ ଚାଲିଥିବା ସୂଚନା ମିଳିଛି ।

## ସ୍ୱାମୀର ତଣ୍ଟି ଚିପି ହତ୍ୟା କଲା ସ୍ତ୍ରୀ




**ସମ୍ବଲପୁର: ଏକ୍ସପ୍ରେସ ନ୍ୟୁଜ୍**

ବୁର୍ଲା ଥାନା ଅନ୍ତର୍ଗତ ଏମସିଏଲ ଜାଗୃତିବିହାର ଠାରେ ଜଣେ ଏମସିଏଲ କର୍ମଚାରୀଙ୍କୁ ତାଙ୍କ ଧର୍ମପତ୍ନୀ ତଣ୍ଟି ଚିପି ହତ୍ୟା କରିଛନ୍ତି । ମୃତ ବ୍ୟକ୍ତି ଜଣକ ହେଉଛନ୍ତି ଝାରସୁଗୁଡ଼ା ଲଖନପୁର ମୂଳ ବାସିନ୍ଦା ତଥା ବର୍ତ୍ତମାନ ବୁର୍ଲା ଏମସିଏଲରେ କର୍ମଚାରୀ ଆକାଶ ମୁଣ୍ଡା (୨୫) । ତାଙ୍କୁ ହତ୍ୟା କରିଥିବା ଅଭିଯୁକ୍ତ ସ୍ତ୍ରୀଙ୍କୁ ଗିରଫ କରିଛି ପୋଲିସ । ସେ ହେଉଛନ୍ତି ସୁନ୍ଦରଗଡ଼ ଜିଲ୍ଲା ଭସ୍ମଲେପନ ଅନ୍ତର୍ଗତ ଦେଉଳି ଗ୍ରାମର ସରସ୍ୱତୀ ମୁଣ୍ଡା (୨୩) । ତାଙ୍କଠାରୁ ହତ୍ୟାରେ ବ୍ୟବହୃତ ହୋଇଥିବା ଗାମୁଛାକୁ ପୋଲିସ ଜବତ କରିଛି ।

ଏନେଇ ମୃତକ ଆକାଶଙ୍କ ବଡ଼ ଭଉଣୀ ସଂଯୁକ୍ତା ମୁଣ୍ଡାଙ୍କ ଏତଲା କ୍ରମେ ବୁର୍ଲା ଥାନାରେ କେସ ନମ୍ବର ୫୭୨/୨୦୧୫ରେ ଏକ ମାମଲା ରୁଜୁ କରି ପୋଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା । ଏହାସହ ପୋଲିସ ଅଭିଯୁକ୍ତା ସରସ୍ୱତୀଙ୍କ ଗୁରୁବାର କୋର୍ଟ ଚାଲାଣ କରିଛି ।

ମିଳିଥିବା ସୂଚନା ଅନୁସାରେ ଏତଲାକାରୀ ସଂଯୁକ୍ତାଙ୍କ ଅନୁସାରେ, ତାଙ୍କ ଭାଇ ଆକାଶ ଏମସିଏଲରେ କାର୍ଯ୍ୟ କରୁଥିଲେ । ସେ ତାଙ୍କ ସ୍ତ୍ରୀ ଓ ଛୋଟ ଛୁଆ ସହ ଜାଗୃତିବିହାରରେ ଏମସିଏଲର କ୍ୱାର୍ଟରରେ ରହୁଥିଲେ । ମଙ୍ଗଳବାର ବିଳମ୍ବିତ ରାତିରେ ତାଙ୍କ ପଡ଼ୋଶୀଙ୍କ ଠାରୁ ଆକାଶଙ୍କୁ ଗୁରୁତର ଅବସ୍ଥାରେ ଭିମସାରରେ ଭର୍ତ୍ତି କରାଯାଇଥିବା ଖବର ମିଳିଥିଲା । ଏହାପରେ ତତକ୍ଷଣାତ ସେ ଆସି ଭିମସାରରେ ପଞ୍ଚିଥିଲେ । ମାତ୍ର ସେତେବେଳକୁ ତାଙ୍କ ଭାଇଙ୍କ ମୃତ୍ୟୁ ହୋଇ ସାରିଥିଲା । ତେବେ ସେ ପଡ଼ୋଶୀଙ୍କ ଠାରୁ ଜାଣିବାକୁ ପାଇଲେ ଯେ, ଉକ୍ତଦିନ ସନ୍ଧ୍ୟାରେ କୌଣସି କଥାକୁ ନେଇ ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହାତାହାତି ପର୍ଯ୍ୟନ୍ତ ଯାଇଥିଲା । ତେବେ ଏହି ସମୟରେ ଆକାଶ ଗୁରୁତର ଆହତ ହୋଇଥିଲେ । ତାଙ୍କୁ ପଡ଼ୋଶୀ ଲୋକେ ତୁରନ୍ତ ବୁର୍ଲା ଭିମସାରରେ ଭର୍ତ୍ତି କରିଥିଲେ । ମାତ୍ର ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା ।

ଅପରପକ୍ଷରେ ଗୁରବାର ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ଆକାଶଙ୍କ ଶ୍ୱାସରୁଦ୍ଧ ଜନିତ କାରଣରୁ ମୃତ୍ୟୁ ଘଟିଥିବା ଜଣା ପଡ଼ିଥିଲା । ଆକାଶଙ୍କ ଭଉଣୀଙ୍କ ଓ ବ୍ୟବଚ୍ଛେଦ ରିପୋର୍ଟ ଆଧାରରେ ତାଙ୍କ ସ୍ତ୍ରୀ ସରସ୍ୱତୀଙ୍କ ଗିରଫ କରି ପଚରା ଉଚରା ବେଳେ ସେ ଆକାଶଙ୍କୁ ଏକ ଖାମୁଛାରେ ତଣ୍ଟିଚିପି ହତ୍ୟା କରିଥିବା ସ୍ୱୀକାର କରିଥିଲେ । ଏହାବାଦ ତାଙ୍କୁ ଗିରଫ କରାଯାଥିଲା ବୋଲି ପୋଲିସ କହିଛି ।

## ଦୁର୍ଦ୍ଧାନ୍ତ ମାଓବାଦୀ ଗଣେଶର ଆତ୍ମସମର୍ପଣ

**ରାଉରକେଲା: ଏକ୍ସପ୍ରେସ ନ୍ୟୁଜ୍**

ରାଉରକେଲା ପୋଲିସ ନିକଟରେ ଦୁର୍ଦ୍ଧାନ୍ତ ମାଓବାଦୀ ଗଣେଶର ଆତ୍ମସମର୍ପଣ । ଡିଆଇଜି ବ୍ରିଜେଶ ରାୟ ଏବଂ ଏସପି ନିତେଶ ୱାଧୱାନିଙ୍କ ସମ୍ମୁଖରେ ଗଣେଶ ଆତ୍ମସମର୍ପଣ କରିଛି । ଯାହାପରେ ସରଣ୍ଡାରେ ସକ୍ରିୟ ଥିବା ମାଓ ସଂଗଠନକୁ ଶକ୍ତ ଝଟକା ଲାଗିଛି ।



ଝାଡ଼ଖଣ୍ଡ, ଓଡ଼ିଶା ଓ ବିହାର ରାଜ୍ୟ ପୋଲିସର ମୋଷ୍ଟ ୱାଣ୍ଟେଡ୍ ତାଲିକାରେ ଥିବା ଦୁର୍ଦ୍ଧାନ୍ତ ମାଓବାଦୀ ମେଛୁ ୨୦୨୨ ମସିହାରେ ଗଣେଶକୁ ମାଓବାଦୀ ସଂଗଠନରେ ସାମିଲ କରିଥିଲା । ସରଣ୍ଡାରେ ଅପରେସନରେ ସାମିଲ ଥିବା ଯବାନମାନଙ୍କୁ ଟାର୍ଗେଟ କରି ଆଇଇଡି କରାଇବା ଠାରୁ ଆରମ୍ଭ କରି ବାଙ୍କୋ ପଥର ଖାଦାନ ନିକଟରୁ ବିସ୍ଫୋରକ ଲୁଟ ଘଟଣାରେ ଗଣେଶ ସାମିଲ ଥିବା ଡିଆଇଜି ସୂଚନା ଦେଇଛନ୍ତି । ଗଣେଶ ନାମରେ ଝାଡ଼ଖଣ୍ଡ ଏବଂ ଓଡ଼ିଶାରେ ବହୁ ମାମଲା ରହିଛି । ଗଣେଶ ଆତ୍ମସମର୍ପଣ କରିବା ପରେ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିବା ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ଏସପି କହିଛନ୍ତି ।

## କଟନି ଛଟନି ବନ୍ଦ କରିବାକୁ ପରାମର୍ଶ ଦେଲେ ମନ୍ତ୍ରୀ

**ବୁଗୁଡ଼ା: ଏକ୍ସପ୍ରେସ ନ୍ୟୁଜ୍**

ସରକାରୀ ସ୍ତରରେ ଚଳିତ ମାସ ୨୩ ତାରିଖ ଠାରୁ ଖରିଫ ଋତୁ ଧାନ ସଂଗ୍ରହ କରିଯିବାକୁ ସ୍ଥିର ହୋଇଥିବାବେଳେ ଜିଲ୍ଲା ଓ ବ୍ଲକ ସ୍ତରରେ ପ୍ରସ୍ତୁତିକୁ ଜୋରଦାର କରାଯାଇଛି । ଏ ନେଇ ବାରମ୍ବାର ବୈଠକ ବସିବା ସହ ଚାଷୀ, ମିଲର, ସମବାୟ ବିଭାଗ ଓ ଯୋଗାଣ ବିଭାଗକୁ ନେଇ ଆଲୋଚନା ଚାଲିଛି । ଏହି ପରିପ୍ରେକ୍ଷୀରେ ବୁଗୁଡ଼ା ବ୍ଲକ କାର୍ଯ୍ୟାଳୟ ପରିସରସ୍ଥ ସଭାଗୃହରେ ମଧ ଏକ ବୈଠକ ଅନୁଷ୍ଠିତ ହୋଇଯାଇଥିବା ବେଳେ ଏଥିରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ ସରକାରଙ୍କ ନୀତି ନିୟମ ଅନୁଯାୟୀ ଚାଷୀମାନେ କେବଳ ମଣ୍ଡିରେ ଧାନ ଦେଇ ଏହାର ସଠିକ ମୂଲ୍ୟ ବାବଦକୁ କ୍ୱିଣ୍ଟାଲ୍ ପିଛା ୩୧୦୦ ଟଙ୍କା ପାଇବା ସହ ସମ୍ପୂର୍ଣ୍ଣ ଭାବେ କଟନି ଛଟନି ପ୍ରଥାକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ବୈଠକରେ ତହସିଲଦାର ତାପସ ରାଉତ, ବିଡ଼ିଓ ଦୁତିକୃଷ୍ଣ ପାତ୍ର, ବ୍ଲକ କୃଷି ଅଧିକାରୀ ହରପ୍ରିୟା ବେହେରା, ବ୍ଲକ ଯୋଗାଣ ନିରୀକ୍ଷକ ବିବେକାନନ୍ଦ ମହାନ୍ତି, ବ୍ଲକ ଅଧକ୍ଷା ପ୍ରତିନିଧି କେ.ନୀଳମାଧବ ଆଚାରୀ, ବ୍ଲକ ଉପାଧକ୍ଷ ମାନସ ରଞ୍ଜନ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିବାବେଳେ କୃଷି ସମବାୟ ସମିତି ସଂଘର ସଭାପତି ପୂର୍ଣ୍ଣ ଚନ୍ଦ୍ର ବିଷୋୟୀ, ମିଲର୍ସ, କୃଷି ସମବାୟ ସମିତି ସମ୍ପାଦକଗଣ ଏବଂ ଅନେକ ଚାଷୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ବାଲି ଚୋରାଚାଲାଣ ରୋକିବାକୁ ପ୍ରଶାସନର କଠୋର ପଦକ୍ଷେପ

**ଯାଜପୁର: ଏକ୍ସପ୍ରେସ ନ୍ୟୁଜ୍**

ଜିଲ୍ଲାରେ ଅବୈଧ ଭାବେ ବାଲି ଉତ୍ତୋଳନ ଓ ଚୋରାଚାଲାଣ ସମ୍ବନ୍ଧୀୟ ଅଭିଯୋଗକୁ ଜିଲ୍ଲା ପ୍ରଶାସନ ଗୁରୁତ୍ୱର ସହ ଗ୍ରହଣ କରିଛି । ବିଶେଷକରି ବାଲି ଭର୍ତ୍ତି ଚାଲାଣକୁ ଜିଲ୍ଲା ବାହାରକୁ ଓ ରାଜ୍ୟ ବାହାରକୁ ପଠାଯାଉଥିବା ଅଭିଯୋଗକୁ ଗୁରୁତର ଅପରାଧ ଭାବେ ଦେଖାଯାଇଛି । ଏହି ପ୍ରକାର ଅବୈଧ କାର୍ଯ୍ୟକଳାପ ଓଡ଼ିଶା ଖଣିଜ ଉନ୍ନୟନ, ନିୟମନ ଓ ପ୍ରତିଷେଧ ଆଇନ ଓ ନିୟମାବଳୀର ସ୍ପଷ୍ଟ ଉଲ୍ଲଂଘନ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ଜଣାପଡ଼ିଛି । ଏହାଦ୍ୱାରା ସରକାରୀ ରାଜସ୍ୱର ହାନି ସହିତ ପରିବେଶୀୟ ସନ୍ତୁଳନ ଉପରେ ମଧ କୁପ୍ରଭାବ ପଡୁଛି ।

ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଅମ୍ବର କୁମାର କରଙ୍କ ନିର୍ଦ୍ଦେଶ ଅନୁଯାୟୀ ତହସିଲଦାର, ବ୍ୟାସନଗର ପୌର ପାଳିକା/ବିଂଝାରପୁର, କନିଷ୍ଠ ଖଣି ଅଧିକାରୀ, ବ୍ୟାସନଗର ପୌର ପାଳିକା/ବିଂଝାରପୁର ଓ ସମ୍ପୃକ୍ତ ଅଧିକାରୀମାନଙ୍କୁ ତହସିଲ ସ୍ତରୀୟ ଟାସ୍କ ଫୋର୍ସକୁ ନେଇ ଏକ ବୈଠକ ଡାକି ନିୟମିତ ଯାଞ୍ଚ, ଚଢ଼ାଉ ଓ କଠୋର ନିୟମାନୁସାରେ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦିଆଯାଇଛି । ଅନଧିକୃତ ବାଲି ଚାଲାଣରେ ସଂଲଗ୍ନ ଗାଡ଼ି, ଯନ୍ତ୍ରପାତି ଓ ସଂପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସତର୍କ କରାଯାଇଛି ।

## ବାଣିଜ୍ୟ

## ଡାଲମିଆ ଭାରତ ଗ୍ରୁପ୍ ପକ୍ଷରୁ 'ସେବା ଦିବସ'

**ରାଜଗାଙ୍ଗପୁର: ଏକ୍ସପ୍ରେସ ନ୍ୟୁଜ୍**




ଭାରତରେ ଏକ ଅଗ୍ରଣୀ ସିମେଣ୍ଟ ଓ ଚିନି ଉତ୍ପାଦନକାରୀ ଗ୍ରୁପ୍ ଡାଲମିଆ ଭାରତ ଗ୍ରୁପ୍ । ଏହାର ପରମପୂଜ୍ୟ ପ୍ରତିଷ୍ଠାତା ତଥା ଏକନିଷ୍ଠ ମୂଲ୍ୟବୋଧ ଓ ନିଃସ୍ୱାର୍ଥପର ସେବାରେ ନିଜ ଜୀବନକୁ ଆଗେଇ ନେଇଥିବା ଜଣେ ଦୂରଦ୍ରଷ୍ଟା ଶିଳ୍ପପତି ଓ ବଦାନ୍ୟ ବ୍ୟକ୍ତିତ୍ୱ ଜୟ ଦୟାଲ ଡାଲମିଆଜୀଙ୍କ ୧୨୧ତମ ଜନ୍ମ ବାର୍ଷିକୀ ପାଳନ ଅବସରରେ ସମଗ୍ର ଭାରତରେ ତାହାର ବ୍ୟବସାୟ ପରିଚାଳନା ଅଞ୍ଚଳରେ 'ସେବା ଦିବସ' ପାଳନ କରିଥିଲା । ଗ୍ରୁପ୍‌ର ଉତ୍ପାଦନକାରୀ ୟୁନିଟ, ଆଞ୍ଚଳିକ କାର୍ଯ୍ୟାଳୟ, କର୍ପୋରେଟ କାର୍ଯ୍ୟାଳୟ ସମେତ ଭାରତର ୨୫ଟି ସ୍ଥାନରେ ଡିସେମ୍ବର ୪ରୁ ୧୧ ତାରିଖ ପର୍ଯ୍ୟନ୍ତ ସେବା ଦିବସ ପାଳନ କରାଯାଇଥିଲା । ଏହି ଅବସରରେ ଗ୍ରୁପ୍ ତାହାର ପ୍ରତିଷ୍ଠାତାଙ୍କର କରୁଣା, ବିନମ୍ର ଭାବ, ସଚ୍ଚୋଟତା ଏବଂ ସମାଜ ପ୍ରତି ସେବାର ସ୍ଥାୟୀ ଐତିହ୍ୟକୁ ସମ୍ମାନ ପ୍ରଦର୍ଶନ କରିଥିଲା । ଚଳିତ ବର୍ଷ ଏହି ଉତ୍ସବ ପାଳନ ଦୀର୍ଘସ୍ଥାୟିତ୍ୱ ବିଷୟବସ୍ତୁ ଉପରେ ଆଧାରିତ ଥିଲା, ଯାହା ତାଙ୍କର ଦାୟିତ୍ୱସମ୍ପନ୍ନ ଅଭିବୃଦ୍ଧି ଏବଂ ପରିବେଶଗତ ନେତୃତ୍ୱ ସମ୍ପର୍କରେ ଆଲୋକପାତ କରିଥିଲା । ସମସ୍ତ ସ୍ଥାନରେ କର୍ମଚାରୀବୃନ୍ଦ, ସହଭାଗୀ ଏବଂ ଜନସାଧାରଣ ସାମୂହିକ କାର୍ଯ୍ୟକ୍ରମ ଜରିଆରେ ବୃକ୍ଷ ଚାରା ରୋପଣ ଏବଂ ସଫେଇ ଅଭିଯାନ, ପୁନଃଚକ୍ରଣ ପ୍ରୟାସ ସମ୍ପର୍କିତ ସଚେତନତା ହାତକୁ ନେଇଥିଲେ । ଏଥିସହିତ ସେମାନେ 'ଅନ୍ନ ଦାନ'ର ଅଂଶ ଭାବରେ ଅନାଥାଶ୍ରମ ଓ ଜରାଶ୍ରମଗୁଡିକୁ ଗସ୍ତ କରିବା ସହିତ ପାରିପାର୍ଶ୍ୱିକ ଅଞ୍ଚଳରେ ଭିତ୍ତିଭୂମି ଓ ପୁନଃବିକାଶମୂଳକ କାର୍ଯ୍ୟ କରିଥିଲେ । ମୂଲ୍ୟ ଭିତ୍ତିକ ଭାବ ବିନିମୟ ଏବଂ ଗୋଷ୍ଠୀ ନିୟୋଜନକାରୀ 'ପଥପ୍ରାନ୍ତ ନାଟକ' ଆଦି ଏହାର ପ୍ରତିଷ୍ଠାତାଙ୍କ ମାର୍ଗଦର୍ଶିତ ଦାୟିତ୍ୱସମ୍ପନ୍ନ ନାଗରିକତା ସଂସ୍କୃତି ଏବଂ ନୈତିକ ଜୀବନ ନିର୍ବାହ ବ୍ୟବସ୍ଥାକୁ ପୁନଃ ସୁଦୃଢ଼ କରିଥିଲା ।

ସେବା ଦିବସ ପାଳନର ଅଂଶ ଭାବରେ ଡାଲମିଆ ସିମେଣ୍ଟ ରାଜଗାଙ୍ଗପୁରରେ ଏକାଧିକ ଉନ୍ନୟନମୂଳକ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିଥିଲା, ଯଦ୍ୱାରା ୨୦୦୦ରୁ ଅଧିକ ଜନସାଧାରଣ ଉପକୃତ ହୋଇଥିଲେ । କମ୍ପାନୀ ବିଶାଳ ବୃକ୍ଷ ଚାରା ରୋପଣ କାର୍ଯ୍ୟ ହାତକୁ ନେଇ ୧୧୦୬ ଚାରାରୋପଣ କରିଥିଲା ଏବଂ ସୋଲାର ଆଣ୍ଡ ଇଲେକ୍‌ଟ୍ରିକାଲ ଲାବ୍ ଉଦ୍‌ଘାଟନ କରିଥିଲା । ଏଥିସହିତ ସ୍ଥାୟୀ ଏବଂ ଉନ୍ନତ ଗୋଷ୍ଠୀ ସୁବିଧାଗୁଡିକ ପ୍ରତି ନିଜର ପ୍ରତିବଦ୍ଧତା ପୁନଃଦୃଢ଼ୀକରଣ କରିବାକୁ ଏକ ଉତ୍ସର୍ଗୀକୃତ ସଫେଇ ଅଭିଯାନ ଏବଂ ସ୍କ୍ରାପ୍ ପୃଥକୀକରଣ ଅଭିଯାନ ପରିଚାଳନା କରିଥିଲା । ଅନ୍ୟାନ୍ୟ ପ୍ରମୁଖ କାର୍ଯ୍ୟକଳାପ ମଧ୍ୟରେ ସିଲାଇ ମେସିନ ଏବଂ ଯକ୍ଷ୍ମା ରୋଗୀଙ୍କ ପାଇଁ ପୋଷଣ କିଟ୍ ଆବଣ୍ଟନ ଆଦି ଅନ୍ତର୍ଭୁକ୍ତ ଥିଲା । କମ୍ପାନୀ ମଧ ଗୋଷ୍ଠୀ ବିକାଶ ପ୍ରୟାସକୁ ସମର୍ଥନ କରିବା ନିମନ୍ତେ ୨୩ଜଣ ଗ୍ରାମ ସ୍ୱେଚ୍ଛାସେବୀଙ୍କୁ ସମ୍ମାନିତ କରିଥିଲା । ସେମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ ୨ହଜାର ଟଙ୍କା ଏବଂ ଏକ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ୨୫୦୦ରୁ ଅଧିକ ଲୋକଶକ୍ତି ମଧ ଏହି କାର୍ଯ୍ୟକ୍ରମଗୁଡିକରେ ଅଂଶଗ୍ରହଣ କରିଥିଲେ ।

ଏହି ଉତ୍ସବ ପାଳନର ଗୁରୁତ୍ୱ ସମ୍ପର୍କରେ ଉଲ୍ଲେଖକରି ଚେତନ ଶ୍ରୀବାସ୍ତବ, ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର, ଡିସିବିଏଲ୍ ଏବଂ ୟୁନିଟ ହେଡ, ରାଜଗାଙ୍ଗପୁର କହିଥିଲେ, ଡାଲମିଆ ଭାରତରେ ସେବା ଦିବସ କେବଳ ଆମର ପ୍ରତିଷ୍ଠାତାଙ୍କ ଉଦ୍ଦେଶ୍ୟରେ ସମ୍ମାନ ପ୍ରଦର୍ଶନ ନୁହେଁ, ଏହା ତାଙ୍କର ଆଦର୍ଶଗୁଡିକର ଏକ ଜୀବନ୍ତ ପରିପ୍ରକାଶ । ଏହି ସପ୍ତାହରେ ହାତକୁ ନିଆଯାଇଥିବା ପ୍ରତ୍ୟେକ ପ୍ରୟାସ ଦାୟିତ୍ୱସମ୍ପନ୍ନ ସହିତ ନିର୍ମାଣକରିବା, ଗଭୀର ଭାବରେ ଯନ୍ତ୍ର ନେବା ଏବଂ ଆମକୁ ବଜାୟ ରଖିଥିବା ଜନସମୁଦାୟ ଓ ପରିବେଶ ବ୍ୟବସ୍ଥା ପ୍ରତି ଅର୍ଥପୂର୍ଣ୍ଣ ଅବଦାନ ରଖିବା ନିମନ୍ତେ ଉଦ୍ଦିଷ୍ଟ । ସବୁଜ ବଳୟକୁ ସୁଦୃଢ କରିବା ଠାରୁ ଗୋଷ୍ଠୀ ସ୍ଥଳଗୁଡିକର ପୁନରୁଦ୍ଧାର ଏବଂ ଆପଦପ୍ରବଣଙ୍କୁ ଯନ୍‌ଶୀଳ ହାତ ବଢାଇବାକୁ ପ୍ରତ୍ୟେକ ପ୍ରୟାସ ସଚେତନ ପ୍ରଗତି ନିମନ୍ତେ ତାଙ୍କର ସ୍ଥାୟୀ ଦୂରଦୃଷ୍ଟିକୁ ପ୍ରତିଫଳିତ କରୁଛି । ଏହା ଆମକୁ ସ୍ମରଣ କରାଇ ଦେଉଛି ଯେ, ଅଭିବୃଦ୍ଧି ନିଶ୍ଚିତ ଭାବରେ ଉଭୟ ଜନସାଧାରଣ ଏବଂ ପୃଥିବୀ ପାଇଁ ଦାୟିତ୍ୱସମ୍ପନ୍ନ ଆଧାରିତ ହେବା ଆବଶ୍ୟକ । ସେବା ଦିବସ ପାଳ ପାଳନର ଅଂଶ ଭାବରେ ଡାଲମିଆ ଭାରତ ମଧ ଏହାର ପରମ୍ପରାଗତ ସମ୍ମାନ ପ୍ରଦାନ ପ୍ରୟାସଗୁଡିକୁ ଆଗେଇ ନେଇ ଦୀକ୍ଷା କେନ୍ଦ୍ର ସର୍ବଶ୍ରେଷ୍ଠ ପ୍ରଦର୍ଶକ ଜରିଆରେ ଦୀର୍ଘକାଳୀନ ଅବଦାନ ଏବଂ ରୂପାନ୍ତରଣକୁ ସମ୍ମାନିତ କରିଥିଲା । ଏଥିରେ ଦକ୍ଷତା ବିକାଶ ଏବଂ ଗୋଷ୍ଠୀଗତ ପ୍ରଭାବରେ ଉତ୍କର୍ଷ ହାସଲ କରିଥିବା ୧୦ ଜଣ ଦୀକ୍ଷା ପ୍ରାର୍ଥୀଙ୍କୁ ସମ୍ମାନିତ କରାଯାଇଥିଲା । ଏଥିସହିତ ଗ୍ରାମ ପରିବର୍ତ୍ତନ ଶ୍ରେଷ୍ଠ ପ୍ରଦର୍ଶନ ପୁରସ୍କାର ଅର୍ଥପୂର୍ଣ୍ଣ ଗ୍ରାମାଞ୍ଚଳ ରୂପାନ୍ତରଣକୁ ଆଗେଇ ନେଇଥିବା ୧୬ଜଣ ବ୍ୟକ୍ତିବିଶେଷଙ୍କୁ ଏବଂ ଉତ୍ସର୍ଗୀକୃତ କାର୍ଯ୍ୟ, ନିରନ୍ତର ପ୍ରଦର୍ଶନ ଏବଂ ଗ୍ରୁପ୍‌ର ମୂଳ ମୂଲ୍ୟବୋଧକୁ ବଜାୟ ରଖୁବା ନିମନ୍ତେ କର୍ମଚାରୀଙ୍କୁ ସତତ କର୍ମୀ ପୁରସ୍କାରରେ ସମ୍ମାନିତ କରାଯାଇଥିଲା ।

## ସୋଆ ସ୍କୁଲ ଅଫ୍ ହୋଟେଲ ମ୍ୟାନେଜମେଣ୍ଟରେ କେକ୍ ମିକ୍ସିଙ୍ଗ୍ ଉତ୍ସବ



**ଭୁବନେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**

ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସ୍କୁଲ୍ ଅଫ୍ ହୋଟେଲ୍ ମ୍ୟାନେଜମେଣ୍ଟରେ ବଡ଼ଦିନ ପରିପ୍ରେକ୍ଷୀରେ ନିକଟରେ ଏକ କେକ୍ ମିକ୍ସିଙ୍ଗ୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସୋଆର ବୋର୍ଡ ଅଫ୍ ଡାଇରେକ୍ଟର ଡିଷ୍ଟିଙ୍ଗୁଇସ୍‌ଡ ସଦସ୍ୟା ଉପାସନା ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । କେକ୍ ମିକ୍ସିଙ୍ଗ ଉତ୍ସବରେ ସାମିଲ ହେବା ସହ ଏଭଳି ଏକ ଆନନ୍ଦଦାୟକ କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସକାରାତ୍ମକ ମନୋଭାବ ସୃଷ୍ଟି କରିବ ବୋଲି ସେ କହିଥିଲେ । ଏହି କାର୍ଯ୍ୟକ୍ରମରେ ସିକ୍କିମ୍‌ର ମେକ ଅପ୍ ଆର୍ଟିଷ୍ଟ ଏଥେନ୍ ସୈଲେଶ ପ୍ରଧାନ ଯୋଗ ଦେଇ ଏହି କେକ୍ ମିକ୍ସିଙ୍ଗ ପ୍ରସ୍ତୁତି ଆରମ୍ଭର ମୁଖ୍ୟ ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ । ୧୭୦୦ ଶତାବ୍ଦୀରେ ୟୁରୋପରେ ଏହି ପାରମ୍ପରିକ କେକ୍ ମିକ୍ସିଙ୍ଗ ପ୍ରସ୍ତୁତି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ଏହାକୁ ଏକ ଶୁଭ ସମୟ ଓ ଆନନ୍ଦର ବାର୍ତ୍ତାବହ ବୋଲି କୁହାଯାଇଥାଏ । ଏହି ସମୟରେ ଅଧିକ ପରିମାଣର ଫଳ ଏବଂ ବାଦାମ ଜାତୀୟ ଫସଲ ଉତ୍ପାଦନ ହେଉଥିବାରୁ କେକ୍ ପ୍ରସ୍ତୁତ କରିବା ସହଜ ହୋଇଥାଏ ବୋଲି ସେ କହିଥିଲେ । ଏହି ପାରମ୍ପରିକ ବଡ଼ଦିନ କେକ୍ ବା ବଡ଼ଦିନ ପୁଡିଙ୍ଗ୍‌ରେ ଅନେକ ପରିମାଣର ଡ୍ରାଏ ଫ୍ରୁଟ, ଅଣ୍ଡା ଏବଂ ମଇଦା ବ୍ୟବହାର କରାଯାଇଥାଏ । ଅନେକ କେକ୍‌ରେ ଡ୍ରାଏ ଫ୍ରୁଟ୍, ଚେରି, ଫ୍ରୁଟି, କାନ୍‌ବେରୀ, ଖଜୁରୀ ଓ ବିଭିନ୍ନ ପାନୀୟ ବ୍ୟବହୃତ ହୋଇଥାଏ । ଏହି ପରମ୍ପରାକୁ ବଜାୟ ରଖିବା ନିମନ୍ତେ ଏସ୍‌ଏଚ୍‌ଏମ୍‌ର ଛାତ୍ରଛାତ୍ରୀମାନେ ଏହି ଉତ୍ସବକୁ ପାଳନ କରିଥିଲେ । ଏହି ଅବସରରେ ସୋଆର ଉପକୁଳପତି ପ୍ରଫେସର ଅନୁପ କୁମାର ସାମନ୍ତରାୟ, ଦ କ୍ରାଉନ୍ ଆଇଏଚ୍‌ସିଏଲ୍ ସିଲେକ୍ସନ ହୋଟେଲ୍‌ର ଫୁଡ ଆଣ୍ଡ ବେଭେରେଜ୍ ମ୍ୟାନେଜର ଶ୍ରୀ ଲିପନ୍ ପାତ୍ର, ଆମ୍ବେଦକର କଲେଜର ଅଧକ୍ଷ ରାଜେନ୍ଦ୍ର କୁମାର ନାୟକ, କ୍ରିଷ୍ଟା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ସାଇନସେସ୍‌ର ପ୍ରଫେସର (ଡକ୍ଟର) ସ୍ୱର୍ଣ୍ଣଲତା ମିଶ୍ର, ରାଜଧାନୀ ମହାବିଦ୍ୟାଳୟର ଆସିଷ୍ଟାଣ୍ଟ ପ୍ରଫେସର ସ୍ମୃତି ରେଖା ସାହୁ, ପଟିଆ କଲେଜର ଅବସରପ୍ରାପ୍ତ ଅଧକ୍ଷ ପ୍ରଫେସର ତ୍ରିଲୋଚନ ରଥ ଏବଂ ଏସ୍‌ଏଚ୍‌ଏମ୍‌ର ଡିନ୍ ପ୍ରଫେସର ସୁଶାନ୍ତ ରନ ଚଇନି ଉପସ୍ଥିତ ଥିଲେ ।

## ମନରେଗା ବଞ୍ଚାଅ ଦାବିରେ ବିକେଏମ୍‌ୟୁର ବିକ୍ଷୋଭ

**ଭୁବନେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**

କେନ୍ଦ୍ର ସରକାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ 'ମନରେଗା' ଯୋଜନାରୁ ମାହାତ୍ମା ଗାନ୍ଧୀଙ୍କ ନାମ ହଟାଇ ଯେଉଁ 'ବିଭି ଜୀ ରାମଜୀ' ବିଲ୍ ସଂସଦରେ ପେଶ୍ କରିଛନ୍ତି ତାହାର ପ୍ରତ୍ୟାହାର ସାଙ୍ଗକୁ ଦେଶର କୋଟି କୋଟି ଗ୍ରାମୀଣ ବେକାରଙ୍କ ନିଯୁକ୍ତି ଓ ବଞ୍ଚିବାର ଅଧିକାର ସୁନିଶ୍ଚିତ କରିବା ଦାବିରେ ଗୁରୁବାର ଭାରତୀୟ କ୍ଷେତ ମଜଦୁର ସଂଘ (ବିକେଏମ୍‌ୟୁ) ପକ୍ଷରୁ ଭୁବନେଶ୍ୱରରେ ରାସ୍ତାରୋକ ଓ ବିକ୍ଷୋଭ ଅନୁଷ୍ଠିତ ହୋଇଛି ।

ଗୁରୁବାର ପୂର୍ବାହ୍ନରେ ମହାତ୍ମା ଗାନ୍ଧୀଙ୍କ ଫୋଟୋଚିତ୍ର ହାତରେ ଧରି ଶତାଧିକ ବିକ୍ଷୋଭକାରୀ ଭଗବତୀ ଭବନଠାରୁ ଏକ ଶୋଭାଯାତ୍ରାରେ ବାହାରି ଅଶୋକନଗର ଦେଇ ରାଜମହଲ ଛକଠାରେ ପହଞ୍ଚିବା ପରେ ସେଠାରେ ବିକେଏମ୍‌ୟୁ ରାଜ୍ୟ ସମ୍ପାଦକ ସୁର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ରାସ୍ତାରୋକ ଓ ବିକ୍ଷୋଭ ଆନ୍ଦୋଳନ କରାଯାଇ ମନରେଗା ଆଇନକୁ ରକ୍ଷା କରିବା, କେନ୍ଦ୍ର ସରକାରଙ୍କ ଗରିବମାରଣ ନୀତିର ପ୍ରତ୍ୟାହାର, ୨୦୦ ଦିନର କାମ ଦିବସ ଓ ଦୈନିକ ୭୦୦ଟଙ୍କା ମଜୁରୀ ଗ୍ରାମୀଣ ବେକାରଙ୍କ ପାଇଁ ସୁନିଶ୍ଚିତ କରିବା ପାଇଁ ଧ୍ୱନିମାନ ଦିଆଯାଇଥିଲା । ଏହି ପ୍ରତିବାଦ ବିକ୍ଷୋଭରେ ସୁର ଜେନା ବକ୍ତବ୍ୟ ରଖି କହିଥିଲେ ଯେ ଯେଉଁ ନୂତନ ବିଲ୍ କେନ୍ଦ୍ର ସରକାର ଆଣିଛନ୍ତି ସେଥିରେ ଜାତିର ପିତା ତଥା ସ୍ୱାଧୀନତା ସଂଗ୍ରାମର ଅଗ୍ରଗଣ୍ୟ ନେତା ମହାତ୍ମା ଗାନ୍ଧୀଙ୍କ ମୂଲ୍ୟବୋଧ ଓ ଐତିହ୍ୟକୁ ଅପମାନିତ କରାଯାଇଛି । ସେଥିରୁ ପ୍ରମାଣିତ ହେଉଛି ସେମାନେ ଗଡସେଙ୍କ ପ୍ରକୃତ ପଟ୍ଟଶିଷ୍ୟ । ଅଧିକାର ଭିତ୍ତିକ ଆଇନକୁ ଭାଙ୍ଗି ମନରେଗା ଆଇନକୁ ଏକ ଇଚ୍ଛାମୂଳକ ଯୋଜନାରେ ପରିବର୍ତ୍ତନ କରିବା ଫଳରେ ଗ୍ରାମୀଣ ବେକାରମାନଙ୍କୁ ନିଶ୍ଚିତ କର୍ମନିଯୁକ୍ତି ଅଧିକାରରୁ ବଞ୍ଚିତ କରି ସରକାରୀ ଅନୁଦାନ ଏବଂ ଠିକାଦାରମାନଙ୍କ ଦୟାରେ ବଞ୍ଚିବା ପାଇଁ ବାଧ୍ୟ କରାଯାଉଛି ବୋଲି ସେ ଅଭିଯୋଗ କରିଥିଲେ । ଏହି ରାସ୍ତାରୋକ ଓ ବିକ୍ଷୋଭରେ ଶ୍ରମିକ ନେତା ପଞ୍ଚାନନ ସାହୁ, ଶିବ ବେହେରା, ଆଦିବାସୀ ନେତା ଡାକ ହେମ୍ବ୍ରମ, ଶଙ୍କର୍ଷଣ ବାରିକ ପ୍ରମୁଖ ବହୁକର୍ମୀ ନେତୃତ୍ୱ ନେଇଥିଲେ ।

## ଅଭିନେତ୍ରୀ ନିଧି ଅଗ୍ରୱାଲଙ୍କୁ ଆକ୍ରମଣ

## ସିନେମାଫିନେମା ଟିଭିଫିଭି



କୁକଟପାଲି ହାଉସିଂ ବୋର୍ଡ (କେବିଏଚବି) ପୋଲିସ ଲୁଲୁ ମଲର ପରିଚାଳନା ଏବଂ ଏକ ଫିଲ୍ମ ପ୍ରମୋସନ ଇଭେଣ୍ଟର ଆୟୋଜକଙ୍କ ବିରୁଦ୍ଧରେ ଏକ ସ୍ୱତଃ ମାମଲା ରୁଜୁ କରିଛି । ଯେଉଁଠାରେ ଅଭିନେତା ନିଧି ଅଗ୍ରୱାଲଙ୍କୁ ଏକ ଅଶାନ୍ତ ଭିଡ଼ ଦ୍ୱାରା ଆକ୍ରମଣ କରାଯାଇଥିଲା । ଗୁରୁବାର ପଞ୍ଜିକୃତ ଏହି ମାମଲା ବାଧ୍ୟତାମୂଳକ ଅନୁମତି ପାଇବା ଏବଂ ପର୍ଯ୍ୟାପ୍ତ ଭିଡ଼ ନିୟନ୍ତ୍ରଣ କାର୍ଯ୍ୟକାରୀ କରିବାରେ ବିଫଳତା ଉପରେ କେନ୍ଦ୍ରିତ ।

ଆଗାମୀ ଚଳଚ୍ଚିତ୍ର 'ଦି ରାଜା ସାବ'ର 'ସାହାନା ସାହାନା' ଗୀତର ଲଞ୍ଚ ସମୟରେ ବୁଧବାର ଏହି ଦୁଃଖଦ ଦୃଶ୍ୟ ପ୍ରକାଶ ପାଇଥିଲା । ଏହି ଇଭେଣ୍ଟ, ଯେଉଁଥିରେ ଆଗରୱାଲଙ୍କ ସହ-କଳାକାର ପ୍ରଭାସ ମଧ ସାମିଲ ଥିଲେ, ହାଇଦ୍ରାବାଦ ମଲରେ ପ୍ରଶଂସକମାନଙ୍କର ଏକ ବିଶାଳ ସମାବେଶକୁ ଆକର୍ଷିତ କରିଥିଲା ।

ଇଭେଣ୍ଟର ଭାଇରାଲ ସୋସିଆଲ ମିଡିଆ ଫୁଟେଜରେ ଦେଖାଯାଉଛି ଯେ ଆଗରୱାଲ ସ୍ଥାନ ଛାଡିବାକୁ ଚେଷ୍ଟା କରିବା ସମୟରେ ଏକ ଘନ, ଚାପଗ୍ରସ୍ତ ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ସଂଘର୍ଷ କରୁଥିଲେ । ତାଙ୍କୁ ସମ୍ପୂର୍ଣ୍ଣ ଘେରି ରହିଥିବା ଦେଖାଯାଇଥିଲା, ତାଙ୍କର ବ୍ୟକ୍ତିଗତ ସ୍ଥାନ ବାରମ୍ବାର ଭାଙ୍ଗି ଯାଇଥିଲା ଏବଂ ସୁରକ୍ଷା କର୍ମୀ ଏବଂ ଜଣେ ବାଉନ୍ସରଙ୍କ ହସ୍ତକ୍ଷେପ ସତ୍ତ୍ୱେ ତାଙ୍କ କାର ପାଖରେ ପହଞ୍ଚିବାରେ ଅସୁବିଧା ହେଉଥିଲା ।

ଆଇନଗତ କାର୍ଯ୍ୟାନୁଷ୍ଠାନକୁ ନିଶ୍ଚିତ କରି, କେବିଏଚବି ଇନ୍‌ସପେକ୍ଟର ଏସ୍. ରାଜଶେଖର ରେଡ୍ଡିଙ୍କୁ 'ଦି ହିନ୍ଦୁ' ଦ୍ୱାରା ଉଦ୍ଧୃତ କରାଯାଇଛି ଯେ କାର୍ଯ୍ୟକ୍ରମଟି ପୂର୍ବ ଅନୁମତି ବିନା କରାଯାଇଥିଲା । 'ଅନୁମତି ବିନା କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ମଲ୍ ପରିଚାଳନା ଏବଂ ଇଭେଣ୍ଟ ଆୟୋଜକଙ୍କ ବିରୁଦ୍ଧରେ ଏକ ମାମଲା ରୁଜୁ କରାଯାଉଛି,' ସେ କହିଛନ୍ତି । ପୋଲିସ ଅଧିକାରୀମାନେ ଆହୁରି କହିଛନ୍ତି ଯେ ସୁରକ୍ଷା ଏବଂ ଭିଡ଼ ପରିଚାଳନା ବ୍ୟବସ୍ଥାରେ ନିର୍ଦ୍ଦିଷ୍ଟ ତ୍ରୁଟିକୁ ଚିହ୍ନଟ କରିବା ପାଇଁ ତଦନ୍ତ ଚାଲିଛି ।

ଏହି ଘଟଣା ସେଲିବ୍ରିଟି ସୁରକ୍ଷା ଏବଂ ସାର୍ବଜନୀନ ସ୍ଥାନରେ ଇଭେଣ୍ଟ ଯୋଜନାକାରୀଙ୍କ ଦାୟିତ୍ୱ ସମ୍ପର୍କରେ ଅନଲାଇନରେ ଏକ ଗୁରୁତ୍ୱପୂର୍ଣ୍ଣ ବିତର୍କ ସୃଷ୍ଟି କରିଛି । ଅନେକ ସୋସିଆଲ ମିଡିଆ ବ୍ୟବହାରକାରୀ ଅଭିନେତାଙ୍କ ଦୃଶ୍ୟମାନ ଭାବରେ ଭୟଙ୍କର ଅଭିଜ୍ଞତା ଉପରେ ଆଲାର୍ମ ପ୍ରକାଶ କରିଛନ୍ତି, ଆୟୋଜକଙ୍କ ପ୍ରସ୍ତୁତି ଏବଂ ଭିଡ଼ର କିଛି ଅଂଶର ଆଚରଣକୁ ସମାଲୋଚନା କରିଛନ୍ତି ।

ଭିଡ଼ର ଆଚରଣର ଏକ ତୀବ୍ର ସମାଲୋଚନା ଯୋଡ଼ି, ଗାୟିକା ଏବଂ କଣ୍ଠସ୍ୱର ଅଭିନେତା ଚିନ୍ମୟୀ ଶ୍ରୀପାଦା ଏକ୍ସକୁ କହିଛନ୍ତି । ସେ ଦୃଶ୍ୟଟିକୁ ଜୋରଦାର ଭାବରେ ବର୍ଣ୍ଣନା କରି ଲେଖିଛନ୍ତି: 'ହଏନାମାନଙ୍କ ଠାରୁ ଖରାପ ବ୍ୟବହାର କରୁଥିବା ପୁରୁଷଙ୍କ ଦଳ... 'ସମାନ ମନର' ପୁରୁଷମାନଙ୍କୁ ଏକତ୍ରିତ କରି ଏକ ମହିଳାକୁ ଏପରି ହଇରାଣ କରିବେ । କିଛି ଭଗବାନ କାହିଁକି ସେମାନଙ୍କୁ ସମସ୍ତଙ୍କୁ ନେଇ ଏକ ଭିନ୍ନ ଗ୍ରହରେ ରଖନ୍ତି ନାହିଁ ?'

ଓଡ଼ିଶା

# ଦୁର୍ନୀତି ଜାଲରେ କୋଦଲା ଏନ୍ଏସି




**୧୮।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଗଞ୍ଜାମ ଜିଲ୍ଲା କୋଦଳା ଏନଏସିରେ ସ୍ୱଚ୍ଛତା ଏବଂ ତଥ୍ୟ ପ୍ରଦାନକୁ ନେଇ ବିବାଦ ଥମୁନଥିବା ବେଳେ ଆଜି ପୁଣି ଏକ ସାଂଘାତିକ ଅଡିଓ କଲ୍ ସୋସିଆଲ ମିଡିଆରେ ଭାଇରାଲ୍ ହେଉଛି । ଭାଇରାଲ ଅଡିଓରୁ ପ୍ରଶାସନର ସ୍ୱଚ୍ଛତା ଉପରେ ବଡ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଗତ ୨ ଦିନ ତଳେ ପୁଣି ଏକ ଟେଣ୍ଡର ବେଆଇନ ଭାବେ ଖୋଲା ଯାଇଛି । ଷ୍ଟ୍ରମ ୱାଟର ଡ୍ରେନ ପାଇଁ ଟେଣ୍ଡର ଫିକ୍ସିଂ ହୋଇଥିବା ଜଣାପଡିଛି । ବେଗୁନିଆପଡ଼ା ବ୍ଲକର ଯନ୍ତ୍ରୀ ଧର୍ମେନ୍ଦ୍ର ବାଡତ୍ୟା, ଆସିଷ୍ଟାଣ୍ଟ ଏକଜୁକେଟିଭ୍ ଇଞ୍ଜିନିୟର, ମୁଖ୍ୟ କିରାଣି, ଆକାଉଣ୍ଟାଣ୍ଟ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ଉପସ୍ଥିତିରେ, ଅଧ୍ୟକ୍ଷଙ୍କ ଅନୁପସ୍ଥିତିରେ ବେଆଇନ ଭାବେ ଟେଣ୍ଡର ଖୋଲାଯାଇ ସରକାରୀ ନିୟମକୁ ଉଲ୍ଲଂଘନ କରି ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି ।

ଭାଇରାଲ୍ ଅଡିଓରେ ଜନୈକ କାଉନସିଲର ଉନ୍ନୟନମୂଳକ କାର୍ଯ୍ୟର ସିସିଟିଭି ଫୁଟେଜ୍ ସୂଚନା ଅଧିକାର ଆଇନ ଜରିଆରେ ମାଗିଥିଲେ ମଧ କାର୍ଯ୍ୟ ନିର୍ବାହୀ ଅଧିକାରୀ ତାହା ଦେବାକୁ ବୁଲେଇ ବାଙ୍କି ମନା କରିବା ସହ ସିସିଟିଭିରେ ପୁଟେଜ କିଛି ବାହାରୁଚି କି କହୁଥିବା ଶୁଣିବାକୁ ମିଳୁଛି । ସାଧାରଣରେ ସନ୍ଦେହ କରାଯାଉଛି ଯେ ନଭେମ୍ବର ୨୮ ତାରିଖ ସନ୍ଧ୍ୟାରେ ହିଁ ଏହି ସିସିଟିଭିର ହାର୍ଡ ଡିସ୍କକୁ ଗାଏବ୍ କରିଦିଆ ଯାଇଛି । ଏହି ତଥ୍ୟ ଲୁଚାଇବା ଉଦ୍ୟମ ପଛରେ ବହୁ ଚର୍ଚ୍ଚିତ ଟେଣ୍ଡର ଫିକ୍ସିଂ ଓ ଅନିୟମିତତା ହିଁ ମୂଳ କାରଣ ଅଟେ ବୋଲି ଚର୍ଚ୍ଚା ଚାଲିଛି । ଯଦି କାମରେ ସ୍ୱଚ୍ଛତା ଅଛି, ତେବେ ଅଧିକାରୀମାନେ ତଥ୍ୟ ଦେବାକୁ ଭୟ କରୁଛନ୍ତି କାହିଁକି ? ତଥ୍ୟ ଲୁଚାଇବା ଏବଂ ଟେଣ୍ଡର ଫିକ୍ସିଂ ଭଳି ସଙ୍ଗୀନ ଅଭିଯୋଗ ଆସିବା ପରେ ଏହି ମାମଲାର ଏକ ଉଚ୍ଚସ୍ତରୀୟ ଓ ନିରପେକ୍ଷ ତଦନ୍ତ ପାଇଁ କୋଦଳା ସହରବାସୀ ଦାବି କରିଛନ୍ତି ।

ସାଧାରଣରେ ପ୍ରଶ୍ନ ଉଠିଛି ସରକାରୀ କାମର ତଥ୍ୟ ଦେବାକୁ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଭୟ କାହିଁକି ? ଫୁଟେଜ୍ ଲୁଚାଇ ଟେଣ୍ଡର ଦୁର୍ନୀତିକୁ ଘଣ୍ଟ ଘୋଡାଉଛନ୍ତି କି? ଆରଟିଆଇ ତଥ୍ୟ ଦେଲେ ଧରାପଡିଯିବ କି ବଡ ବଡ଼ କେଳେଙ୍କାରୀ ସ୍ୱଚ୍ଛତା କଥା କହୁଥିବା ଅଧିକାରୀ ଏବେ ଚୁପ୍ କାହିଁକି ଅଛନ୍ତି । ତଥ୍ୟ ଲୁଚାଇବା ପଛର ଅସଲ ଉଦ୍ଦେଶ୍ୟ କ'ଣ ହୋଇଥାଇ ପାରେ ? ନିଜେ ଇଓ କହୁଛନ୍ତି ସିସିଟିଭିରୁ କ'ଣ ବାହାରୁଚି କି? ନଭେମ୍ବର ୨୮ ତାରିଖ ସନ୍ଧ୍ୟାରେ ହିଁ ଫୁଟେଜକୁ ଗାଏବ୍ କରିଦେଇଛନ୍ତି କି ଇଓ । ସବୁଠାରୁ ବଡ଼ କଥା ହେଲା କିଏ ଏହି ୩ ରୁ ୪ଜନଣ ବ୍ୟକ୍ତି ଯାହାଙ୍କ ନାମ ଲେଖି ସୁଇସାଇଡ କରିବା ପାଇଁ କହୁଛନ୍ତି ଇଓ? କିଏ ଏହି ୩ରୁ ୪ଜଣ ବ୍ୟକ୍ତି ଦୁର୍ନୀତି କରିବା ପାଇଁ ଇଓଙ୍କୁ ଚାପ ପକାଉଛନ୍ତି? କୋଦଳା ଏନଏସିର ନିର୍ବାଚିତ ଜନପ୍ରତିନିଧିଙ୍କ ଫୋନ୍କୁ ବ୍ଲାକ ଲିଷ୍ଟରେ ପକାଇଥିବା ଆକାଉଣ୍ଟାଣ୍ଟ, ମୁଖ୍ୟ କିରାଣି ଓ ଅନ୍ୟାନ୍ୟ କର୍ମଚାରୀ କି ବାର୍ତ୍ତା ଦେବାକୁ ଚାହୁଁଛନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଶୁଣିବାକୁ ମିଳୁଛି କୋଦଳା ଏନଏସି କିଛି କର୍ମଚାରୀଙ୍କୁ ବାଧ କରାଯାଇଛି କାଉସିଲର ଭଗବାନ ପାଢ଼ୀ ଙ୍କ ମୋବାଇ ଯଦି ବ୍ଲାକ ଲିଷ୍ଟ ରେ ନ ପକେଇବ ତାହେଲେ ଚାକିରୀ ହେରେଇବ ଏଇ ଭଳି ଦୁର୍ନୀତି ଦିନକକୁ ଦିନ ଭାଡ଼ିବାରେ ଲାଗିଥିବା ବେଳେ ଜିଲ୍ଲା ପ୍ରଶାସନ କାହିଁକି ନୀରବ ତାହାକୁ ନେଇ ଏବେ ବଡ଼ ପ୍ରଶ୍ନ ଦୀର୍ଘ ୨୦ ଦିନ ପରେ ବିଏନ୍ଏସି ପରିସରରେ ସିସିଟିଭି କ୍ୟାମେରା ନ ଲଗାଯିବା ଦୁର୍ନୀତି ପାଇଁ ଷଡଯନ୍ତ୍ର ହେଉଥିବା ନେଇ ଆଲୋଚନା ହେଉଛି । ଏଣୁ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ଏହାକୁ ଗୁରୁତର ସହ ନେଇ ତଦନ୍ତ ନ କଲେ ଲୋକଙ୍କ ସରକାର କହୁଥିବା ମାନ୍ୟବର ମୁଖ୍ୟମନ୍ତ୍ରୀ ନାମ ବଦନାମ ହେଉଛି ।

## ଆଜିର ରାଶିଫଳ

| ତାରିଖ | ଶୁକ୍ରବାର–ଅମାବାସ୍ୟା |
|---|---|
| ୧୯.୧୨.୨୦୨୫ | ନକ୍ଷତ୍ର– ଜ୍ୟୋଷ୍ଠା, ବିଛାଚନ୍ଦ୍ର |



| | | |
|---|---|---|
| ମେଷ | : | ଦୁର୍ଘଟଣାଜନିତ ଭୟ ରହିଛି । |
| ବୃଷ | : | ଦିନଟି ହସଖୁସିରେ କଟିବ । |
| ମିଥୁନ | : | ବେକୟା ପଡ଼ିଥିବା ଅର୍ଥଲାଭ ହେବ । |
| କର୍କଟ | : | ବନ୍ଧୁଙ୍କ ସାହାଯ୍ୟ ପାଇଁ ଲାଭବାନ ହେବେ । |
| ସିଂହ | : | ଗୃହେ ଅଶାନ୍ତିର ବାତାବରଣ ସୃଷ୍ଟି ହେବ । |
| କନ୍ୟା | : | ଅଯଥା ଖର୍ଚ୍ଚାନ୍ତରେ ପଡ଼ିବେ । |
| ତୁଳା | : | ସ୍ୱାସ୍ଥ୍ୟରେ ଉନ୍ନତି ହେବ । |
| ବିଛା | : | ଅଯଥା ବ୍ୟୟ କରିବେ ଓ ଦ୍ରବ୍ୟହାନି ହେବ । |
| ଧନୁ | : | ଶାରୀରିକ ଅସୁସ୍ଥତା କଷ୍ଟଦେବ । |
| ମକର | : | ଭଲ ଖବର ପାଇବେ । |
| କୁମ୍ଭ | : | ଅର୍ଥଲାଭ ଯୋଗ ରହିଛି । |
| ମୀନ | : | ହସକୁସିରେ ଦିନଟି କଟିବ । |

### ବିଜୁ ପକ୍କାଘର ବିଲ ପାସ କରିବା ପାଇଁ ଲାଞ୍ଚ ମାମଲା

## ପିଇଓ ତ୍ରିନାଥ ସେଠିଙ୍କୁ ୩ବର୍ଷ ସଜ୍ଜା

**ଢେଙ୍କାନାଳ, ୧୮।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଢେଙ୍କାନାଳ ଜିଲ୍ଲାରେ କାର୍ଯ୍ୟରତ ପିଇଓ ତ୍ରିନାଥ ସେଠିଙ୍କୁ ଆଜି ଏକ ଭିଜିଲାନ୍ସ ମାମଲାର ଶୁଣାଣି କରି ଅତିରିକ୍ତ ଜିଲ୍ଲା ଦୌରାଜଜ ତଥା ଭିଜିଲାନ୍ସ କୋର୍ଟ ସ୍ୱତନ୍ତ୍ର ବିଚାରପତି ପ୍ରଣତୀ ଶାହା ଅଭିଯୁକ୍ତଙ୍କୁ ତିନିବର୍ଷ ସଶ୍ରମ କାରାଦଣ୍ଡାଦେଶ ସହ ଜୋରିମାନା ପ୍ରଦାନ ମାଇଁ ପ୍ରକାଶିତ ରାୟରେ ଉଲ୍ଲେଖ କରିଛନ୍ତି । ସୂଚନା ଅନୁଯାୟୀ ବାଲିମି ଥାନା ଅନ୍ତର୍ଗତ ଅସରଡ଼ା ଗ୍ରାମ ପଞ୍ଚାୟତର ଅନିରୁଦ୍ଧ ସାହୁ ଓ ଅମୀୟ ସାହୁଙ୍କର ଘର ପୋଡିଯିବା ପରେ ତାଙ୍କୁ ସରକାରଙ୍କ ତରଫରୁ ବିଜୁପକ୍କା ଗୃହ ଯୋଜନାରେ ଦୁଇ ଗୋଟି ଗୃହ ପ୍ରଦାନ କରାଯାଇଥିଲା। ଦୁଇ ଭାଇ ଅନିରୁଦ୍ଧ ଆଉ ଅମୀୟ ନିଜ ନିଜ ଗୃହ ନିର୍ମାଣ ସାରି ତାଙ୍କ ପଞ୍ଚାୟତରେ ଥିବା ପିଇଓଙ୍କୁ ଗୃହ ନିର୍ମାଣ ଅର୍ଥ ପ୍ରଦାନ ପାଇଁ ବିଲ ପାସ କରିବାକୁ କହିଥିଲେ। ହେଲେ ପିଇଓ ତ୍ରିନାଥ ତାଙ୍କ ବିଲ ପାସ୍ କରାଇଦେବା ପାଇଁ ୧୦ହଜାର ଲାଞ୍ଚ ମାଗିଥିଲେ।ଯାହାକୁ ନେଇ ଉପରୋକ୍ତ ଦୁଇ ଭାଇ ଭିଜିଲାନ୍ସ ଏସପିଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଭିଜିଲାନ୍ସ ବିଭାଗ ଅଧିକାରୀ ୯/୫/୨୦୧୭ମସିହାରେ ସନ୍ଧ୍ୟା ୭.୩୫ରେ ଛପି ରହିଥିବା ବେଳେ ଅମୀୟ ପିଇଓ ତ୍ରିନାଥଙ୍କୁ ରା ଗୋଳ ଛକରେ ଥିବା ତାଙ୍କ ଭଡା ଘରେ ୧୦୦୦ଟଙ୍କା ଲାଞ୍ଚ ଦେଉଥିବେଳେ ତ୍ରିନାଥଙ୍କ ଠାରୁ ଭିଜିଲାନ୍ସ ଅଧିକାରୀ ଟଙ୍କା ଜବତ କରିବା ସହ ଗିରଫ କରିଥିଲେ। ଏ ନେଇ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲେ, ପରେ କଟକ ଭିଜିଲାନ୍ସ ୩୦/୧୭ରେ ମାମଲାର ତଦନ୍ତ କରି କୋର୍ଟକୁ ତଦନ୍ତ ରିପୋର୍ଟ ପ୍ରଦାନ କରିଥିଲେ। ୯ଜଣ ସାକ୍ଷୀଙ୍କ ବୟାନ, ଭିଜିଲାନ୍ସର ୩୮ଟି ଦସ୍ତାବିଜକୁ ଆଧାର କରି ବିଚାରପତି ଶ୍ରୀମତୀ ଶାହା ଅଭିଯୁକ୍ତଙ୍କୁ ୩ବର୍ଷ ସଜ୍ଜା ସହ ୧୦ହଜାର ଟଙ୍କା ଜରିମାନା, ଜରିମାନା ଅନାଦେୟେ ଅଧିକ ୬ମାସ ସଶ୍ରମ କାରାଦଣ୍ଡାଦେଶ ପ୍ରଦାନ ପାଇଁ ରାୟରେ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଏହି ମାମଲାଟିକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଭିଜିଲାନ୍ସ ହେମନ୍ତ କୁମାର ଖଟୁଆ, ଅନୁଜ୍ଞା ମହାନ୍ତି ପରିଚାଳନା କରୁଥିଲେ।ଭିଜିଲାନ୍ସ ପକ୍ଷରୁ ତ୍ରିନାଥଙ୍କୁ ଚାକିରିରୁ ବହିଷ୍କାର ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ପତ୍ର ମାଧ୍ୟମରେ ଜଣାଇଦିଆଯାଇଛି। ପ୍ରକାଶ ଥାଉ କି ଅଭିଯୁକ୍ତ ପିଇଓ ବର୍ତ୍ତମାନ କାମାକ୍ଷାନଗର ନିର୍ବାଚନ ମଣ୍ଡଳୀ ଅଧୀନ ବାରଦା ଗ୍ରାମ ପଞ୍ଚାୟତରେ ପିଇଓ ଭାବେ କାର୍ଯ୍ୟରତ ଅଛନ୍ତି ।

## ଦାଦନ ଖଟିବାକୁ ଯାଇ ୯ ଯୁବକ ଅଟକ

**ରାୟଗଡ଼ା, ୧୮।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟ ସରକାରଙ୍କ ଯୋଜନା ମାଳମାଳ ହେଲେ ଜିଲ୍ଲାରେ କାର୍ଯ୍ୟକାରୀ ହୋଇପାରୁନି ବୋଲି ଅଭିଯୋଗ ହୋଇଛି । ଯାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକରେ । କାଶୀପୁର ବ୍ଲକ ୯ ଜଣ ଯୁବକ କାମ କରିବା ପାଇଁ ତେଲଙ୍ଗାନା ରାଜ୍ୟର ହାଇଦ୍ରାବାଦରେ ଏକ ଘରୋଇ କମ୍ପାନୀକୁ ଯାଇଛନ୍ତି । ନଭେମ୍ବର ମାସରେ ଯାଇ ଇତିମଧ୍ୟରେ ଦେଢ଼ ମାସରୁ ଊର୍ଦ୍ଧ୍ୱ ହେଲାଣି । ହେଲେ କମ୍ପାନୀ କାମ ଦେଉନାହିଁ କି ପ୍ରତିଶ୍ରୁତି ଦେଇଥିବା ଅଗ୍ରୀମ ୨୫ ହଜାର ଟଙ୍କା ମଧ ଦେଉନାହିଁ । ଏହିଭଳି ଅଭିଯୋଗ ଆଣିଛନ୍ତି ଉକ୍ତ ୯ ଯୁବକ । ସେମାନେ ହେଲେ କାଶୀପୁର ବ୍ଲକର ବିଟୁ ମାଝୀ, ଦଇତାରୀ ମାଝୀ, ବିଭୀଷଣ ମାଝୀ, କବି ମାଝୀ, ରାଜୁ ମାଝୀ, ବୁଲୁ ମାଝୀ, ମୋହନ ମାଝୀ, ସମ୍ରାଟ ମାଝୀ ଓ ବ୍ରଜ ମାଝୀ । ସେମାନେ ସେଠାକୁ କାମ କରିବାକୁ ଗଲେ ପୂର୍ବରୁ ଗ୍ଲୋବାଲ ଷ୍ଟିଲ କମ୍ପାନୀରେ ଏନେଇ ସେମାନେ ଅନ୍ତର୍ଜାତୀୟ ମାନବ ଅଧିକାର ରକ୍ଷକ ସଦନ ମାଝୀଙ୍କୁ ଫୋନ୍ ଯୋଗେ ସୂଚନା ଦେବା ସହିତ ଭିଡିଓ ବାର୍ତ୍ତା ଦେଇଛନ୍ତି । ସେମାନଙ୍କୁ ନିଜର ପ୍ରାପ୍ୟ ପାଇବାର ସୁବିଧା କରିବା ସହିତ ଘରକୁ ଫେରାଇ ଆଣିବା ପାଇଁ ଜିଲ୍ଲା ପ୍ରଶାସନ ଓ ଜିଲା ଶ୍ରମ ବିଭାଗକୁ ନିକଟରେ ଭିଡିଓ ମାଧ୍ୟମରେ ଅନୁରୋଧ କରିଛନ୍ତି । ଏଭଳିକି ସେମାନେ ନେଇଥିବା ଟଙ୍କା ସରିଯାଇଥିବା ବେଳେ ଗତ ୭ ଦିନ ହେଲାଣି ସେମାନେ ଠିକସେ ଖାଇବାକୁ ପାଉନାହାନ୍ତି ବୋଲି ଅଭିଯୋଗ କରିଛନ୍ତି ।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମହିଳା ମୃତ

**ବାଲେଶ୍ୱର ୧୮।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଗାଧୋଇବା ପାଇଁ ହିଟରରେ ପାଣି ଗରମ କରୁଥିବାବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମହିଳା ମୃତ । ଏଭଳି ଅଭାବନୀୟ ଘଟଣା ଘଟିଛି ବାଲେଶ୍ୱର ଜିଲ୍ଲା ଡୁଙ୍ଗୁରା ପଞ୍ଚାୟତ ରଘୁନାଥପୁର ଗାଁରେ । କାହ୍ନୁ ଚରଣ ବୈଶାଖୀଙ୍କ ସ୍ତ୍ରୀ ଯଜ୍ଞଶେନୀ ବେହେରା ଆଜି ସକାଳେ ଗାଧୋଇବା ପାଇଁ ହିଟରରେ ପାଣି ଗରମ କରୁଥିଲେ । ଏତିକିବେଳେ ବିଦ୍ୟୁତ ସଂସ୍ପର୍ଶରେ ଆସି ଚେତାଶୂନ୍ୟ ହୋଇଯାଇଥିଲେ । ପରିବାର ଲୋକ ଉଦ୍ଧାର କରି ଚେତାଶୂନ୍ୟ ଅବସ୍ଥାରେ ଖଇରା ମେଡିକାଲ ନେଇଥିଲେ । ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ୬ ମାସ ପୂର୍ବରୁ ଯାଜ୍ଞଶେନିଙ୍କର ବିବାହ ହୋଇଥିଲା ।

## ଫଳକ ଭୁଶୁଡ଼ି ଛାତ୍ର ମୃତ : କ୍ଷତିପୂରଣ ଦାବିରେ ରାସ୍ତାରୋକ

**କୋଟପାଡ଼, ୧୮।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**



କୋରାପୁଟ ଜିଲ୍ଲା କୋଟପାଡ଼ ବ୍ଲକ୍ ଡମଣାହାଣ୍ଡି ପଞ୍ଚାୟତ ଅନ୍ତର୍ଗତ ଗାନ୍ଧୀନଗର ଆବାସିକ ବିଦ୍ୟାଳୟରେ ବୁଧବାର ଅଭାବନୀୟ ଘଟଣା ଘଟିଛି । ଫଳକ ଭୁଶୁଡ଼ିବାରୁ ଜଣେ ତୃତୀୟ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଛାତ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି । ଉପରୋକ୍ତ ଆବାସିକ ବିଦ୍ୟାଳୟ ହଷ୍ଟେଲରେ ରହି ସିଉନିଗୁଡ଼ା ଗାଁର ପ୍ରେମାନନ୍ଦ ଭତ୍ରା ଓ ସିରିସି ଗାଁର ଶିବ ଭତ୍ରା ପାଠ ପଢୁଥିଲେ । ଆଜି ସକାଳେ ପୂର୍ବରୁ ନିର୍ମାଣ ହୋଇଥିବା ଗୋଟିଏ ଫଳକ ତଳେ ବସି ଉଭୟ ଛାତ୍ର ଦାନ୍ତ ଘଷୁଥିଲେ । ଏହି ସମୟରେ ହଠାତ୍ ଫଳକଟି ଭୁଶୁଡ଼ି ପଡ଼ିବାରୁ ଉଭୟ ଛାତ୍ର ଚାପି ହୋଇଯାଇଥିଲେ । ହଷ୍ଟେଲ କର୍ତ୍ତୃପକ୍ଷ ସେମାନଙ୍କୁ ଉଦ୍ଧାର କରି କୋଟପାଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । କିନ୍ତୁ ଡାକ୍ତରଖାନାରେ ତୃତୀୟ ଶ୍ରେଣୀ ଛାତ୍ର ପ୍ରେମାନନ୍ଦ ଭତ୍ରାଙ୍କର ମୃତ୍ୟୁ ହୋଇଥିଲା । ଅନ୍ୟପଟେ ପ୍ରାଥମିକ ଚିକିତ୍ସା ସତ୍ତ୍ୱେ ଶିବ ଭତ୍ରାଙ୍କ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ଉନ୍ନତି ନ ଆସିବାରୁ ତାଙ୍କୁ ଜୟପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି ।

ଖବର ପାଇ ପୂର୍ବତନ ମନ୍ତ୍ରୀ ପଦ୍ମିନୀ ଦିଆନ, ପୂର୍ବତନ ସାଂସଦ ପ୍ରଦୀପ ମାଝୀ, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ପୂର୍ବତନ ବିଧାୟକ ଚନ୍ଦ୍ରଶେଖର ମାଝୀ ପ୍ରମୁଖ ମୃତ ଛାତ୍ରଙ୍କ ପରିବାରକୁ ଭେଟି ସମବେଦନା ଜଣାଇଥିଲେ । ସରକାରୀ ଅବହେଳା ଯୋଗୁ ଏଭଳି ଅଘଟଣ ଘଟିଥିବାରୁ ତୁରନ୍ତ କ୍ଷତିପୂରଣ ଦାବି କରି ୬୩ ନମ୍ବର ଜାତୀୟ ରାଜପଥକୁ ଅବରୋଧ କରିଥିଲେ । ଫଳରେ ମଧ୍ୟାହ୍ନ ୧୨ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଗାଡ଼ି ଅଟକି ରହିଥିଲା । ଜୟପୁର ଉପଜିଲ୍ଲାପାଳ ଏ. ଶସ୍ୟା ରେଡ୍ଡି ଘଟଣାସ୍ଥଳରେ ପହଞ୍ଚି ରେଡ୍କ୍ରସ୍ ପାଣ୍ଠିରୁ ୫୦ ହଜାର ଟଙ୍କା ଦେବା ସହ ସରକାରଙ୍କ ପକ୍ଷରୁ ଉଚିତ କ୍ଷତିପୂରଣ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହାପରେ ବିଜେଡି ନେତା ଓ ପରିବାର ଲୋକ ରାସ୍ତାରୁ ଉଠିଥିଲେ । ଆଲୋଚନା ସମୟରେ ତହସିଲଦାର ଟ୍ୱିଙ୍କିଲ୍ ସେଠୀ, ପିଏ ଆଇଟିଡିଏ ତୃପ୍ତି ବରାଇ, ବିଡିଓ ମନୋଜ ନାୟକ, ଡବ୍ଲୁଇଓ ଆକାଶ ଜେନା, ଥାନା ଆଇଆଇସି ପରମାନନ୍ଦ ସୁନାନୀ ଉପସ୍ଥିତ ଥିଲେ ।

## ଆହାର କେନ୍ଦ୍ରରୁ ବନ୍ଧୁକ ଜବତ

**ବାଲେଶ୍ୱର, ୧୮।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ବାଲେଶ୍ୱର ଜିଲ୍ଲା ସୋର ଥାନା ମେଡିକାଲ ପରିସରରେ ଥିବା ଆହାର କେନ୍ଦ୍ର ଭିତରୁ ବନ୍ଧୁକ ଜବତ ହୋଇଛି । ଆହାର କେନ୍ଦ୍ରରେ ଜଣେ ଯୁବକ ଖାଉଥିବାବେଳେ ତାଙ୍କ ପାଖରେ ବନ୍ଧୁକ ଥିବା ସିକ୍ୟୁରିଟି ଦେଖିବାକୁ ପାଇଥିଲେ । ପରେ ସିକ୍ୟୁରିଟି ଏବଂ ଆହାର କେନ୍ଦ୍ରର କର୍ମଚାରୀ ଯୁବକଙ୍କଠୁ ବନ୍ଧୁକ ଆଣିବା ବେଳେ ଯୁବକ ଜଣକ ପାଚେରୀ ଡେଇଁ ଫେରାର୍ ହୋଇଯାଇଥିଲେ । ପୁଲିସ୍ ଯୁବକଙ୍କୁ ଧରି ଥାନାରେ ଅଟକ ରଖିଛି ।

## ଶାଶୂକୁ ହତ୍ୟା କଲା ବୋହୂ

**ଅନୁଗୁଳ : ଏକ୍ସପ୍ରେସ୍ ନ୍ୟୁଜ୍**

ଅନୁଗୁଳ ଜିଲ୍ଲା ସଦର ଥାନା ଅନ୍ତର୍ଗତ ଖଲାରୀ ଗଡପଦା ସାହିରେ ବିଭତ୍ସ ହତ୍ୟାକାଣ୍ଡ ଘଟିଛି । ଶାଶୁକୁ ହତ୍ୟା କରିଛି ବୋହୂ । ମାଆ ସହ ମିଶି ଶାଶୁ କୁନି ନାୟକଙ୍କୁ ବୋହୂ ସରିତା ସାହୁ ହତ୍ୟା କରିଥିବା ଅଭିଯୋଗ ହୋଇଛି । ଏହାକୁ ନେଇ କୁନି ନାୟକଙ୍କ ପୁଅ କାହ୍ନୁ ନାୟକ ଥାନାରେ ଏତଲା ଦେଇଥିଲେ । ବୋହୂ ସରିତା ସାହୁ ଓ ତାଙ୍କ ମାଆଙ୍କୁ ଅଟକ ରଖି ସଦର ଥାନା ପୁଲିସ ତଦନ୍ତ ରଖିଛି । ସେପଟେ ମୃତକଙ୍କ ପୁଅ କାହ୍ନୁ ନାୟକ ଏ ନେଇ ଥାନାରେ ଏତଲା ଦେଇଛନ୍ତି । ତାଙ୍କ ଅଭିଯୋଗ ଅନୁଯାୟୀ ସବୁବେଳେ ତାଙ୍କ ପତ୍ନୀ ଓ ମାଆଙ୍କ ମଧ୍ୟରେ ଝଗଡ଼ା ଲାଗି ରହୁଥିଲା । ଗତକାଲି ରାତିରେ ସେ କାମରୁ ଘରକୁ ଫେରିବା ପରେ ମାଆ ପାଖ ରୁମରେ ଶୋଇଥିବା ନେଇ ବୋହୂ କହିଥିଲେ । ତେବେ ସେ ଯାଇ ଦେଖିଲା ବେଳକୁ ତାଙ୍କ ମାଆ ମରି ସାରିଥିଲେ । ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗି ରକ୍ତ ବାହାରୁଥିଲା । ତାଙ୍କୁ ନିକଟସ୍ଥ ମେଡିକାଲକୁ ନିଆଯାଇଥିଲା । ହେଲେ ଡାକ୍ତର ସେଠାରେ କୁନି ନାୟକଙ୍କୁ ମୃତ ଘୋଷଣା କରିଥିଲେ ।

## ସାନଭାଇ ମାଡ଼ରେ ବଡ଼ ଭାଇ ମୃତ

**ଭୋଗରାଇ, ୧୮।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ମାନକୁଣ୍ଡା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି । ଘର ସାମ୍ନା ରାସ୍ତାରେ ବାଇକ୍ ରଖାକୁ କେନ୍ଦ୍ର କରି ସାନଭାଇ ମାଡ଼ରେ ବଡ଼ ଭାଇର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି । ଖବର ପାଇ ଭୋଗରାଇ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସାନଭାଇଙ୍କୁ ଥାନାକୁ ଆଣି ଅଟକ ରଖିବା ସହିତ ପ୍ରାଥମିକ ତଦନ୍ତ ଜାରି ରଖିଛି ।

ସୂଚନା ଅନୁଯାୟୀ, ମାନକୁଣ୍ଡା ଗାଁର ବଡ଼ ଭାଇ ସନିଆ ମାଝୀଙ୍କ ଘର ସମ୍ମୁଖ ରାସ୍ତାରେ ସାନ ଭାଇ ପବନ ମାଝୀ ରାସ୍ତା ଉପରେ ଏକ ବାଇକ୍ ରଖିଥିଲେ । ଉକ୍ତ ବାଇକ ରଖାକୁ କେନ୍ଦ୍ର କରି ଦୁଇ ଭାଇଙ୍କ ମଧ୍ୟରେ ଗଣ୍ଡଗୋଳ ସୂତ୍ରପାତ ହୋଇଥିଲା । ଗଣ୍ଡଗୋଳ କ୍ରମଶଃ ଉଗ୍ର ରୂପ ନେବାରୁ ଦୁଇ ଭାଇଙ୍କ ମଧ୍ୟରେ ହାତାହାତି ହେଇଥିବାର ପାଖ ପଡୋଶୀମାନେ କହିଥିଲେ । ଆକ୍ରମଣ ଓ ପ୍ରତି ଆକ୍ରମଣରେ ବଡ଼ ଭାଇ ସନିଆ ମାଝି ଗୁରୁତର ଅବସ୍ଥାରେ ଜଳେଶ୍ୱରପୁର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ସେଠାରେ ତାଙ୍କର ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରକୁ ସ୍ଥାନାନ୍ତରିତ କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିବା ନେଇ ସୂଚନା ମିଳିଛି । ତେବେ ମୃତଦେହକୁ ବ୍ୟବଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଛି । ଏହି ଘଟଣା ନେଇ ଭୋଗରାଇ ଥାନାରେ ଏତଲା ଦିଆଯାଇନଥିବା ନେଇ ପୋଲିସ ପକ୍ଷରୁ କୁହାଯାଇଛି ।

## ନୀଳଗିରିରେ ମାତିଛନ୍ତି ନକଲି ହାତୀଦାନ୍ତ ବେପାରୀ

**ନୀଳଗିରି, ୧୮।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**



ବାଲେଶ୍ୱର ଜିଲ୍ଲା ନୀଳଗିରିରେ ଥିବା କୁଲଡିହା ଅଭୟାରଣ୍ୟ ଅବାଧ ଜୀବଜନ୍ତୁ ଶିକାର ରୋକିବା ପାଇଁ ବନବିଭାଗ ପକ୍ଷରୁ ଜଙ୍ଗଲ ମଧ୍ୟରେ ବିଭିନ୍ନ ସ୍ଥାନରେ ଏଆଇ କ୍ୟାମେରା ଲଗାଯାଇଛି । ମାତ୍ର ଶିକାରୀମାନେ ଏହି କ୍ୟାମେରା ସମ୍ପର୍କରେ ଅବଗତ ନ ଥିବା ବେଳେ ଘଟାଇଥିବା କାରନାମା ସମ୍ପର୍କରେ ବନବିଭାଗ ଦେଖି ଚକିତ ହୋଇଥିଲେ ।

ସୂଚନା ମୁତାବକ ଗତ କିଛି ଦିନ ପୂର୍ବରୁ ଏକ ମାଇହାତୀ ମରି ଯାଇଥିଲା ତାକୁ ବ୍ୟବଚ୍ଛେଦ ପରେ ଜଙ୍ଗଲ ମଧ୍ୟରେ ଗାତ ଖୋଳି ପୋତିଥିଲା କୁଲଡ଼ିହା ବନବିଭାଗ । ମାତ୍ର ଗତ ୨/୩ ଦିନ ପୂର୍ବରୁ ଜୀବଜନ୍ତୁ ଶିକାର କରିବାକୁ ଯାଇଥିବା ୫ଜଣ ଶିକାରୀଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ବିଭିନ୍ନ ମାରଣାସ୍ତ୍ର ଓ ଶିକାର କରିଥିବା ବନ୍ୟଜନ୍ତୁ ଜବତ କରିବା ସହ କ୍ୟାମେରାରେ କଏଦ ହୋଇଥିବା ଦୃଶ୍ୟ ସମ୍ପର୍କରେ ଡିଏଫ୍ଓଙ୍କ ନିର୍ଦ୍ଦେଶକ୍ରମେ ଖୋଳତାଡ଼ ଜାରି ରଖିଥିଲା କୁଲଡ଼ିହା ବନବିଭାଗର ଅଧିକାରୀ ଓ କର୍ମଚାରମାନେ । ଶିକାରୀମାନେ ପୋତା ଯାଇଥିବା ମୃତ ହାତୀ ପୋତା ଯାଇଥିବା ସ୍ଥାନକୁ ଖୋଳି ମୃତ ହାତୀର ବିଭିନ୍ନ ହାଡକୁ ନେଇଯାଇଥିଲେ । ସଂଗ୍ରହ କରିଥିବା ହାଡକୁ ବିଭିନ୍ନ ଯନ୍ତ୍ର ସାହାଯ୍ୟରେ ଖଣ୍ଡ ଓ ଗୁଣ୍ଡ କରି ଅବିକଳ ହାତୀଦାନ୍ତ ଭାବେ ପ୍ରସ୍ତୁତ କରି କୋଟି କୋଟି ଟଙ୍କାରେ ବିକି ମାଲେମାଲ ହେବା ଆଗରୁ ଏମାନଙ୍କୁ ଗିରଫ କରିଛି ବନବିଭାଗ । ଏଆଇ କ୍ୟାମେରାରେ ଚିହ୍ନଟ ହୋଇଥିବା ନୀଳଗିରି ଓ ସୋର ଅଞ୍ଚଳରେ ବିଭିନ୍ନ ସ୍ଥାନରେ ଚଢାଉ କରି ୪ଜଣଙ୍କୁ ଗିରଫ କରିବା ସହ ଉକ୍ତ କାର୍ଯ୍ୟରେ ସଂପୃକ୍ତ ଥିବା ଅନ୍ୟ ବ୍ୟକ୍ତିମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ବନବିଭାଗର ଅଧିକାରୀ । କୁଲଡ଼ିହାରେ ଯେବେ ଠାରୁ ଏଆଇ କ୍ୟାମେରା ଲଗାଯାଇଛି ପ୍ରତ୍ୟେକ ଦିନ ଶିକାରୀମାନଙ୍କ ଉପରେ ତୀକ୍ଷ୍ଣଦୃଷ୍ଟି ରଖିବା ସହିତ ନୂଆ ନୂଆ ତଥ୍ୟ ସାମ୍ନାକୁ ଆସୁଛି । ଅନ୍ୟପକ୍ଷରେ ହାତୀଦାନ୍ତ କିଣିବାକୁ ଆସୁଥିବା ବ୍ୟକ୍ତିମାନେ ନକଲି ହାତୀଦାନ୍ତ ନେଇ ଲକ୍ଷ ଲକ୍ଷ ଟଙ୍କା ହରାଉଛନ୍ତି ବୋଲି ବେଶ ଚର୍ଚ୍ଚା ହେଉଛି ନୀଳଗିରି ଅଞ୍ଚଳରେ ।

## ସଟର୍ ତାଡି ଲକ୍ଷାଧିକ ଟଙ୍କାର ସୁନା ଗହଣା ଲୁଟ୍

**ବଲାଙ୍ଗୀର, ୧୮।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ବଲାଙ୍ଗିର ଜିଲ୍ଲା ଲୋଇସିଂହା ବସଷ୍ଟାଣ୍ଡ ସ୍ଥିତ ଜସ୍ମିନ ଅଳଙ୍କାର ଦୋକାନରୁ ବୁଧବାର ରାତିରେ ସଟ୍ ତାଡ଼ି ଲକ୍ଷାଧିକ ଟଙ୍କାର ସୁନାଗହଣା ଚୋରି ହୋଇଛି । ଏନେଇ ଦୋକାନ ମାଲିକ ୱାସୀମ ଖାନ ଲୋଇସିଂହା ଥାନରେ ଲିଖିତ ଅଭିଯୋଗ କରିଛନ୍ତି ।

ଅଭିଯୋଗ ଅନୁଯାୟୀ, ଗୁରୁବାର ସକାଳେ ୱାସୀମ ଖାନ ତାଙ୍କ ଦୋକାନ ଖୋଲିବାକୁ ଯିବାବେଳେ ସଟର ତଡ଼ା ହୋଇଥିବା ଦେଖିଥିଲେ । ଦୋକାନ ଖୋଲି ଯାଞ୍ଚ କରିବାରୁ ପ୍ରାୟ ୪୨ ଲକ୍ଷରୁ ଅଧିକ ଟଙ୍କାର ଅଳଙ୍କାର ଚୋରି ହୋଇଥିବା ଜାଣିବାକୁ ପାଇଲେ । ୱାସୀମଙ୍କର ପ୍ରାୟ ଅଢ଼େଇ ଗ୍ରାମର ସୁନା ଅଳଙ୍କାର ଓ ୨୦ କେଜିର ରୁପା ଅଳଙ୍କାର ଚୋରି ହୋଇଛି । ରାତି ପ୍ରାୟ ୧ଟା ୫୦ରୁ ୨ଟା ୧୦ ମିନିଟ ମଧ୍ୟରେ ୨ ଜଣ ଚୋର ସଟର ତାଡ଼ି ଦୋକାନ ଭିତରେ ପଶି ସବୁ ନେଇଯାଇଥିବା ସିସିଟିଭି ଫୁଟେଜରୁ ଜଣାପଡିଛି । ଲୋଇସିଂହା ପୁଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛି ।

ଲୋଇସିଂହା ଥାନା ଠାରୁ ମାତ୍ର ଶହେ ମିଟର ଦୂର ଏବଂ ବଲାଙ୍ଗିର ବରଗଡ଼ ୨୬ ନଂ ରାଜପଥ କଡରେ ଥିବା ଦୋକାନରୁ ବର୍ଷକ ମଧ୍ୟରେ ୨ ଥର ଚୋରି ହେଲାଣି । ଯାହାକି ସାଧାରଣରେ ଆଲୋଡନ ସୃଷ୍ଟି କରିଛି । ଅପରପକ୍ଷେ ପୁଲିସ ପକ୍ଷରୁ ରାତି ବେଳା ପାଟ୍ରୋଲିଂ ହେଉନଥିବାରୁ ବାରମ୍ବାର ଚୋରି ହେଉଥିବା ଅଭିଯୋଗ ହେଉଛି ।

## ଅନ୍ୟ ଧର୍ମରେ ବିବାହ କରିଥିବାରୁ ଶବ ଉଠାଇଲେନି ଗାଁ ଲୋକେ

**କେନ୍ଦୁଝର :ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ବାଇଦ ବାଜା ଗାଁରେ ମକୁରୁ ମୁଣ୍ଡାଙ୍କ ମୃତ୍ୟୁ ପରେ ଗାଁରେ ଉତ୍ତେଜନା ପ୍ରକାଶ ପାଇଥିଲା । ମକୁରୁ ଖ୍ରୀଷ୍ଟଧର୍ମ ଗ୍ରହଣ କରିଥିବାରୁ ହିନ୍ଦୁଲୋକମାନେ ନିଜ ସମାଧି ସ୍ଥଳରେ ପୋତିବାକୁ ଦେଇ ନ ଥିଲେ । ଫଳରେ ଦୀର୍ଘ ୩୨ଘଣ୍ଟା ଧରି ଶବ ପଡ଼ି ରହିଥିଲା । ମକୁରୁର ଭାଇ ଘଟଗାଁ ଥାନାରେ ଶବ ପୋତିବାକୁ ଦେଉନାହାନ୍ତି ବୋଲି ଅଭିଯୋଗ କରିଥିଲେ । ଏହାପରେ ପାଟଣା ତହସିଲଦାର ଅଶ୍ୱିନୀ କୁମାର ନାଏକ, ଘଟଗାଁ ଏସଡିପିଓ ବିଜୟ କୃଷ୍ଣ ମହାପାତ୍ର, ଘଟଗାଁ ଥାନା ଅଧିକାରୀ ଶୁଭ୍ରାଂଶୁ ଜେନାଙ୍କ ହସ୍ତକ୍ଷପ ପରେ ଦୀର୍ଘ ୩୨ଘଣ୍ଟା ପରେ ଘଟଗାଁ ଥାନା ଏଏସଆଇ ବାସୁଦେବ ମିର୍ଦ୍ଧାଙ୍କ ଉପସ୍ଥିତିରେ ଶବଦାହ କରାଯାଇଛି ।

## ଗଜପତିରେ କପା ମଣ୍ଡି ନଥିବାରୁ ଚାଷୀ ହନ୍ତସନ୍ତ

**ଗଜପତି, ୧୮।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**



ଗଜପତି ଜିଲ୍ଲାରେ ସମସ୍ତ ସାତୋଟି ବ୍ଲକର ଅଧିକାଂଶ ପାହାଡ଼ିଆ ଓ ଢିପ ଅଞ୍ଚଳରେ ହଜାର ହଜାର ଆଦିବାସୀ, ଚାଷୀ, ମକା ଓ କପା ଚାଷ କରିଥାନ୍ତି । ଜିଲ୍ଲାରେ ଅମଳ ହେଉଥିବା ଅର୍ଥକାରୀ ଫସଲ ମଧ୍ୟରୁ ଅନ୍ୟତମ ଏବଂ କାଜୁ ପରେ ଅଧିକ ଫସଲ ଅମଳ ହେଉଥିବା ଚାଷ ହେଉଛି କପା । ବର୍ଷ ବର୍ଷ ଧରି ଏହି ଚାଷ କରି ଆସୁଥିଲେ ମଧ ଅମଳ ଫସଲକୁ ସଠିକ୍ ଦରରେ ବିକ୍ରି କରିପାରୁ ନାହାନ୍ତି । ଚାଷୀ ଫଳରେ କ୍ଷତିଗ୍ରସ୍ତ ହେଉଛନ୍ତି । ଜିଲ୍ଲାରେ ଅମଳ କପା ସାଇତି ରଖିବା ପାଇଁ ସରକାରଙ୍କ ପକ୍ଷରୁ କୌଣସି ବ୍ୟବସ୍ଥା ନାହିଁ , ଏମିତି କି ବିକ୍ରି କରିବା ପାଇଁ ଜିଲ୍ଲାରେ ମଣ୍ଡି ମଧ ନାହିଁ । ତେଣୁ ଅମଳ କପାକୁ ଦଲାଲ ଜରିଆରେ ବାହାର ରାଜ୍ୟର ବେପାରୀଙ୍କୁ ଶାଗ ମାଛ ଦରରେ ବିକ୍ରି କରୁଛନ୍ତି ।

ପ୍ରଥମେ ଅଦିନିଆ ବର୍ଷା ଆଉ ତାପରେ ବାତ୍ୟା ମୋନ୍ଥା ପ୍ରଭାବରେ ବର୍ଷା କପା ଚାଷୀଙ୍କ ୫୦ ପ୍ରତିଶତ କପା ନଷ୍ଟ ହେବା ପରେ ଯାହା ବଳି ଥିଲା ତାକୁ ଆନ୍ଧ୍ର ବେପାରୀଙ୍କୁ ଶାଗମାଛ ଦରରେ ବିକି ଚାଲିଛନ୍ତି ଗଜପତି ଜିଲ୍ଲାର କପାଚାଷୀ । ବିଶେଷ କରି କାଶୀନଗର ଅଞ୍ଚଳରୁ ଅଧିକାଂଶ ଅମଳ କପା ଆନ୍ଧ୍ର ବେପାରୀ ହାତରେ ଟେକି ଦେଉଛନ୍ତି ଚାଷୀ । ସରକରୀ ଭାବରେ ଜିଲ୍ଲାରେ ମୋଟ ୨୬୪୬ ହେକ୍ଟର ଜମିରେ କପାଚାଷ କରାଯାଉଥିବା ବେଳେ ପାଖାପାଖି ୫୨୯୨୦ କ୍ୱିଣ୍ଟାଲ କପା ଅମଳ ଲକ୍ଷ ରଖିଛି ବିଭାଗ , କିନ୍ତୁ ଜିଲ୍ଲାରେ ୭୩୩ ଜଣ ଚାଷୀ କପା ବିକ୍ରି ପାଇଁ ମୋବାଇଲ ଆପ ମାଧ୍ୟମରେ ଆବେଦନ କରିଥିଲେ ମଧ ସେଥିରୁ ମାତ୍ର ୩୩ ଜଣ ଚାଷୀ ପଞ୍ଜୀକୃତ ହୋଇ ପାରିଛନ୍ତି । ଜମି ପଟ୍ଟା, ରାଜସ୍ୱ ଅଧକାରୀଙ୍କ ରିପୋର୍ଟ, ନେଟୱର୍କ ସମସ୍ୟା ଭଳି ଅନେକ କାରଣରୁ ଚାଷୀ ଆପରେ ପଞ୍ଜୀକୃତ ହେବାରୁ ବଞ୍ଚିତ ଅଛନ୍ତି ।

ଅନ୍ୟ ପକ୍ଷରେ ଜିଲ୍ଲାରେ ମଣ୍ଡି ବ୍ୟବସ୍ଥା ନଥିବା ବେଳେ ପଞ୍ଜୀକୃତ ଚାଷୀ ମଧ ରାୟଗଡ଼ା ଜିଲ୍ଲାରେ ଯାଇ ମଣ୍ଡିରେ ବିକ୍ରି କରିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି ଯାହାର ଫାଇଦା ନେଉଛନ୍ତି ଦଲାଲ । ସେପଟେ ବର୍ତ୍ତମାନ କଟନ କର୍ପୋରେସନ ପକ୍ଷରୁ କପା କ୍ୱିଣ୍ଟାଲ ପ୍ରତି ୮୧୧୦ ଟଙ୍କା ଦର ଧାର୍ଯ୍ୟ କରାଯାଇଥିବା ବେଳେ ଆନ୍ଧ୍ର ବେପାରୀ ମାତ୍ର ୬ ହଜାର ଟଙ୍କାରେ କିଣି ଚାଲିଛନ୍ତି । ଦୁଇଦୁଇ ଥର ଔଷଧ, ସାର ଦେଇ ବର୍ଷାରେ ବଞ୍ଚିଥିବା କପାକୁ ଧାର କରଜ କରି ମୂଲିଆ ହାତରେ କପା ତୋଳାଇବା ସହ ସେପଟେ ଆନ୍ଧ୍ରପ୍ରଦେଶର ବ୍ୟବସାୟୀଙ୍କୁ ଗଜପତିର ଧଳା ସୁନା ମଣ୍ଡି ଅଭାବରୁ କ୍ଷତିରେ ବିକ୍ରୟ କରିଚାଲିଛନ୍ତି । କପା କ୍ରୟ କରୁଥିବା ଦଲାଲ ଓ ଆନ୍ଧ୍ର ବେପାରୀଙ୍କୁ ମାଲାମାଲ କରୁଥିବା ବେଳେ ଚାଷୀଙ୍କୁ କ୍ଷତିରୁ ରକ୍ଷା କରିବା ପାଇଁ ସରକାର ପଦକ୍ଷେପ ନେବା ଜରୁରୀ ହୋଇ ପଡିଛି । ପୂର୍ବରୁ ବାରମ୍ବାର ପ୍ରଶାସନ ଜରିଆରେ ସରକାରଙ୍କୁ ଅବଗତ କରଯାଇଛି ତଥାପି ମଣ୍ଡିର ବ୍ୟବସ୍ଥା ନହେବାରୁ ଚାଷୀ କମ ଦରରେ ବାହାରେ ବିକ୍ରି କରିବାକୁ ବାଧ ହେଉଛନ୍ତି । ଆଗାମୀ ଦିନରେ ଯଦି ପ୍ରଶାସନ ଏଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ ନକରେ ତାହା ହେଲେ ଆନ୍ଦୋଳନ ଜୋରଦାର କରାଯିବ ବୋଲି ଓଡ଼ିଶା କୃଷକ ସଭାର ରାଜ୍ୟ କମିଟି ସଦସ୍ୟ ଦଣ୍ଡପାଣି ରଉତ କହିଛନ୍ତି ।

ଖବରରୁ ଜଣାଯାଇଛି ସହରୀ ଲୋକେ ଏବେ ପାହାଡୀ ଅଞ୍ଚଳ ମୁହାଁ। ହିଲ୍ ଷ୍ଟେସନମାନଙ୍କରେ ଭିଡ଼ ଜମୁଛି । ଧୂଆଁ ଏବଂ ପ୍ରଦୂଷଣରୁ ମୁକ୍ତି ପାଇବା ପାଇଁ ଦିଲ୍ଲୀବାସୀ ଆଖପାଖ ପାହାଡ଼ୀ ପର୍ଯ୍ୟଟନସ୍ଥଳୀକୁ ଚାଲିଯାଉଛନ୍ତି ବିଶୁଦ୍ଧ ବାୟୁ ସେବନ କରିବା ପାଇଁ । କିନ୍ତୁ ପ୍ରଶ୍ନ ଉଠୁଛି ସମସ୍ତେ ଯଦି ନିଜ ନିଜ ଗାଡ଼ିମଟର ନେଇ ସେସବୁ ସ୍ଥାନକୁ ଯିବେ ସେଠିକାର ବାୟୁର ମାନ ମଧ୍ୟ ଦିନେ ଯେ କମିଆସିବ ଏ ସମ୍ଭାବନାକୁ ଏଡାଇ ଦେଇ ହେଉନି । ତେଣୁ ଆମକୁ ହିଁ ସତର୍କ ଏବଂ ସଚେତନ ହେବାକୁ ପଡ଼ିବ ।

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ | ଭୁବନେଶ୍ୱର | ୧୯ ଡିସେମ୍ବର, ୨୦୨୫ | ଶୁକ୍ରବାର

ଓଡ଼ିଶା ଏକ୍ସପ୍ରେସ୍

## ଟ୍ରାଫିକ୍ ଜାମ୍ ସ୍ୱାସ୍ଥ୍ୟ ସମସ୍ୟା ବଢ଼ାଉଛି

ମ୍ୟୁନିସିପାଲ କର୍ପୋରେସନ ଅଫ୍ ଦିଲ୍ଲୀ (ଏମ୍‌ସିଡି) ଭିତରେ ପ୍ରଦୂଷଣ ସମସ୍ୟାକୁ ଦେଖି ସୁପ୍ରିମ୍‌କୋର୍ଟ ଆଗାମୀ ବର୍ଷ ୧ ଅକ୍ଟୋବରଠାରୁ ୩୧ ଜାନୁଆରୀ ଯାଏଁ ଏମ୍‌ସିଡିକୁ ଟୋଲ ଆଦାୟ ନକରିବାର ପରାମର୍ଶ ଦେଇଛନ୍ତି । କାରଣ ଟୋଲ୍‌ଗେଟ୍‌ର ଜାମ୍ ମଧ୍ୟ ପ୍ରଦୂଷଣର ଏକ ବଡ଼ କାରଣ। ଏକ ସପ୍ତାହ ଭିତରେ ଟୋଲ୍‌ବୁଥ୍ ସ୍ଥାନାନ୍ତର କରିବା ଉପରେ ମଧ୍ୟ ଏମ୍‌ସିଡି ନିଷ୍ପତ୍ତି ନେଉ ବୋଲି କୋର୍ଟ କହିଛନ୍ତି । ସୁପ୍ରିମ୍‌କୋର୍ଟ ନ୍ୟାସନାଲ ହାଇୱେ ଅଥରିଟି ଅଫ୍ ଇଣ୍ଡିଆକୁ ମଧ୍ୟ ଏ ଦିଗରେ ବିକଳ୍ପ ପନ୍ଥା ଆପଣେଇବାର ପରାମର୍ଶ ଦେଇଛନ୍ତି ।

କେବଳ ଦିଲ୍ଲୀ ନୁହେଁ, ପ୍ରତିଟି ସହରରେ ଏବେ ଟ୍ରାଫିକ୍ ଜାମ୍ ଏକ ସମସ୍ୟା ଭାବରେ ଉଭା ହୋଇଛି । ଟ୍ରାଫିକ୍ ଜାମ୍ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟ ସୃଷ୍ଟି କରୁଛି । ଗୋଟେ ଜାଗାରେ ହଜାର ହଜାର ଗାଡ଼ି ଦୀର୍ଘ ସମୟ ଧରି ଅଟକି ରହିବା ଫଳରେ ଏହା ବାୟୁ ପ୍ରଦୂଷଣକୁ ବଢ଼ାଇବାରେ ସାହାଯ୍ୟ କରୁଛି । ଏଥିରେ ଚାରିଚକିଆ ବ୍ୟବହାରକାରୀଙ୍କଠାରୁ ଦୁଇ ଚକିଆ ଏବଂ ଅଟୋରିକ୍ସା ଭଳି ଯାନରେ ଯାତ୍ରା କରୁଥିବା ବ୍ୟକ୍ତିମାନେ ଅଧିକ କ୍ଷତିଗ୍ରସ୍ତ ହେଉଛନ୍ତି ପ୍ରଦୂଷିତ ବାୟୁକୁ ପ୍ରଶ୍ୱାସ ମାଧ୍ୟମରେ ନେବା ଫଳରେ । ପ୍ରଦୂଷିତ ବାୟୁ ପାଇଁ ଶ୍ୱାସଜନିତ ସମସ୍ୟା ବଢୁଛି ସହରୀ ଲୋକଙ୍କ ଭିତରେ ।

ଟ୍ରାଫିକ୍ ଜାମ୍‌ରେ ଫସିରହିବା କାରଣରୁ ମାନସିକ ଚାପ ବୃଦ୍ଧି ପାଉଛି । ଠିକ୍ ସମୟରେ ମନ୍ତବ୍ୟସ୍ଥଳରେ ପହଞ୍ଚି ନପାରିବାର ଆଶଙ୍କା ମାନସିକ ଚାପ ବଢ଼ାଉଛି, ଫଳରେ ହୃଦ୍ ସମସ୍ୟା ମଧ୍ୟ ବଢ଼ି ବଢ଼ି ଚାଲିଛି । ସବୁବେଳେ ଚାପଗ୍ରସ୍ତ ରହିବା ଫଳରେ ଏହାର ପ୍ରଭାବ ଶରୀର ଉପରେ ମଧ୍ୟ ପଡୁଛି । ଚାପଗ୍ରସ୍ତ ଅବସ୍ଥାରେ ଗାଡ଼ି ଚଳନା ପାଇଁ ଅନେକ ସମୟରେ ଦୁର୍ଘଟଣା ମଧ୍ୟ ଘଟୁଛି । ମନ୍ତବ୍ୟସ୍ଥଳରେ ଠିକ୍ ସମୟରେ ପହଞ୍ଚି ନପାରିବାର ଚିନ୍ତା ଏକାଗ୍ରତା ହ୍ରାସ କରୁଛି । ସେ କାରଣରୁ ଛୋଟମୋଟ ଦୁର୍ଘଟଣା ମଧ୍ୟ ଘଟୁଛି । ଗାଡ଼ିଚାଳନା ପାଇଁ ଏକାଗ୍ରତା ଖୁବ୍ ଜରୁରୀ ।

ଟ୍ରାଫିକ୍ ଜାମ୍ ଲୋକଙ୍କ କାର୍ଯ୍ୟଦକ୍ଷତାକୁ ମଧ୍ୟ ପ୍ରଭାବିତ କରୁଛି । ଅଫିସ୍‌ରେ ଠିକ୍ ସମୟରେ ପହଞ୍ଚି ନପାରିବା, ପରୀକ୍ଷା ହଲ୍‌ରେ ବିଳମ୍ବରେ ପହଞ୍ଚିବା କାରଣରୁ ପ୍ରଦର୍ଶନ ବାଧାପ୍ରାପ୍ତ ହେଉଛି । କର୍ମଚାରୀମାନଙ୍କ କାର୍ଯ୍ୟର ଗୁଣାତ୍ମକ ମାନ କମୁଛି । ଟ୍ରାଫିମ୍ ଜାମ୍ ପରୀକ୍ଷାର୍ଥୀମାନଙ୍କ ପାଇଁ ସବୁଠୁ ବଡ଼ ସମସ୍ୟା ସୃଷ୍ଟି କରିଛି । ଶେଷ ମୁହୂର୍ତ୍ତରେ ପରୀକ୍ଷା କେନ୍ଦ୍ରରେ ପହଞ୍ଚିବା କାରଣରୁ ପରୀକ୍ଷାର୍ଥୀମାନଙ୍କର ସ୍ଥିତପ୍ରଜ୍ଞତା କମୁଛି, ଫଳରେ ପ୍ରଦର୍ଶନ ବାଧାପ୍ରାପ୍ତ ହେଉଛି । ସୁସ୍ଥ ମସ୍ତିଷ୍କରେ ପରୀକ୍ଷା ଦେଲେ ପ୍ରଦର୍ଶନ ଉତ୍ତମ ହୋଇଥାଏ । ଭାରାକ୍ରାନ୍ତ ମସ୍ତିଷ୍କ ପ୍ରଦର୍ଶନକୁ ପ୍ରଭାବିତ କରେ ।

ଟ୍ରାଫିକ୍ ସମସ୍ୟା ଆମ ଦେଶରେ ମଧ୍ୟ ଅଣାୟତ୍ତ ହେବାରେ ଲାଗିଛି । ରାସ୍ତା ସଂପ୍ରସାରଣ, ବିକଳ୍ପ ରାସ୍ତା ଏବଂ ଫ୍ଲାଏଓଭର ନିର୍ମାଣ ସତ୍ତ୍ୱେ ଏଥିରେ ବିଶେଷ ସୁଧାର ଆସିପାରୁନାହିଁ, କାରଣ ଗାଡ଼ିମଟର ସଂଖ୍ୟା ପ୍ରତିଦିନ ବଢୁଛି । ଗାଡ଼ିମଟର ନିର୍ମାଣ କମ୍ପାନୀ ସଂଖ୍ୟା ବଢୁଛି, ଏଥିସହିତ ଲୋକଙ୍କ ଭିତରେ ନୂଆ ନୂଆ ଗାଡ଼ି ଚଢ଼ିବାର ସଉକ ମଧ୍ୟ ବଢ଼ିବାରେ ଲାଗିଛି । ସହଜ କିସ୍ତି ଏବଂ ଗାଡ଼ି ଋଣ ସହଜ ଲଭ୍ୟ ହେବା କାରଣରୁ ଗାଡ଼ି ବିକ୍ରି ସଂଖ୍ୟା ବଢୁଛି ପ୍ରତିବର୍ଷ । ଗୋଟେ ଗୋଟେ ପରିବାରରେ ଏକାଧିକ ଗାଡ଼ି ମଧ୍ୟ ରହୁଛି ଆଜିକାଲି । ଯେଉଁମାନଙ୍କ ପାଖରେ ଗୋଟେ ଗାଡ଼ି ଅଛି ସିଏ ଆଉ ଗୋଟେ ଦାମୀ ଗାଡ଼ି କିଣିବାର ଚେଷ୍ଟାରେ ରହୁଛି । ଛୋଟଗାଡ଼ି ଥିବା ଲୋକେ ବଡ଼ ଗାଡ଼ି କିଣିବାର ସ୍ୱପ୍ନ ଦେଖୁଛନ୍ତି । ସ୍ୱପ୍ନ ସାକାର କରାଇବା ପାଇଁ ଫାଇନାନ୍ସ କମ୍ପାନୀମାନେ ଚାହିଁ ରହିଛନ୍ତି ।

ମଦ ଦୋକାନ ଖୋଲି ଲୋକଙ୍କୁ ମଦ ନ ପିଇବାର ପରାମର୍ଶ ଦେବା ଯାହା ଗାଡ଼ି ମଟର ଶିଳ୍ପକୁ ପ୍ରୋତ୍ସାହିତ କରି ଲୋକଙ୍କୁ ଗାଡ଼ି ବ୍ୟବହାର ଉପରେ ସଚେତନ କରାଇବା ଅନେକଟା ଏକାଭଳି ।

ଖବରରୁ ଜଣାଯାଇଛି ସହରୀ ଲୋକେ ଏବେ ପାହାଡୀ ଅଞ୍ଚଳ ମୁହାଁ। ହିଲ୍ ଷ୍ଟେସନମାନଙ୍କରେ ଭିଡ଼ ଜମୁଛି । ଧୂଆଁ ଏବଂ ପ୍ରଦୂଷଣରୁ ମୁକ୍ତି ପାଇବା ପାଇଁ ଦିଲ୍ଲୀବାସୀ ଆଖପାଖ ପାହାଡ଼ୀ ପର୍ଯ୍ୟଟନସ୍ଥଳୀକୁ ଚାଲିଯାଉଛନ୍ତି ବିଶୁଦ୍ଧ ବାୟୁ ସେବନ କରିବା ପାଇଁ । କିନ୍ତୁ ପ୍ରଶ୍ନ ଉଠୁଛି ସମସ୍ତେ ଯଦି ନିଜ ନିଜ ଗାଡ଼ିମଟର ନେଇ ସେସବୁ ସ୍ଥାନକୁ ଯିବେ ସେଠିକାର ବାୟୁର ମାନ ମଧ୍ୟ ଦିନେ ଯେ କମିଆସିବ ଏ ସମ୍ଭାବନାକୁ ଏଡାଇ ଦେଇ ହେଉନି । ତେଣୁ ଆମକୁ ହିଁ ସତର୍କ ଏବଂ ସଚେତନ ହେବାକୁ ପଡ଼ିବ ।

# ଆମ ରାଜ୍ୟର ଶିକ୍ଷା ବ୍ୟବସ୍ଥା



ଜିଜ୍ଞାସା

**ନିରଞ୍ଜନ ଶତପଥୀ**

ଆମ ଦେଶରେ ଶିକ୍ଷା ବିଭାଗଟି ହେଉଛି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି ବିଭାଗ ଉପରେ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରାଯିବା ଉଚିତ୍ । ସ୍ୱାଧୀନତା ପୂର୍ବରୁ ଏହି ବିଭାଗଟି ସମ୍ପୂର୍ଣ୍ଣ ଭାବେ ଅବହେଳିତ ହୋଇପଡ଼ିଥିଲା । ସ୍ୱାଧୀନତା ପରେ ଏହି ବିଭାଗ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇ ଶିକ୍ଷାର ବିକାଶ ଦିଗରେ ଧ୍ୟାନ ଦିଆଗଲା । ଦେଶରେ ବିଭିନ୍ନ ସମୟରେ ଶିକ୍ଷାର ବିକାଶ ପାଇଁ ଶିକ୍ଷା କମିଟିଗୁଡ଼ିକ ଗଠନ କରାଗଲା । ନୂତନ ଶିକ୍ଷାନୀତି ପ୍ରଣୟନ କରାଯାଇ ଶିକ୍ଷାର ବିକାଶ ଉପରେ ମଧ୍ୟ ଗୁରୁତ୍ୱ ପ୍ରଦାନ କରାଗଲା । ଦେଶର ବିଭିନ୍ନ ସ୍ଥାନରେ ଶିକ୍ଷାନୁଷ୍ଠାନଗୁଡ଼ିକ ଗଢ଼ିଉଠିଲା । ଗ୍ରାମାଞ୍ଚଳମାନଙ୍କରେ ସ୍ୱାଧୀନତା ପୂର୍ବରୁ ମାଇନର ସ୍କୁଲ୍ ଓ ହାଇସ୍କୁଲଟିଏ ଦେଖିବାକୁ ମିଳୁନଥିଲା । ଏହି ଶିକ୍ଷା ପାଇଁ ଦୂର ସ୍ଥାନରେ ଥିବା ଶିକ୍ଷାନୁଷ୍ଠାନ ଉପରେ ନିର୍ଭର କରିବାକୁ ପଡୁଥିଲା । ଫଳରେ ଦେଶରେ ନିରକ୍ଷରମାନଙ୍କ ସଂଖ୍ୟା ବୃଦ୍ଧି ପାଉଥିଲା । ବର୍ତ୍ତମାନ ଆଉ ସେ ସମସ୍ୟା ଆମ ଦେଶରେ ନାହିଁ । ଗ୍ରାମାଞ୍ଚଳଗୁଡ଼ିକରେ ଶିକ୍ଷାନୁଷ୍ଠାନଗୁଡ଼ିକ ପ୍ରତିଷ୍ଠା ହେବା ଫଳରେ ପିଲାମାନେ ଶିକ୍ଷାଲାଭ କରିବାର ସୁଯୋଗ ଲାଭ କଲେ। ପିଲାମାନେ ହେଉଛନ୍ତି ଆମ ଦେଶର ଭବିଷ୍ୟତ । ସେମାନେ ଶିକ୍ଷିତ ହେଲେ ଦେଶର ବିକାଶ ସମ୍ଭବ ହୋଇପାରିବ । ବର୍ତ୍ତମାନ ଆମ ଦେଶରେ ପୂର୍ବାପେକ୍ଷା ସ୍ୱାକ୍ଷରମାନଙ୍କ ସଂଖ୍ୟା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି । ଶିକ୍ଷା ମଣିଷର ଗତିପଥକୁ ବଦଳାଇ ଦିଏ । ଶିକ୍ଷା ହିଁ ମଣିଷକୁ ମାର୍ଜିତ କରାଏ । ଶିକ୍ଷା ମଣିଷର ବିଚାରଶକ୍ତିକୁ ବୃଦ୍ଧି କରେ। ସେ ସୁବିଧା ଅସୁବିଧା ଭଲ-ମନ୍ଦ, ନ୍ୟାୟ-ଅନ୍ୟାୟ ଓ ପାପ-ପୁଣ୍ୟ ମଧ୍ୟରେ ଥିବା ଫରକ ଜାଣିବାର କ୍ଷମତା ଦିଏ । ତେଣୁ ଶିକ୍ଷା ବିନା ଅନ୍ୟଗତି ନାହିଁ । ତେଣୁ ଶିକ୍ଷା ହେଉଛି ମଣିଷର ସର୍ବଶ୍ରେଷ୍ଠ ସମ୍ପଦ । ଉପଯୁକ୍ତ ଶିକ୍ଷାଲାଭ କଲେ ପରିବାର ବଦଳେ, ଗ୍ରାମ ବଦଳେ, ରାଜ୍ୟ ବଦଳେ । ସର୍ବୋପରି ଦେଶର ଚିତ୍ର ମଧ୍ୟ ବଦଳିଯାଏ । ଦେଶର ବିକାଶରେ ଶିକ୍ଷିତ ସମାଜର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏହା କେହି ଅସ୍ୱୀକାର କରିପାରିବେ ନାହିଁ । ତେଣୁ ଆମ ଦେଶରେ ଶିକ୍ଷାକୁ ସବୁ ଗୁରୁତ୍ୱ ପ୍ରଦାନ କରାଯିବା ଉଚିତ୍ । ଖାଦ୍ୟ, ବସ୍ତ୍ର ଓ ବାସଗୃହ ଭଳି ଶିକ୍ଷା ମାନବର ଏକ ମୌଳିକ ଅଧିକାର। ଶିକ୍ଷାଦ୍ୱାରା ଜ୍ଞାନ ଲାଭ ହୋଇଥାଏ । ଏହି ଜ୍ଞାନ ବଳରେ ମନୁଷ୍ୟ ଜଗତର ମଙ୍ଗଳ ବିଧାନ କରିଥାଏ । ଏହି ଜ୍ଞାନରେ ହିଁ ସମସ୍ତ କର୍ମ ଶେଷ ହୋଇଥାଏ ।

ବର୍ତ୍ତମାନ ସମୟରେ ଶିକ୍ଷା କହିଲେ ଶିକ୍ଷାନୁଷ୍ଠାନଗୁଡ଼ିକରେ ଦିଆଯାଉଥିବା ଶିକ୍ଷାକୁ ହିଁ ବୁଝାଇଥାଏ । ଶିକ୍ଷାନୁଷ୍ଠାନ ବା ବିଦ୍ୟାଳୟ ହେଉଛି ଏକ ମଣିଷ ତିଆରି କାରଖାନା ଯେଉଁଠି ପିଲାମାନେ ଶିକ୍ଷା ଗ୍ରହଣ କରି ଭବିଷ୍ୟତରେ ଜଣେ ଜଣେ ସମାଜରେ ମଣିଷ ପରି ମଣିଷ ହୋଇପାରିବେ । ଶିକ୍ଷକମାନେ ହେଉଛନ୍ତି ଛାତ୍ରଛାତ୍ରୀମାନଙ୍କରର ମାର୍ଗଦର୍ଶକ। ଶିକ୍ଷା କ୍ଷେତ୍ରରେ ଶିକ୍ଷାନୁଷ୍ଠାନ, ଶିକ୍ଷକ, ଛାତ୍ରଛାତ୍ରୀ ଓ ଶିକ୍ଷଣୀୟ ପରିବେଶ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ । ଏଥିରୁ ଗୋଟିଏର ଅଭାବ ଘଟିଲେ ଶିକ୍ଷାର ଉଦ୍ଦେଶ୍ୟ ସଫଳ ହୋଇପାରିବ ନାହିଁ । କେବଳ ଯେ ବିଦ୍ୟାଳୟଗୁଡ଼ିକୁ ସୌନ୍ଦର୍ଯ୍ୟକରଣ କରିଦେଲେ ଶିକ୍ଷାର ବିକାଶ ସମ୍ଭବ ହେବ ନାହିଁ । ଗତ ବିଜେଡି ସରକାରଙ୍କ ଶାସନ କାଳରେ ମଧ୍ୟ ରାଜ୍ୟରେ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକର ରୂପର ପରିବର୍ତ୍ତନ ପାଇଁ ରୂପାନ୍ତରଣ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିଥିଲେ । ଏଥିପାଇଁ ରାଜକୋଷରୁ କୋଟି କୋଟି ଟଙ୍କା ବ୍ୟୟ କରାଯାଇ ଏକ ସୁନ୍ଦର ତଥା ଶିକ୍ଷଣୀୟ ପରିବେଶ ସୃଷ୍ଟି କରାଯାଇଥିଲା । ଯାହାଫଳରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିପୁଳ ଉତ୍ସାହ ଓ ଆନନ୍ଦ ପ୍ରକାଶ ପାଇଥିଲା । ଏହି ସୁନ୍ଦର ପରିବେଶ ଛାତ୍ରଛାତ୍ରୀମାନଙ୍କୁ ଆକର୍ଷିତ କରିବାରେ ସହାୟକ ହୋଇଥିଲା । କେବଳ ଏତିକିରେ ଶିକ୍ଷାର ଗୁଣାତ୍ମକମାନର ବୃଦ୍ଧି ଘଟିପାରିବ ନାହିଁ । ଏହା ସହିତ ଅଭିଜ୍ଞ ତଥା ଦକ୍ଷ ଶିକ୍ଷକମାନଙ୍କର ଆବଶ୍ୟକତା ରହିଛି । ଗୋଟିଏ ବିଦ୍ୟାଳୟରେ ଶିକ୍ଷକଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଶିକ୍ଷକମାନଙ୍କ ବିନା କୌଣସି ବିଦ୍ୟାଳୟ ଚାଲିପାରିବ ନାହିଁ । ବିଦ୍ୟାଳୟଗୁଡ଼ିକରେ ଶିକ୍ଷକମାନେ ଶିକ୍ଷାଦାନ କାର୍ଯ୍ୟ ସୁଚାରୁରୂପେ ସମ୍ପାଦନ କରିଥାନ୍ତି । ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀମାନଙ୍କୁ ସୁନାଗରିକ ଭାବରେ ଗଠନ କରିବାର ଦାୟିତ୍ୱ ଶିକ୍ଷକମାନେ ଗ୍ରହଣ କରିଥାନ୍ତି । ଶିକ୍ଷକମାନେ ହେଉଛନ୍ତି ଛାତ୍ରଛାତ୍ରୀମାନଙ୍କର ମାର୍ଗଦର୍ଶକ। ସେମାନଙ୍କର ଅସୀମ ତ୍ୟାଗ, ନିଷ୍ଠା ଓ କର୍ତ୍ତବ୍ୟ ଖୁବ୍ ପ୍ରଶଂସନୀୟ।

ମଣିଷର ଜନ୍ମ ଓ ମୃତ୍ୟୁ ଲାଗି ରହିଛି । ମନୁଷ୍ୟ ଜନ୍ମ ହେଲେ ଯେପରି ମୃତ୍ୟୁ ନିଶ୍ଚିତ ଠିକ୍ ସେହିପରି କର୍ମଚାରୀମାନେ ଚାକିରିରେ ନିଯୁକ୍ତି ପାଇଲେ ଅବସର ନେବା ନିଶ୍ଚିତ । ପ୍ରତ୍ୟେକ ବିଭାଗର କର୍ମଚାରୀମାନଙ୍କର କାର୍ଯ୍ୟକାଳ ଶେଷ ହେବା ପରେ ଅବସର ନେଇଥାନ୍ତି । ଏହା ହେଉଛି ଆମ ଦେଶର ସାମ୍ବିଧାନିକ ନିୟମ । ସମସ୍ତେ ଏହି ନିୟମରେ ଆବଦ୍ଧ । ଅବସର ନେବା ପରେ ସେମାନଙ୍କ ସ୍ଥାନରେ ସରକାର ନୂତନ କର୍ମଚାରୀ ନିଯୁକ୍ତ କରିଥାନ୍ତି । ଆମ ଶିକ୍ଷା ବିଭାଗରେ ମଧ୍ୟ ସେହି ନିୟମ କାର୍ଯ୍ୟକାରୀ ହେଉଛି । ପ୍ରତି ମାସରେ ଆମ ରାଜ୍ୟରେ ପ୍ରାଥମିକ ବିଦ୍ୟାଳୟରୁ ଆରମ୍ଭ କରି ମହାବିଦ୍ୟାଳୟ ପର୍ଯ୍ୟନ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ ଶିକ୍ଷା କର୍ମଚାରୀମାନେ ବହୁ ସଂଖ୍ୟାରେ ଅବସର ନେଉଛନ୍ତି । ଫଳରେ ଶିକ୍ଷାନୁଷ୍ଠାନମାନଙ୍କରେ ସେମାନଙ୍କ ପଦବୀ ଖାଲି ପଡୁଛି । ସେଗୁଡ଼ିକ ପୂରଣ ନହେଲେ ଶିକ୍ଷାଦାନ କ୍ଷେତ୍ରରେ ଘୋର ଅସୁବିଧା ସୃଷ୍ଟି ହେବ । ବର୍ତ୍ତମାନ ସୁଦ୍ଧା ଆମ ରାଜ୍ୟରେ ହଜାର ହଜାର ସଂଖ୍ୟାରେ ଶିକ୍ଷକ ପଦବୀ ଖାଲି ପଡ଼ିଛି । ଅବଶ୍ୟ ଶିକ୍ଷାନୁଷ୍ଠାନରେ ଖାଲିପଡ଼ିଥିବା ଅନେକ ଶିକ୍ଷକ ପଦବୀ ରାଜ୍ୟ ସରକାର ପୂରଣ କରିଛନ୍ତି, ତାହା ପର୍ଯ୍ୟନ୍ତ ହେଉନଥିବାରୁ ଶିକ୍ଷାର ବିକାଶ ସମ୍ଭବ ହୋଇପାରୁନାହିଁ । ଆମ ରାଜ୍ୟର ଶିକ୍ଷାନୁଷ୍ଠାନଗୁଡ଼ିକରୁ ଶିକ୍ଷକ ଶିକ୍ଷୟିତ୍ରୀମାନେ ଅବସର ନେଉଥିବା ବେଳେ ପ୍ରତି ମାସର ସେଗୁଡ଼ିକ ପୂରଣ ହୋଇପାରୁନାହିଁ । ବାରମ୍ବାର ବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ଅଭାବ ପାଇଁ ଶିକ୍ଷାଦାନ କାର୍ଯ୍ୟରେ ଅସୁବିଧା ସୃଷ୍ଟି ହେଉଥିବାର ସମ୍ବାଦ ଗଣମାଧ୍ୟମ ଜରିଆରେ ଲୋକଲୋଚନକୁ ଆସୁଛି। ଶିକ୍ଷକ ଅଭାବ ସମସ୍ୟା ପାଇଁ କେତେକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଶ୍ରେଣୀ ବର୍ଜନ କରି ବିଦ୍ୟାଳୟ ସମ୍ମୁଖରେ ଧାରଣାରେ ବସୁଥିବାର ମଧ୍ୟ ସମ୍ବାଦ ମିଳୁଛି । ଅନେକ ସରକାରୀ ଉଚ୍ଚବିଦ୍ୟାଳୟ ଓ ଅନୁଦାନ ପ୍ରାପ୍ତ ଉଚ୍ଚବିଦ୍ୟାଳୟଗୁଡ଼ିକରେ ବହୁ ସଂଖ୍ୟାରେ ଶିକ୍ଷକ ପଦବୀ ଖାଲି ପଡ଼ିଛି । ଶିକ୍ଷକମାନେ ହେଉଛନ୍ତି ରାଷ୍ଟ୍ରର ମେରୁଦଣ୍ଡ ଓ ସେମାନେ ଦେଶର ଭବିଷ୍ୟତ ଗଠନ କରୁଛନ୍ତି ବୋଲି କୁହାଯାଉଥିବା ବେଳେ ଶିକ୍ଷାନୁଷ୍ଠାନଗୁଡ଼ିକରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନାହାନ୍ତି । ଶିକ୍ଷାନୁଷ୍ଠାନଗୁଡ଼ିକରେ ଶିକ୍ଷକ ଅଭାବ ପାଇଁ ପିଲାମାନଙ୍କୁ କିପରି ମେଧା କରାଯାଇପାରିବ ବୋଲି ସାଧାରଣରେ ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହାଛଡ଼ା ପିଲା ସଂଖ୍ୟା କମ୍ ଥିବାରୁ କେତେକ ପ୍ରାଥମିକ ବିଦ୍ୟାଳୟକୁ ବନ୍ଦ କରାଯାଇଛି । ବର୍ତ୍ତମାନ ରାୟଗଡ଼ା ଜିଲ୍ଲାର ୫୦୭ଟି ଗାଁରେ ଥିବା ପ୍ରାଥମିକ ବିଦ୍ୟାଳୟକୁ ବନ୍ଦ କରାଯିବା ପାଇଁ ଉଦ୍ୟମ ହେଉଛି । ଏହି ବିଦ୍ୟାଳୟଗୁଡ଼ିକରେ ୨୦ରୁ କମ୍ ଛାତ୍ରଛାତ୍ରୀ ଅଧ୍ୟୟନ କରନ୍ତି । ଏହି ଜିଲ୍ଲାରେ ୪୯୮ଟି ପ୍ରାଥମିକ ବିଦ୍ୟାଳୟରେ ୨୦ରୁ କମ୍ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ଏହା ହେଉଛି ଏକ ଆଦିବାସୀ ଅଧ୍ୟୁଷିତ ଜିଲ୍ଲା । ଏହି ଜିଲ୍ଲାରେ ଥିବା ପ୍ରାଥମିକ ବିଦ୍ୟାଳୟଗୁଡ଼ିକ ବନ୍ଦ ହେବାର ସମ୍ବାଦ ପାଇବା ପରେ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।

ବର୍ତ୍ତମାନ ଆମ ରାଜ୍ୟର ୧୪ଟି ବିଶ୍ୱବିଦ୍ୟାଳୟରେ କୁଳପତି ପଦବୀ ଖାଲି ପଡ଼ିଛି । ସେଥିମଧ୍ୟରୁ ଦୁଇଟି ବିଶ୍ୱବିଦ୍ୟାଳୟରେ ୨୦୨୩ ମସିହାଠାରୁ ନିୟମିତ କୁଳପତି ପଦବୀରେ କେହି ନିଯୁକ୍ତି ପାଇନାହାନ୍ତି ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଠାରୁ ସୂଚନା ମିଳିଛି । ରାଜ୍ୟରେ ମୋଟ ୧୭ଟି ବିଶ୍ୱବିଦ୍ୟାଳୟ ରହିଛି । ସେଥିମଧ୍ୟରୁ ମାତ୍ର ତିନୋଟି ବିଶ୍ୱବିଦ୍ୟାଳୟରେ ସ୍ଥାୟୀ କୁଳପତି ଅଛନ୍ତି । ତେଣୁ ଆମ ରାଜ୍ୟରେ ଶିକ୍ଷା ବ୍ୟବସ୍ଥା ଖୁବ୍ ଚିନ୍ତାଜନକ ହୋଇପଡ଼ିଛି । ଆସନ୍ତା ଫେବୃଆରୀ ମାସ ୧୯ ତାରିଖରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହେବାକୁ ଯାଉଛି । ଏହି ପରୀକ୍ଷା ଆସନ୍ତା ମାର୍ଚ୍ଚ ମାସ ୨ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଏହି ପରୀକ୍ଷାରେ ୫ଲକ୍ଷରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଫର୍ମ ପୂରଣ କରିଛନ୍ତି । ପରୀକ୍ଷା ପରିଚାଳନା କରିବା ପାଇଁ ବୋର୍ଡ ପକ୍ଷରୁ ସମସ୍ତ ବ୍ୟବସ୍ଥା କରିବା ପାଇଁ ଉଦ୍ୟମ କରାଯାଉଛି । ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ଉଚ୍ଚ ଶିକ୍ଷା ବିଭାଗ ଅଧୀନରେ ଅନେକ ଶିକ୍ଷାନୁଷ୍ଠାନ ରହିଛି । ଅଧ୍ୟାପକ, ଅଧ୍ୟାପିକା, ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା ବିଭାଗ କର୍ମଚାରୀମାନଙ୍କର ବିଭିନ୍ନ ସମସ୍ୟା ରହିଛି । ସେମାନଙ୍କର ମଧ୍ୟ ଦୃଢ଼ ସଂଗଠନ ରହିଛି । ସଂଘ ଜରିଆରେ ସେମାନଙ୍କ ଦାବି ସରକାରଙ୍କ ନିକଟରେ ଉପସ୍ଥାପନ କରୁଛନ୍ତି । ଦାବି ହାସଲ ପାଇଁ ଶିକ୍ଷକମାନେ ଆନ୍ଦୋଳନ ଓ ଧର୍ମଘଟର ପନ୍ଥା ଗ୍ରହଣ କରୁଛନ୍ତି । ବିଶେଷ କରି ବିଧାନସଭା ଅଧିବେଶନ ଚାଲୁଥିବା ସମୟରେ ସେମାନେ ଆନ୍ଦୋଳନ କରି ସରକାରଙ୍କର ଦୃଷ୍ଟି ଆକର୍ଷଣ କରୁଛନ୍ତି । ତେବେ ରାଜ୍ୟ ସରକାର ସେମାନଙ୍କ ଦାବିକୁ ଗ୍ରହଣ କରି ଏହାର ବିଚାର ବିମର୍ଶ ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି । ଗତ ୬ ତାରିଖ ଦିନ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି । ଏହି କମିଟି ଆସନ୍ତା ୬ ମାସରେ ରିପୋର୍ଟ ଦେବା ପରେ ରାଜ୍ୟ ସରକାର ନିଷ୍ପତ୍ତି ନେବେ । ତେବେ ଗତ ୧୦ ତାରିଖ ଠାରୁ ଓଡ଼ିଶା ସ୍କୁଲ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ଆହ୍ୱାନକ୍ରମେ ଓଡ଼ିଶାର ହଜାର ହଜାର ସଂଖ୍ୟାର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀମାନେ ସେମାନଙ୍କର ବିଭିନ୍ନ ଦାବି ନେଇ ଲୋୟର ପିଏମ୍‌ଜିର ଗାନ୍ଧିମାର୍ଗରେ ଅହୋରାତ୍ର ଧାରଣାରେ ବସିଛନ୍ତି । ରାଜ୍ୟ ସରକାର ଶିକ୍ଷକ ଓ ଶିକ୍ଷା କର୍ମଚାରୀମାନଙ୍କୁ କେବଳ ପ୍ରତିଶ୍ରୁତି ଦେଉଛନ୍ତି ବୋଲି ସେମାନେ କହିଛନ୍ତି । ସେମାନଙ୍କ ଦାବିଗୁଡ଼ିକ ମଧ୍ୟରୁ ସମସ୍ତ ଯୋଗ୍ୟ ବିବେଚିତ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକୁ ଅନୁଦାନ ପ୍ରଦାନ, ପୂର୍ଣ୍ଣ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକୁ ସରକାରୀକରଣ, ଅବସର ବୟସସୀମା ୬୦ରୁ ୬୨କୁ ବୃଦ୍ଧି କରିବା, ନୂତନ ପେନସନ ପରିବର୍ତ୍ତେ ପୁରୁଣା ପେନସନ ସ୍କିମ୍ ପୁନଃ ପ୍ରଚଳନ କରିବା, ଅବସରକାଳୀନ ସୁବିଧା, ଚାକିରିର ସର୍ତ୍ତାବଳୀ ପ୍ରଦାନ ଇତ୍ୟାଦି । ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀମାନଙ୍କ ଦାବି ସରକାର ପୂରଣ କଲେ ସେମାନଙ୍କ ବିଶାଳ ସମାବେଶ ଓ ଧାରଣା ଭୁବନେଶ୍ୱରଠାରେ ହେବା ସମ୍ଭବ ହେଉନଥାନ୍ତା। ଶିକ୍ଷକମାନଙ୍କର ଏଭଳି ଡାକରାରେ ବିଦ୍ୟାଳୟଗୁଡ଼ିକରେ ଶିକ୍ଷାଦାନ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି । ବିଦ୍ୟାଳୟ ମାନଙ୍କରେ ଯେଉଁ କ୍ଷତି ଘଟଉଛି ତାହା ଭରଣା କରିବା କଷ୍ଟସାଧ୍ୟ । ତେଣୁ ସରକାର ଏହା ହୃଦୟଙ୍ଗମ କରି ଯଥାଶୀଘ୍ର ସେମାନଙ୍କ ଦାବି ପୂରଣ ଦିଗରେ ଉଦ୍ୟମ କଲେ ଏଭଳି ପରିସ୍ଥିତିକୁ ଏଡାଇ ଦିଆଯାଇପାରନ୍ତା । ଅଭିଭାବକମାନେ ରାଜ୍ୟରେ ଥିବା ସେମାନଙ୍କ ପିଲାମାନଙ୍କୁ ଇଂରାଜୀ ମାଧ୍ୟମ ସ୍କୁଲରେ ପାଠ ପଢ଼ାଇବାକୁ ଅଧିକ ପସନ୍ଦ କରୁଛନ୍ତି । ଏହା ହେଉଛି ଏକ ବ୍ୟୟବହୁଳ ଶିକ୍ଷା, ସରକାରୀ ବିଦ୍ୟାଳୟଗୁଡ଼ିକରେ ଅଧିକରୁ ଅଧିକ ପିଲା ପାଠ ପଢ଼ିବା ପାଇଁ ଆମର ଲୋକପ୍ରିୟ ସରକାର ଉଦ୍ୟମ କରିବା ଆବଶ୍ୟକ । ବର୍ତ୍ତମାନ ବିଧାୟକମାନଙ୍କର ତିନିଗୁଣ ଦରମା ବୃଦ୍ଧି ରାଜ୍ୟରେ ଏକ ଚର୍ଚ୍ଚାର ବିଷୟ ହୋଇଥିବା ବେଳେ ରାଷ୍ଟ୍ର ନିର୍ମାତା ଶିକ୍ଷକମାନେ ଅବହେଳିତ ହୋଇପଡ଼ିଛନ୍ତି । ଅନେକ ଶିକ୍ଷକ ଓ ଅଧ୍ୟାପକମାନେ ସେବା ନିବୃତ୍ତ ହେବା ପରେ ପେନସନରୁ ବଞ୍ଚିତ ହେଉଛନ୍ତି । ସେମାନଙ୍କ ଜୀବନ ଯନ୍ତ୍ରଣାଦାୟକ ହୋଇଛି ।

*କୁରୁଣ୍ଟି, ରାଜନଗର, କେନ୍ଦ୍ରାପଡ଼ା*
*ମୋ. ୮୯୧୭୨୧୩୦୭୩*

# ବିଧାୟକଙ୍କ ଦରମା ଓ ଭତ୍ତା

**■ ସୌଭାଗ୍ୟ ରଞ୍ଜନ ମହାନ୍ତି ■**

ଲୋକେ କହନ୍ତି, ଥରେ ବିଧାୟକ କିମ୍ବା ସାଂସଦ ହେଲେ ସେମାନେ ଯେତେ କମେଇ ଦିଅନ୍ତି, ତାହା ତିନି ପୁରୁଷେ ପର୍ଯ୍ୟନ୍ତ ସରେ ନାହିଁ । କିନ୍ତୁ ଏଭଳି ଚର୍ଚ୍ଚାର ସତ୍ୟତା କେତେ ଆମେ ଜାଣିନାହୁଁ, ଏବେ ଓଡିଶାର ବିଧାୟକ, ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ବାଚସ୍ପତି, ଉପ-ବାଚସ୍ପତି, ସରକାରୀ ଦଳର ମୁଖ୍ୟ ସଚେତକ, ବିରୋଧୀଦଳ ନେତା ଏବଂ ପୂର୍ବତନ ବିଧାୟକମାନଙ୍କ ପେନ୍‌ସନ୍ ଓ ଭତ୍ତା ଯେପରି ବୃଦ୍ଧି ପାଇଛି, ତାହା ଲୋକଙ୍କ କଥା ସତ୍ୟତାକୁ ପ୍ରତିପାଦନ କରିବା ପାଇଁ ଏକ ଅଂଶ ବିଶେଷ ହୋଇପାରେ । ଦୀର୍ଘ ୮ବର୍ଷର ଦାବି ପରେ ହୋଇଥିବା ବିଧାନସଭାର ଶୀତକାଳୀନ ଅଧିବେଶନ ଅଧାରୁ ବନ୍ଦ ହେବା ଦିନ ବିଧାୟକମାନଙ୍କ ମାସିକ ବେତନ ଓ ଭତ୍ତା ଏବଂ ପୂର୍ବତନ ବିଧାୟକଙ୍କୁ ପେନ୍‌ସନ୍ ଓ ଭତ୍ତା ଏକାଥରକେ ୩ଗୁଣରୁ ଅଧିକ ବୃଦ୍ଧି ପାଇଛି । ଏହି ବର୍ଦ୍ଧିତ ବେତନ ଓ ଭତ୍ତା ଏବଂ ପେନ୍‌ସନ୍ ଓ ଭତା ଗତ ୨୦୨୪ ଜୁନ ୫ତାରିଖରୁ ପିଛିଲା ଭାବେ ଲାଗୁ ହେବ। ଦରମା ଓ ଭତ୍ତାକୁ ମିଶାଇ ବିଧାୟକଙ୍କୁ ମାସିକ ୩ଲକ୍ଷ ୪୫ହଜାର, ମୁଖ୍ୟମନ୍ତ୍ରୀଙ୍କୁ ୩ଲକ୍ଷ ୭୪ ହଜାର, ବାଚସ୍ପତିଙ୍କୁ ୩ଲକ୍ଷ ୬୮ହଜାର, ଉପ-ବାଚସ୍ପତିଙ୍କୁ ୩ଲକ୍ଷ ୫୦ହଜାର, କ୍ୟାବିନେଟ ମନ୍ତ୍ରୀଙ୍କୁ ୩ଲକ୍ଷ ୬୨ହଜାର ବିରୋଧୀଦଳ ନେତା ଓ ସରକାରୀ ଦଳର ମୁଖ୍ୟ ସଚେତକଙ୍କୁ ୩ଲକ୍ଷ ୬୨ହଜାର ଟଙ୍କା, ଉପମୁଖ୍ୟମନ୍ତ୍ରୀଙ୍କୁ ୩ଲକ୍ଷ ୫୦ହଜାର ଟଙ୍କା ମିଳିବ । ସେହିପରି ପୂର୍ବତନ ବିଧାୟକଙ୍କୁ ମାସିକ ପେନ୍‌ସନ୍ ୧ଲକ୍ଷ ୧୭ହଜାର ୫୦୦ଟଙ୍କା ମିଳିବ । ଆହୁରି ମଧ୍ୟ ଏକାଧିକ ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ, ପ୍ରତି ବର୍ଷ ପାଇଁ ଅତିରିକ୍ତ ୩ହଜାର ଟଙ୍କର ମିଳିବ। ବିଧାୟକ ଥାଇ ମୃତ୍ୟୁ ଘଟିଲେ ୨୫ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟକ ମିଳିବ । ଏହି ବର୍ଦ୍ଧିତ ବେତନ ଓ ଭତା ପାଇଁ ରାଜ୍ୟ ରାଜକୋଷ ଉପରେ ବାର୍ଷିକ ଅତିରିକ୍ତ ୫୦କୋଟି ଅତିରିକ୍ତ ବୋଝ ପଡିବ। ଆହୁରି ମଧ୍ୟ ପିଛିଲା ଭାବେ ଏହା ଲାଗୁ ହୋଇଥିବାରୁ ଆଉ ୬୧କୋଟି ଟଙ୍କା ଅତିରିକ୍ତ ବ୍ୟୟ ଭାର ରାଜକୋଷ ଉପରେ ପଡିବ । ଓଡିଶା ବିଧାୟକମାନଙ୍କୁ ମୋଟା ଦରମା ଦେଶରେ ସର୍ବାଧିକ । ଅର୍ଥାତ ଦେଶର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ବିଧାୟକମାନଙ୍କ ତୁଳନାରେ ଓଡିଶାର ବିଧାୟକମାନଙ୍କ ଦରମା ସବୁଠୁ ଅଧିକ ରହିଛି। ସତେ ଯେପରି ରାଜ୍ୟରେ କ୍ଷମତାସୀନ ବିଜେପି ସରକାର ବିଧାୟକ, ମନ୍ତ୍ରୀଙ୍କ ପାଇଁ ଭଣ୍ଡାର ଖୋଲିଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ପୂର୍ବରୁ ଉତ୍ତରପ୍ରଦେଶର ବିଧାୟକମାନେ ଦେଶରେ ସବୁଠୁ ଅଧିକ ବେତନ ପାଉଥିଲେ। ଏବେ ଓଡିଶାର ବିଧାୟକମାନେ ପ୍ରଥମ ସ୍ଥାନକୁ ଉନ୍ନୀତ ହୋଇଥିବାବେଳେ ଉତ୍ତରପ୍ରଦେଶର ବିଧାୟକମାନେ ଦ୍ୱିତୀୟ ସ୍ଥାନକୁ ଖସି ଆସିଛି । ମିଳିଥିବା ତଥ୍ୟ ଅନୁଯାୟୀ ତ୍ରିପୁରାର ବିଧାୟକ ମାସିକ ୫୦ହଜାର ଟଙ୍କା ବେତନ ପାଆନ୍ତି, ଯାହାକି ଦେଶରେ ସର୍ବନିମ୍ନ । ଉଲ୍ଲେଖଯୋଗ୍ୟ ଯେ, ବିଧାୟକ ହୁଅନ୍ତୁ ବା ସାଂସଦ ହୁଅନ୍ତୁ, ସେମାନେ ନିଜେ ନିଜର ବେତନ ସ୍ଥିର କରିଥାନ୍ତି। ଅର୍ଥାତ ବିଧାୟକଙ୍କ ବେତନ ବିଧାନସଭା ଓ ସାଂସଦଙ୍କ ବେତନ ପାର୍ଲିଆମେଣ୍ଟ ସ୍ଥିର କରିଥାଏ। ଜଣେ ସରକାରୀ କର୍ମଚାରୀ ଦୀର୍ଘ ୩୦ବର୍ଷ ଧରି କାର୍ଯ୍ୟ କରି ଅବସର ନେବା ପରେ ପେନ୍‌ସନ୍ ନେଇଥାଏ। କିନ୍ତୁ ଓଡିଶାର ବିଧାୟକ କେବଳଳ ନିର୍ବାଚିତ ହେବା ପର ଦିନଠାରୁ ପେନ୍‌ସନ୍ ପାଇବାକୁ ହକଦାର। ପେନ୍‌ସନ୍ ପାଇବା ନିମନ୍ତେ ଥିବା ଏକ ବର୍ଷ ଅବଧି ପୂରଣ ନିୟମକୁ ମଧ୍ୟ ଉଠାଇ ନିଆଯାଇଛି । ଜଣେ ସରକାରୀ କର୍ମଚାରୀ ଅବସର ପରେ କେବଳ ଗୋଟିଏ ପେନ୍‌ସନ୍ ପାଇଥାଏ । ମାତ୍ର ଜଣେ ବିଧାୟକ ଯଦି ପାର୍ଲିଆମେଣ୍ଟକୁ ନିର୍ବାଚିତ ହୋଇଥିଲେ, ସେ ବିଧାୟକ ଓ ସାଂସଦ ଭାବେ ଦୁଇଟି ପେନ୍‌ସନ୍ ପାଇବାକୁ ହକଦାର। ରାଜ୍ୟରେ ବିଧାୟକମାନଙ୍କ ବେତନ ଓ ଭତା ଆଶାତୀତ ଭାବେ ବୃଦ୍ଧି ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ପାଇବା ସ୍ୱାଭାବିକ ମଧ୍ୟ। ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନର ଜନକ ତଥା ଉତ୍କଳ ଗୌରବ ମଧୁସୂଦନ ଦାସ ଓଡିଶା ବିହାର ବିଧାନସଭାର ସଦସ୍ୟ ଥିବାବେଳେ ଲୋକପ୍ରତିନିଧିମାନେ ଜନସେବକ ଥିବ ଦର୍ଶାଇ ବେତନକୁ ପ୍ରତ୍ୟାଖ୍ୟାନ କରିଥିଲେ। ଅଥଚ ସେହି ଓଡିଶାରେ ବିଧାୟକମାନେ ଉଚ୍ଚ ବେତନ ପାଇବାରେ ରେକର୍ଡ ସୃଷ୍ଟି କରିଛନ୍ତି। ବିଧାନସଭାରେ ବେତନ ଓ ଭତ୍ତା ବିଲ୍ ସର୍ବସମ୍ମତ କ୍ରମେ ଗୃହୀତ ହେବା ସମୟରେ ବିଧାୟକମାନେ ଅତ୍ୟନ୍ତ ପ୍ରଫୁଲିତ ଥିବା ଦେଖିବାକୁ ମିଳିଥିଲା। କୌଣସି ଜଣେ ହେଲେ ବିଧାୟକ ବେତନ ବୃଦ୍ଧିକୁ ବିରୋଧ କରିନଥିଲେ। ତେବେ ରାଜ୍ୟବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବା ବେଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ବର୍ଦ୍ଧିତ ବେତନ ନେବେ ନାହିଁ। ଏହାକୁ ଲୋକଙ୍କ ସ୍ୱାର୍ଥରେ ବିନିଯୋଗ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତ। ସେହିପରି ବିଜେପି ବିଧାୟକ ଅଶ୍ୱିନୀ ଷଡଙ୍ଗୀ ମଧ୍ୟ ବର୍ଦ୍ଧିତ ବେତନ ଲୋକଙ୍କ ପାଇଁ ବିନିଯୋଗ କରିବାକୁ ଘୋଷଣା କରିଛନ୍ତି । ବିଧାୟକ ଲକ୍ଷ୍ମଣ ମୁଣ୍ଡା ବେତନ ବୃଦ୍ଧିକୁ ବିରୋଧ କରିଛନ୍ତି, କିନ୍ତୁ ବିଧାନସଭା ଭିତରେ କିଛି କହିନଥିଲେ।। ଅତୀତରେ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥିବାବେଳେ ମାତ୍ର ଟଙ୍କାଟିଏ ବେତନ ନେଇ ଉଦାହରଣ ସୃଷ୍ଟି କରିଯାଇଛନ୍ତି । କିନ୍ତୁ ବର୍ତମାନର ବହୁ ବିଧାୟକ ବେତନ ବହୁତ କମ୍ ବୋଲି ଯୁକ୍ତି ଦର୍ଶାଇଛନ୍ତି। ବିଧାୟକଙ୍କ ବେତନ ବୃଦ୍ଧି ନେଇ ଓଡିଶା ଆଜି ଏକ ନମ୍ବର ସ୍ଥାନ ଅକ୍ତିଆର କରିଥିବାବେଳେ ବେତନ ବୃଦ୍ଧି ଉପରେ ରୋକ୍ ଲାଗି ମାମଲା ଏବେ ନ୍ୟାୟାଳୟରେ ପହଁଚିଛି। ମାତ୍ର ବିଧାୟକ କିମ୍ବା ସାଂସଦଙ୍କ ବେତନ ବୃଦ୍ଧି ନ୍ୟାୟାଳୟ କୌଣସି ହସ୍ତକ୍ଷେପ କରିପାରିବେ ନାହିଁ। ଅତୀତରେ ସୁପ୍ରିମକୋର୍ଟରେ ଏ ନେଇ ବହୁ ମାମଲା ଦାୟର ହୋଇଥିବାବେଳେ ସର୍ବୋଚ୍ଚ ନ୍ୟାୟାଳୟ କେବଳ ନୈତିକତା ପ୍ରସଙ୍ଗ ଦର୍ଶାଇ ଖାରଜ କରି ଦେଇଥିଲେ। ନ୍ୟାୟାଳରେ ଏ ନେଇ କୌଣସି ପ୍ରଶ୍ନ କରାଯାଇ ପାରବି ନାହିଁ। ଅନ୍ୟପକ୍ଷରେ ବେତନ ବୃଦ୍ଧି ପାଇଁ ଅଙ୍ଗନୱାଡି, ଆଶା କର୍ମୀ ଠାରୁ ଆରମ୍ଭ କରି ଶିକ୍ଷକମାନେ ଦାବି କରି ଆନ୍ଦୋଳନ କରୁଥିବା ବେଳେ ସେମାନଙ୍କ ଦାବି ପ୍ରତି ସରକାର କର୍ଣ୍ଣପାତ କରୁନାହାଁନ୍ତି । ସେହିପରି ସରକାର ଗଢିଲେ ରାଜ୍ୟର ବୃଦ୍ଧ, ବୃଦ୍ଧା, ବିଧବା ଓ ଭିନ୍ନକ୍ଷମଙ୍କ ମାସିକ ଭତା ୧୦୦୦ ଟଙ୍କାରୁ ୩୦୦୦ ଟଙ୍କାକୁ ବୃଦ୍ଧି କରିବା ପାଇଁ ବିଜେପି ନିର୍ବାଚନ ପ୍ରତିଶ୍ରୁତି ଦେଇଥିବାବେଳେ ପ୍ରତିଶ୍ରୁତି ଭୁଲିଯାଇ ନିଜ ବେତନ ବଢାଇବା କେତେଦୂର ଯଥାର୍ଥ?

*ଗାଙ୍ଗୋତ୍ରୀ ନଗର, ଶିଶୁପାଳଗଡ*
*ମୋ. ୭୯୭୮୬୬୬୪୦୩*

# ଦେଶ ବାହାରୁ ଆସିଥିବା ଲୋକଙ୍କୁ ଦେଶରେ ନାଗରିକତ୍ୱ ପ୍ରଦାନ କେତେ ସ୍ପର୍ଶକାତର!



ଦୁନିଆର ହାଲ୍

**ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି**

ଗତ ସପ୍ତାହରେ ଏକ ସମ୍ବାଦ ଯାହା ଆମ ଦେଶର ଗଣମାଧ୍ୟମ ପ୍ରତିନିଧିମାନେ (ଇଲେକଟ୍ରୋନିକ ମିଡିଆ ଓ ସମ୍ବାଦପତ୍ର ମାଧ୍ୟମରେ) ପ୍ରକାଶିତ କରି ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥିଲା । କେନ୍ଦ୍ର ସରକାର, ବିଶେଷକରି ଏହାର ଗୃହବିଭାଗ, ଜାତୀୟସ୍ତରରେ ଜନଗଣନା ଦାୟିତ୍ୱରେ ଥିବା ନିର୍ଦ୍ଦେଶାଳୟ ପ୍ରଭୃତି ସମସ୍ତେ ଏହି ସମ୍ବାଦକୁ ପ୍ରାଧାନ୍ୟ ଦେଇଥିଲେ । ଏଥିପାଇଁ କେନ୍ଦ୍ରସ୍ତରରେ ଓ ରାଜ୍ୟସ୍ତରରେ ଉତ୍ସବ ଓ ସଭାମାନ ଆୟୋଜିତ ହୋଇଥିଲା । ବିଭିନ୍ନ ଦେଶରୁ ଆସି ଭାରତରେ ବସବାସ କରୁଥିବା ୩୫ ଜଣ ଲୋକମାନଙ୍କୁ ନାଗରିକତ୍ୱ ପ୍ରଦାନ କରାଯାଇଥିଲା । ସଂପୃକ୍ତ ସମସ୍ତେ ଆନନ୍ଦ ପ୍ରକାଶ କରିଥିଲେ । ଯେଉଁମାନେ ଏପରି ନାଗରିକତ୍ୱ ଲାଭ କରିଥିଲେ ସେମାନେ ସେମାନଙ୍କର ଆନନ୍ଦ ପ୍ରକାଶ କରିଥିଲେ । ୨୦୧୯ ମସିହାରେ ଏପରି ବ୍ୟବସ୍ଥା (ନାଗରିକତ୍ୱ ପ୍ରଦାନ ବ୍ୟବସ୍ଥା) ପାଇଁ ଆଇନ ସଂଶୋଧିତ ହୋଇଥିଲା । ୨୦୨୪ରେ ଏଥିପାଇଁ ନିର୍ଦ୍ଦେଶନାମା ପ୍ରକାଶ ପାଇଥିଲା।

୩୫ ଜଣ ନାଗରିକତ୍ୱ ପାଇଲେ । କିନ୍ତୁ ୩୫ ଜଣଙ୍କଠାରୁ ଆହୁରି ବହୁତ ଲୋକ ଅଛନ୍ତି, ଯେଉଁମାନେ ନାଗରିକତ୍ୱ ଲାଭ କରିନାହାନ୍ତି । ସେମାନେ (ଯାହାର ସଂଖ୍ୟା କିଛି ହଜାରରୁ ଅଧିକ ହେବ) ଧୈର୍ଯ୍ୟର ସହିତ କିପରି ନାଗରିକତ୍ୱ ପାଇବେ ସେଥିପାଇଁ ଅପେକ୍ଷା କରିଛନ୍ତି । ଏ ସମସ୍ୟାଟିର ବହୁଦିଗ ରହିଛି । ଭାରତ ସ୍ୱାଧୀନ ହେବା ଦିନଠାରୁ ଆମ ଦେଶର ବିଭାଜନ ହୋଇଛି । ପୁଣି ୧୯୭୧ରେ ଯେତେବେଳେ ବଙ୍ଗଳାଦେଶ ପ୍ରତିଷ୍ଠା ହେଲା, ସେତେବେଳେ ନୂତନକରି ଗଠିତ ହୋଇଥିବା ବଙ୍ଗଳାଦେଶରୁ ବହୁ ଶରଣାର୍ଥୀମାନେ ଭାରତକୁ ଚାଲିଆସି ଭାରତରେ ବସବାସ କରି ନାଗରିକତ୍ୱ ପାଇଁ ଧୈର୍ଯ୍ୟର ସହିତ ଅପେକ୍ଷା କରିଛନ୍ତି । ଶରଣାର୍ଥୀମାନେ ଭାରତର ସବୁ ପଡୋଶୀ ଦେଶମାନଙ୍କଠାରୁ ଆସୁଛନ୍ତି । ଏବେ ବଙ୍ଗଳାଦେଶରୁ ଆସିଥିବା ଅଥବା ଆସୁଥିବା ଲୋକଙ୍କୁ ନେଇ ଦ୍ୱନ୍ଦ୍ୱ । ଏପରି କୁହାଯାଇଛି ସେମାନେ ହିଂସା ସୃଷ୍ଟି କରୁଛନ୍ତି । ଅତୀତରେ ଭାରତକୁ ଆସି ସେମାନେ ଭୋଟର ପରିଚୟ ପାଇଛନ୍ତି, ଆଧାରକାର୍ଡ ପାଇଛନ୍ତି । ସ୍ଥାୟୀବାସିନ୍ଦା ହୋଇ ଜମିବାଡି କ୍ରୟ ଓ ବିକ୍ରୟ କରିଛନ୍ତି । କିନ୍ତୁ ଏ ସମସ୍ୟାଟି ଅତି ସ୍ପର୍ଶକାତର ଓ ଦୁରୁହ ବ୍ୟାପାର ହୋଇ ରହିଆସିଛି । ରୋହିଙ୍ଗା ଶରଣାର୍ଥୀମାନେ ଏଇକିଛି ବର୍ଷ ହେବ ମଧ୍ୟ ସମସ୍ୟା ସୃଷ୍ଟି କରିଛନ୍ତି । ଉତ୍ତର-ପୂର୍ବରେ ଥିବା ରାଜ୍ୟମାନଙ୍କ ସୀମାଦେଇ ଭାରତରେ ପ୍ରବେଶ କରୁଛନ୍ତି । ଏବେ ଯେତେବେଳେ ଜାମ୍ମୁ-କାଶ୍ମୀରରେ ପହେଲଗାମ ଅଞ୍ଚଳରେ ପାକିସ୍ତାନ ଦ୍ୱାରା ପ୍ରୟୋଜିତ ଆତଙ୍କୀ ଆକ୍ରମଣ ଏବଂ ଏହାକୁ ସଂପୂର୍ଣ୍ଣ ଭାବରେ ପ୍ରତିହିତ କରିବା ପାଇଁ କେନ୍ଦ୍ରସରକାରଙ୍କର ଉଦ୍ୟମ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥିଲା । ଏହି ସମୟରେ ଆମ କେନ୍ଦ୍ରସରକାର ଗୋଟିଏ ନିର୍ଦ୍ଦେଶ ଦେଇଥିଲେ ଯେ ଭାରତରେ ରହୁଥିବା ଲୋକମାନଙ୍କର ଯଦି ନାଗରିକତ୍ୱ ନଥିବ, ସେମାନେ ଦେଶ ଛାଡି ଚାଲିଯିବେ । ଭାରତ ସେମାନଙ୍କୁ ରହିବା ପାଇଁ ଅନୁମତି, ସୁବିଧା ଓ ସୁଯୋଗ ଦେଇପାରିବ ନାହିଁ । ଏ ସମସ୍ୟା ନେଇ ଜଣେ ମହିଳା ଅତୀତରେ ତାଙ୍କ ପିତାମାତାଙ୍କ ସହିତ ଆସିଥିଲେ । ସେ କ'ଣ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ସେ କଥା କହିଥିଲେ । ଭାରତରେ ତଥା ଓଡ଼ିଶାରେ ରହିବା ଭିତରେ ବିବାହ କରିଛନ୍ତି । ପୁଅ ଓ ଝିଅର ମା' ହୋଇଛନ୍ତି । ତାଙ୍କର ପୁଅ ଝିଅ ବାହା ହୋଇଛନ୍ତି । ସେ ମହିଳା ଜଣକ ଜେଜେମା' ଓ ଆଈ ହୋଇଛନ୍ତି । ସେହି ସମୟରେ ତାଙ୍କ ଆତୁରତା ଯେପରି ଅନେକଙ୍କୁ ଆଘାତ ଦେଇଥିଲା, ତାହା ହୃଦୟ ବିଦାରକ ଥିଲା । ବର୍ଷ ବର୍ଷ ଧରି ସେମାନଙ୍କ କଥା ବିଚାରକୁ ନନେଇ କାହିଁକି ସରକାରମାନେ ଚୁପ ହୋଇ ବସିଥିଲେ । ଏବେ ଆମେରିକାର ରାଷ୍ଟ୍ରପତି ଯେଉଁ ଭାରତୀୟମାନେ ଏପରିକି ଅନ୍ୟ ଦେଶର ଲୋକମାନେ ଯେଉଁମାନଙ୍କର ସେ ଦେଶରେ ରହିବା ଆଇନ ସିଦ୍ଧ ହୋଇନାହିଁ, ସେମାନଙ୍କୁ ଅକଥନୀୟ ନିର୍ଯାତନା ଦେବା ସହିତ ଭାରତରେ ଆଣି ଛାଡିଲେ । ହାତରେ କଡି ଓ ଅଣ୍ଟାରେ ବେଡି ବନ୍ଧାହୋଇ ଆମ ବିମାନଘାଟିମାନଙ୍କରେ ଛାଡିଥିଲେ, ଆମେରିକୀୟମାନେ କହନ୍ତି ସେମାନେ ଗଣତନ୍ତ୍ରର ରକ୍ଷାକର୍ତ୍ତା । ଏ ଯେଉଁ କଥାଟି କହିଲି ଇଏ କ'ଣ ଗଣତନ୍ତ୍ର?

୨୦୧୯ରେ ଯେଉଁ ଆଇନ ପ୍ରଣୟନ କରି ନାଗରିକତ୍ୱ ଦେବା କଥା କହିଲେ ସେତେବେଳେ କୁହାଯାଇଥିଲା ଯେ ଯେଉଁ ଦେଶରେ ଲୋକମାନେ ଅଛନ୍ତି ସେମାନେ ଯଦି ତାଙ୍କର ନିଜ ଦେଶରେ ସଂଖ୍ୟାଲଘୁ ହୋଇଥିବେ, ସେମାନେ ଯଦି ଭାରତରେ ଥାଇ ନାଗରିକତ୍ୱ ପାଇ ନାହାନ୍ତି ସେମାନଙ୍କୁ ନାଗରିକତ୍ୱ ଦିଆଯିବ । ଏହି କଥାରେ ଆମର ମନସ୍ତତ୍ତ୍ୱ ସଫା ନୁହେଁ । ସରକାର ଯେତେବେଳେ ଗୋଟିଏ ଆଇନ କରିବେ ଓ ନିର୍ଦ୍ଦେଶନାମା ପ୍ରକାଶ କରିବେ ସବୁ ଦୃଷ୍ଟିରୁ ଏହାକୁ ବିଚାରକରି କାର୍ଯ୍ୟକାରୀ କରାଇବେ । ଆମ ଦେଶ ଏପରି ଗୋଟିଏ ଦେଶ ଏବଂ ଏହାର ଅବସ୍ଥିତି ଏପରି ଯେ ଅନ୍ୟଦେଶର ଲୋକମାନେ ତାଙ୍କ ସେଠି ନିଜ ଦେଶରେ ଅତ୍ୟାଚାରିତ ହେବେ, ସେମାନେ ଭାରତକୁ ପଳାଇ ଅସିବେ, ତାଙ୍କୁ ଆମ ଦେଶରେ ନାଗରିକତ୍ୱ ଦେବାକଥା । ପହେଲଗାମରେ ଆମ ଉପରେ ଆତଙ୍କୀଙ୍କ ଆକ୍ରମଣ ଓ ତା' ପୂର୍ବରୁ ଏନେଇ ଯେତେ ଘଟଣାବଳୀ ଘଟିଛି ସେଇ ସମୟରେ ଆମ ମନରେ ଭାବନା ଆସିଥାଏ, ଆମେ ଶରଣାର୍ଥୀମାନଙ୍କୁ ଆମ ଦେଶରେ ନାଗରିକତା ଦେବା ନାହିଁ? ଦେଶର ବିଭାଜନ ସମୟରେ ଯେଉଁ ଯନ୍ତ୍ରଣା ଭୋଗିଛନ୍ତି, ଅନ୍ୟମାନେ ତାହା ନ ଭୋଗନ୍ତୁ ସମୟରେ ଅନ୍ୟାୟ ଓ ଅତ୍ୟାଚାର ବିରୋଧରେ ପାଟି ଫିଟାଇ ଦେଶାନ୍ତର ହେବାକୁ ପଡେ । ଏହା ସବୁ ଦେଶରେ ଘଟିଥାଏ । ଏପରିକି ପ୍ରତ୍ୟେକ ଦେଶର ଉଚ୍ଚପଦସ୍ଥ ଶାସକମାନେ ଜନନେତାମାନେ ନିଜ ନିଜ ଦେଶ ଛାଡି ପଳାଇଆସି ଅନ୍ୟଦେଶର ନାଗରିକତ୍ୱ ଚାହାନ୍ତି । ସେମାନଙ୍କର ଜୀବନ ପ୍ରତି ବିପଦ ଥାଏ ।

ପହେଲଗାମ ଆକ୍ରମଣ ସମୟରେ ଭଦ୍ରକ ଓ ରାଉରକେଲାର ଦୁଇଜଣ ମହିଳାଙ୍କ ଦୃଷ୍ଟାନ୍ତ ସବୁ ସମୟରେ ସମ୍ମୁଖକୁ ଆସିବ । ଏ କିଥାଟିକୁ ଖୁବଶୀଘ୍ର ଆଲୋଚନା ଓ ପର୍ଯ୍ୟାଲୋଚନା କରି ନାଗରିକତ୍ୱ ଦେବାକଥା । ଏହା ନିଶ୍ଚିତ ଭାବରେ ମାନବିକ ଅଧିକାର ମଧ୍ୟରେ ଅନ୍ତର୍ଭୁକ୍ତ ହେବ । ସାଧାରଣ ମଣିଷଟିଏ ସବୁଠି ରହିବାର ଅଧିକାର ଅଛି । ସମ୍ମାନର ସହିତ ସେ ବଞ୍ଚିବେ । କାହାକୁ ବି ଏଥିରୁ ବଞ୍ଚିତ କରିବାର ନୁହେଁ । ଚିନ୍ତାଧାରା ବଦଳିଗଲାଣି । ଏବେ ସମଗ୍ର ବିଶ୍ୱଟି ଆମର । ମଣିଷଟିଏ ହୋଇ ଜନ୍ମ ହେଲେ ତା'ର ସବୁଠି ରହିବା ପାଇଁ ଅଧିକାର ଅଛି । ପହେଲଗାମରେ ଏଇ ଅଧିକାରକୁ ଲୋପ କରିବା ପାଇଁ ପାକିସ୍ତାନ ଚାହିଁଥିଲା । ଆମେ ଅପରେସନ ସିନ୍ଦୂର ପ୍ରବର୍ତ୍ତିତ କରି ସେମାନଙ୍କୁ ବିଶ୍ୱରେ ଅପଦସ୍ଥ କଲୁ । ଆମେ କ'ଣ ସେମାନଙ୍କ ବାଟରେ ଯିବା ।

*ଜେଲରୋଡ଼, ଖୋର୍ଦ୍ଧା,*
*ମୋ. ୯୪୩୭୩୦୨୪୧୭*

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ



ଇଣ୍ଡୋନେସିଆର ବାଲି ଦ୍ୱୀପରେ ଥିବା ମାଉଣ୍ଟ ଆଗୁଙ୍ଗ ଆଗ୍ନେୟଗିରି ସେ ଦେଶର ପର୍ଯ୍ୟଟନକୁ ଧିମା କରିଦେଇଛି । ପର୍ଯ୍ୟଟନ ହିଁ ଇଣ୍ଡୋନେସିାର ମୁଖ୍ୟ ଉପାର୍ଜନ ଉତ୍ସ । ତେବେ ଆଗ୍ନେୟଗିରି ବିସ୍ଫୋରଣ ଇଣ୍ଡୋନେସିଆରେ ନୂଆ ନୁହେଁ । କେବଳ ସେତିକି ନୁହେଁ ଆଗ୍ନେୟ ଉଦ୍‌ଗୀରଣ ସହ ଭୂମିକମ୍ପ ଓ ସୁନାମି ଏଠାରେ ନିୟମିତ ଘଟଣା । ଏହି କାରଣରୁ ଇଣ୍ଡୋନେସିଆକୁ ପ୍ରଶାନ୍ତ ଆଗ୍ନେୟ ବଳୟ ବୋଲି କୁହାଯାଏ । କିଛିଦିନ ପର୍ଯ୍ୟନ୍ତ ଅଗ୍ନି ଓ ଲାଭା ଉଦ୍‌ଗୀରଣ କରି କରି ମାଉଣ୍ଟ ଆଗୁଙ୍ଗ କିଛିଦିନ ପୁଣି ବିଶ୍ରାମ ନେବ । ଏହି ପରିପ୍ରେକ୍ଷୀରେ ଆସନ୍ତୁ ଦେଖିବା ଇଣ୍ଡୋନେସିଆର କିଛି ବିଖ୍ୟାତ ଆଗ୍ନେୟଗିରିକୁ ।



# ଆଗ୍ନେୟଗିରିର ଦେଶ ଇଣ୍ଡୋନେସିଆ



### ଅଗୁଙ୍ଗ୍ : ପୃଥିବୀର ନାଭି

ଇଣ୍ଡୋନେସିୟ ଭାଷାରେ ଅଗୁଙ୍ଗର ଅର୍ଥ 'ବିଶାଳ ପର୍ବତ' । ଏହା ବାଲି ଦ୍ୱୀପର ଉଚ୍ଚତମ ଓ ପବିତ୍ରତମ ଶୃଙ୍ଗ । ବାଲିବାସୀମାନେ ଏହାକୁ ପୃଥିବୀର ନାଭି ବୋଲି କୁହନ୍ତି । ଚଳିତବର୍ଷ ଅଗୁଙ୍ଗ ଆଗ୍ନେୟଗିରି ଉଦ୍‌ଗୀରଣ ପୂର୍ବରୁ ଶେଷଥର ପାଇଁ ଉଦ୍‌ଗୀରଣ ହୋଇଥିଲା ୧୯୬୩ରେ । ଏହା ପୂର୍ବରୁ ପ୍ରାୟ ୧୦୦ ବର୍ଷ ନିଷ୍କ୍ରିୟ ଥିଲା ଏହା । ୧୯୬୩ ଫେବୃଆରୀରେ ଅଗୁଙ୍ଗ୍‌ରେ ଧୂଆଁ ବାହାରିବା ଆରମ୍ଭ କଲା ଓ ମାର୍ଚ୍ଚ ପର୍ଯ୍ୟନ୍ତ ଏମିତି ଚାଲିବା ପରେ ଲାଭା ଉଦ୍‌ଗୀରଣ ଆରମ୍ଭ ହେଲା । ପର୍ଯ୍ୟାୟ ପରେ ପର୍ଯ୍ୟାୟ ଉଦ୍‌ଗୀରଣ ଚାଲିଲା । ଏହି ଧାରା ଲାଗିରହିଲା ୧୯୬୪ ଜାନୁଆରୀ ପର୍ଯ୍ୟନ୍ତ । ଗାଁଗଣ୍ଡା ପାଉଁଶରେ ଭରିଗଲା, ଚାଷ ଜମି ଉପରେ ଲାଭା ପାଉଁଶ ଓ ପଥର ଗଦେଇ ହୋଇପଡ଼ିଲା । ପ୍ରାୟ ଏକହଜାର ଲୋକ ଗରମ ଲାଭାରେ ପୋଡ଼ି ହୋଇ ମୃତ୍ୟୁବରଣ କଲେ । ତେବେ ସବୁଠାରୁ ଆଶ୍ଚର୍ଯ୍ୟର କଥା ବାଲି ଦେବଦେବୀଙ୍କ ମାତା ବୈଶାଖିହଙ୍କ ମନ୍ଦିର ଏଥିରେ ଆଦୌ କ୍ଷତିଗ୍ରସ୍ତ ହେଲାନାହିଁ ଯଦିଓ ଏହି ମନ୍ଦିର ପର୍ବତର ଦକ୍ଷିଣ ଢାଲୁରେ ରହିଛି । ତେଣୁ ଅଗୁଙ୍ଗ୍‌ର ବିସ୍ଫୋରଣ ଯେ ଅଲୌକିତ ଓ ଆଧ୍ୟାତ୍ମିକ ଏହାକୁ ବାଲିବାସୀ ଅଧିକରୁ ଅଧିକ ବିଶ୍ୱାସ କରିବାରେ ଲାଗିଲେ । ଏହି ଉଦ୍‌ଗୀରଣ ବିଂଶ ଶତାବ୍ଦୀର ସବୁଠାରୁ ବୃହଦ୍ ଆଗ୍ନେୟଗିରି ବିସ୍ଫୋରଣ ଥିଲା । ଆଗ୍ନେୟଗିରିରୁ ବାହାରୁ ଥିବା ପାଉଁଶ ଆକାରରେ ୨୦କି.ମି. ଉଚ୍ଚ ପର୍ଯ୍ୟନ୍ତ ପହଞ୍ଚି ଯାଇଥିଲା ।

### ସିନାବୁଙ୍ଗ୍ : ସୁମାତ୍ରାର ଚେନ୍ ସ୍ମୋକର୍

୨୦୧୦ ମସିହା ଅଗଷ୍ଟ ମାସର ଶେଷ ଭାଗରେ ୪୧୦ ବର୍ଷ ଧରି ଶୋଇରହିଥିବା ସୁମାତ୍ରାର ମାଉଣ୍ଟ ସିନାବୁଙ୍ଗ ଜାଗି ଉଠିଲଶ ଓ ଗରମ ଲାଭା ସହ ପଥର ପାଉଁଶ ସବୁ ଉଦ୍‌ଗାରୀ ଦେଲା । ଏହାପରେ ପୁଣି ଦୁଇବର୍ଷ ନିରବ ରହିବା ପରେ ୨୦୧୩ରେ ଏହା ପୁଣିଥରେ ଅଗ୍ନି ଉଦ୍‌ଗୀରଣ ଆରମ୍ଭ କଲା । ଉତ୍ତର ସୁମାତ୍ରାର ଗାରୋ ଜିଲ୍ଲାରେ ଥିବା ଏହି ଆଗ୍ନୟଗିରି ୨୦୧୪ରେ ହଠାତ୍ ଲାଭା ଉଦ୍‌ଗୀରଣ କଲା ଯାହାକି ୧୬ଜଣଙ୍କ ଜୀବନ ନେଇଥିଲା । ୨୦୧୩ ମସିହା ପରଠାରୁ କିଛିଦିନ ବ୍ୟବଧାନରେ ଏହି ଆଗ୍ନେୟଗିରିରୁ ଆଗ୍ନେୟ ଉଦ୍‌ଗୀରଣ ହେଉଛି । ଗତମାସରେ ମଧ୍ୟ ଉଦ୍‌ଗୀରଣ ହୋଇଥିଲା ୨୦୧୬ ମେ' ମାସରେ ଏହାର ଉତ୍ତପ୍ତ ଲାଭା ୭ଜଣଙ୍କ ଜୀବନ ନେଇଛି । ତେବେ ଏଠାରେ ୨୦୧୪ ଫେବୃଆରୀରେ ହୋଇଥିବା ଉଦ୍‌ଗୀରଣ ସବୁଠାରୁ ବଡ଼ ଆକାରର ହୋଇଥିଲା । ଏଥିରେ ୩୦ହଜାର ଲୋକଙ୍କୁ ନିରାପଦ ସ୍ଥାନକୁ ନିଆଯାଇଥିଲା । ଏହି ଅଞ୍ଚଳରେ ପାଉଁଶର ଆସ୍ତରଣ ରହିଛି ଓ ଫସଲ କ୍ଷତିଗ୍ରସ୍ତ ହୋଇଛି । ମାତ୍ର ୨୦୧୦ ମସିହାରୁ ନିୟମିତ ଭାବରେ ଉଦ୍‌ଗୀରଣ ହେଉଥିବାରୁ ସ୍ଥାନୀୟ ଲୋକେ ଏହାକୁ ଖୁବ୍ ସ୍ୱାଭାବିକ ଭାବରେ ଗ୍ରହଣ କରିଛନ୍ତି ।

### ପାପାଣ୍ଡାୟନ : ଜାଭାର ଯମଜ ଶୃଙ୍ଗ

ମାଉଣ୍ଟ ପାପାଣ୍ଡାୟନ ଏବେ ଖୁବ୍ ଶାନ୍ତ ଅଛି । ଏହାର ସବୁଠାରୁ ଭୟଙ୍କର ଉଦ୍‌ଗୀରଣ ହୋଇଥିଲା ୧୭୭୨ ମସିହାରେ । ଏହାର ପ୍ରଚଣ୍ଡ ଉଦ୍‌ଗୀରଣ ଓ ଭୂସ୍ଖଳନ ୪୦ଟି ଗାଁକୁ ପୋଛି ନେଇଥିଲା । ଏଥିସହ ପ୍ରାୟ ୩ହଜାର ଜୀବନ । ଉଦ୍‌ଗୀରଣ ଏତେ ଅଧିକ ଥିଲା ଯେ ପର୍ବତର ଆକାର ବଦଳିଗଲା । ପର୍ବତର ଉତ୍ତଙ୍ଗର ଭାଗ ଢଳି ପଡ଼ିଲା । ଫଳରେ ଏହା ଦୁଇଟି ଶୃଙ୍ଗ ପରି ମନେହେଲା । ଏହାପରେ ଗୋଟିଏ ଶୃଙ୍ଗକୁ ମାଉଣ୍ଟ ପାପାଣ୍ଡାୟନ କୁହାଯିବା ବେଳେ ଅନ୍ୟଟିକୁ କୁହାଗଲା ମାଉଣ୍ଟ ପୁଣ୍ଟାଙ୍ଗ୍ । ଏହି ଆଗ୍ନେୟଗିରିରୁ ୨୦୦୨ରୁ ୨୦୦୩ ମସିହା ପର୍ଯ୍ୟନ୍ତ ନିୟମିତ ଭାବରେ କିନ୍ତୁ ଖୁବ୍ କମ୍ ଉଦ୍‌ଗୀରଣ ହୋଇଥିଲା ।

### କେଲୁଡ୍ : ପୂର୍ବ ଜାଭାର ପାଉଁଶ ପାଇପ୍

ମାଉଣ୍ଟ କେଲୁଡ୍ ୨୦୧୪ ମସିହାର ଅନ୍ତରାଷ୍ଟ୍ରୀୟ ଗଣମାଧ୍ୟମରେ ଚର୍ଚ୍ଚାର ଏକ ବଡ଼ ପ୍ରସଙ୍ଗ ଥିଲା ।



କାରଣ ଏଥିରୁ ନିର୍ଗତ ହେଉଥିବା ପାଉଁଶ ଆକାଶରେ ୧୭କି.ମି. ପର୍ଯ୍ୟନ୍ତ ଉଚ୍ଚତାକୁ ଉଠିଥିଲା । ଏହି ପାଉଁଶ ଉଚ୍ଚକୁ ଉଠିବା ସହ ସମାନ୍ତରାଳ ଭାବରେ ଶହ ଶହ କିଲୋମିଟର ମଧ୍ୟ ଗତି କରିଥିଲା । ଏହି ଆଗ୍ନେୟଗିରିଠାରୁ ୩୦୦ କି.ମି. ଦୂରରେ ଥିବା ଯୋଗାକାର୍ତ୍ତା ଉପରେ ପାଉଁଶର ଗାଲିଚା ପଡ଼ିଯାଇଥିଲା । ଏହି ଉଦ୍‌ଗୀରଣ ୩ଜଣଙ୍କ ଜୀବନ ନେଇଥିବା ବେଳେ ପ୍ରାୟ ଏକଲକ୍ଷ ଲୋକଙ୍କୁ ବାସଚ୍ୟୁତ କରାଇଥିଲା । ତେବେ ଇଣ୍ଡୋନେସିଆ ଇତିହାସରେ ଏହା ସବୁଠାରୁ ଘାତକ ଆଗ୍ନେୟଗିରି । ପଞ୍ଚଦଶ ଶତାବ୍ଦୀରୁ ଏ ମଧ୍ୟରେ ପ୍ରାୟ ପନ୍ଦର ହଜାର ଲୋକଙ୍କ ମୃତ୍ୟୁର କାରଣ ହୋଇସାରିଲାଣି । ୧୫୮୬ ମସିହାରେ ଏଥିରେ ହୋଇଥିବା ଉଦ୍‌ଗୀରଣ ୧୦ହଜାର ଲୋକଙ୍କ ଜୀବନ ନେଇଛି । ଏହା ଖୁବ୍ ବିପଜ୍ଜନକ କାରଣ ଆଗ୍ନେୟଗିରିରେ ବିସ୍ଫୋରଣ ହେଲେ ଏଥିରୁ ଉତ୍ତପ୍ତ କାଦୁଅ ଜୁଆର ପରି ମାଡ଼ି ଆସେ ଓ ଏହାର ଶିକାର ହେଉଥିବା ମନୁଷ୍ୟ ଓ ପ୍ରାଣୀଙ୍କ ଜୀବନ ନିଏ । ଏହି ଉତ୍ତପ୍ତ କାଦୁଅ ଜୁଆରକୁ ସ୍ଥାନୀୟ ଲୋକେ କୁହନ୍ତି 'ଲହର୍' ।

### ଗାଲୁଗୁଙ୍ଗ୍ : ବିଜୁଳି ମାରୁଥିବା ପର୍ବତ

ପଶ୍ଚିମ ଜାଭାର ଗାଲୁଗୁଙ୍ଗ୍ ଆଗ୍ନେୟଗିରିରେ ବିସ୍ଫୋରଣ ହେଲେ ଏଥିରୁ ନିର୍ଗତ ହେଉଥିବା ଅଗ୍ନି ଅକାଶର ଖୁବ୍ ଉଚ୍ଚକୁ ପହଞ୍ଚିଯାଏ । ୧୯୮୨ ମସିହାରେ ଏହି ଆଗ୍ନେୟଗିରିର ଉଦ୍‌ଗୀରଣ ସବୁଠାରୁ ଭୟଙ୍କର ଥିଲା । ଏହା ପୂର୍ବରୁ ତିନିଥର ଉଦ୍‌ଗୀରଣ ହୋଇଛି ଏଥିରେ । ୧୯୮୨ ମସିହାରେ ହୋଇଥିବା ଉଦ୍‌ଗୀରଣରେ ଉଦ୍‌ଗୀରଣର ଧାରା ୨୪ କିଲୋମିଟର ଉଚ୍ଚ ପର୍ଯ୍ୟନ୍ତ ପହଞ୍ଚି ଯାଇଥିଲା । ଏହା ୧୧୪ଟି ଗାଁକୁ ମୂଳପୋଛ କରିବା ସହ ୪୦୧୧ଟି ଜୀବନ ନେଇଥିଲା । ଏହା ବିମାନଯାତ୍ରୀମାନଙ୍କ ପାଇଁ ମଧ୍ୟ ବିପଦ ସୃଷ୍ଟି କରିଥିଲା । ଗୋଟିଏ ବ୍ରିଟିଶ ଏୟାରୱେଜର ବିମାନ ପାଉଁଶ ବାଦଲ ଭିତରେ ପଶିଯିବା ପରେ ଏହାର ଇଞ୍ଜିନ ବନ୍ଦ ହୋଇଗଲା । ତେବେ ସୌଭାଗ୍ୟବଶତଃ ପୁନଃ ଷ୍ଟାର୍ଟ କରି ଏହାକୁ ଜାକର୍ତ୍ତା ଆଡକୁ ନିଆଗଲା । ସେହିପରି ପରବର୍ତ୍ତୀ ମାସରେ ସିଙ୍ଗାପୁର ଏୟାରଲାଇନ୍ସର ଏକ ବିମାନ ରାତିରେ ଏହି ଧୂଆଁ ଭିତରେ ପଶିଯିବା ପରେ ବିମାନର ଚାରୋଟି ଇଞ୍ଜିନ ମଧ୍ୟରୁ ତିନୋଟି ବନ୍ଦ ହୋଇଗଲା । ତେବେ ସୌଭାଗ୍ୟବଶତଃ ଏହି ବିମାନକୁ ନିରାପଦରେ ଜରୁରିକାଳୀନ ଅବତରଣ କରାଯାଇପାରିଲା ।

### ମେରାପ : ଅଗ୍ନିପର୍ବତ

ଜାଭାର ଯୋଗାକାର୍ତ୍ତା ସହରର ବାହ୍ୟ ଭାଗରେ ଥିବା ମାଉଣ୍ଟ ମେରାପି, ଇଣ୍ଡୋନେସିଆର ତଥା ଜାଭାର ସବୁଠାରୁ ସକ୍ରିୟ ଆଗ୍ନେୟଗିରି । ଏହା ସବୁଠାରୁ ଭୟଙ୍କର ତଥା ବିପଜ୍ଜନକ ଆଗ୍ନେୟଗିରି ମଧ୍ୟରୁ ଅନ୍ୟତମ । ଇଣ୍ଡୋନେସୀୟ ଭାଷାରେ ମେରାପିର ଅର୍ଥ ଅଗ୍ନି ପର୍ବତ । ୧୯୩୦ ମସିହାରେ ହୋଇଥିବା ଏକ ଉଦ୍‌ଗୀରଣରେ ୧୩୬୯ଜଣ ଓ ୨୦୧୦ରେ ହୋଇଥିବା ଉଦ୍‌ଗୀରଣରେ ୩୫୩ଜଣ ପ୍ରାଣ ହରାଇଥିଲେ । ଏହି ଆଗ୍ନେୟଗିରିର ୩.୫ ମିଲିୟନ ଜନସଂଖ୍ୟା ବିଶିଷ୍ଟ ଯୋଗ୍ୟାକର୍ତ୍ତା ସହରଠାରୁ ମାତ୍ର ୨୮କି.ମି. ଦୂରରେ ଅଛି । ଆଗ୍ନେୟଗିରିର ଖୁବ୍ ନିକଟରେ ଜନବସତି ଥିବା ଯୋଗୁଁ ଏଠାରେ ଉଦ୍‌ଗୀଣ ଅଧିକ ଘାତକ । ପର୍ବତର ଗଡାଣିରେ ବି ଅନେକ ଜନବସତି ଅଛି ଏଠାରେ । ଏହି ଗାଁ ମଧ୍ୟରୁ କେତେକ ଆଗ୍ନେୟଗିରି ଗହ୍ୱରଠାରୁ ମାତ୍ର କେଇ କିଲୋମିଟର ଦୂରତାରେ ରହିଛି ।



### କ୍ରାକାଟୋଆ : ସୁନାମି ସୃଷ୍ଟିକାରୀ

୧୮୮୩ ମସିହା ଅଗଷ୍ଟ ୨୭ ତାରିଖରେ କ୍ରାକାଟୋଆ ଆଗ୍ନେୟଗିରି ଦ୍ୱୀପରେ କ୍ରମାଗତ ଚାରୋଟି ବିଶାଳ ବିସ୍ଫୋରଣ ହେଲା । ଏହି ବିସ୍ଫୋରଣ ହେଲା । ଏହି ବିସ୍ଫୋରଣ ଭୟଙ୍କର ସୁନାମି ସୃଷ୍ଟି କଲା ଓ ପ୍ରାୟ ୪୦ହଜାର ଲୋକଙ୍କ ଜୀବନ ନେଲା । ଏହି ବିସ୍ଫୋରଣ ଏକ ଇତିହାସ ମଧ୍ୟ ସୃଷ୍ଟି କଲା । କାରଣ ଆଧୁନିକ ଇତିହାସିର ସବୁଠାରୁ ବଡ଼ ଆବାଜ ସୃଷ୍ଟି ହେଲା ଏହାଦ୍ୱାରା ଭାରତରୁ ଅଷ୍ଟ୍ରେଲିଆ ପର୍ଯ୍ୟନ୍ତ ଏହି ବିସ୍ଫୋରଣର ଶବ୍ଦ ଶୁଣାଯାଇଥିଲା । ଜଳବାୟୁ ମଧ୍ୟ ପ୍ରଭାବିତ ହୋଇଥିଲା । ଏହାଦ୍ୱାରା ହାରାହାରି ବୈଶ୍ୱିକ ତାପମାତ୍ର ୧.୨ ଡିଗ୍ରୀ କମ୍ ହୋଇଥିଲା । ୧୯୨୮ ମସିହାରେ ସମୁଦ୍ର ତଳକୁ ଅନକ୍ କ୍ରାକାଟୋଆ ନାମକ ଏକ କ୍ଷୁଦ୍ର ଆଗ୍ନେୟଗିରି ମୁଣ୍ଡ ଟେକିଲା ଓ ପୁଣି ଅଦୃଶ୍ୟ ହୋଇଗଲା । ୧୯୨୯ ରେ ଏହା ପୁଣି ମୁଣ୍ଡ ଟେକିଲା ଓ ସେବେଠାରୁ ଏହା ବଢୁଛି । ଏହାକୁ କ୍ରାକାଟୋଆର ଶିଶୁ ବୋଲି କୁହାଯାଏ ।



### ମାନିଞ୍ଜୋ : ପଶ୍ଚିମ ସୁମାତ୍ରାର ହ୍ରଦ ସୃଷ୍ଟିକର୍ତ୍ତା

ପ୍ରାୟ ୫୨ହଜାର ବର୍ଷ ତଳେ ମାନିଞ୍ଜୋ ଆଗ୍ନେୟଗିରି ଉଦ୍‌ଗୀରଣ ଦ୍ୱାରା ପଶ୍ଚିମ ସୁମାତ୍ରାରେ ଏକ ବିଶାଳ ହ୍ରଦ ସୃଷ୍ଟି ହୋଇଥିଲା । ଏହାର ନାମ ମାନିଞ୍ଜୋ ହ୍ରଦ । ଆଗ୍ନେୟ ଉଦ୍‌ଗୀରଣ ଦ୍ୱାରା ସୃଷ୍ଟି ହୋଇଥିବା ଏହା ବିଶ୍ୱର ବୃହତ୍ତମ ହ୍ରଦ । ଏହି ହ୍ରଦ ୨୦ କି.ମି. ଦୀର୍ଘ ଏବଂ ୮ କି.ମି. ଚଉଡ଼ା । ଏହି ଉଦ୍‌ଗୀରଣର ଛାପ ଏବେବି ପୂର୍ବଭାଗରେ ୫୦ କିଲୋମିଟର ପର୍ଯ୍ୟନ୍ତ ଏବଂ ଦକ୍ଷିଣ-ପୂର୍ବ ଏବଂ ପଶ୍ଚିମରେ ୭୫ କିଲୋମିଟର ପର୍ଯ୍ୟନ୍ତ ଦେଖିବାକୁ ମିଳେ ।

### ଟାମ୍ବୋରା

କ୍ରାକାଟୋଆ ବିଶ୍ୱର ସବୁଠାରୁ ବିଖ୍ୟାତ ଆଗ୍ନେୟଗିରି । ମାତ୍ର ୧୮୧୫ ମସିହାରେ ଟାମ୍ବୋରା ଆଗ୍ନେୟଗିରିରେ ହୋଇଥିବା ଉଦ୍‌ଗୀରଣ ସବୁଠାରୁ ବଡ଼ ଏବଂ ଭୟଙ୍କର ଥିଲା । ଏହା ବିଶ୍ୱ ଇତିହାସର ସବୁଠାରୁ ଶକ୍ତିଶାଳୀ ଆଗ୍ନେୟଗିରି ଉଦ୍‌ଗୀରଣ । ଏହି ଆଗ୍ନେୟ ଉଦ୍‌ଗୀରଣରେ ପ୍ରାୟ ୭୧ହଜାର ଲୋକ ପ୍ରାଣ ହରାଇଥିଲେ । ଏହାଥିଲା ଗରମ ଲାଭାରେ ପ୍ରତ୍ୟକ୍ଷ ଭାବରେ ପୋଡ଼ି ହୋଇ ମୃତ୍ୟୁବରଣ କରିଥିବା ଲୋକଙ୍କ ସଂଖ୍ୟା । ପରୋକ୍ଷ ମୃତ୍ୟୁ ସଂଖ୍ୟା ଏହାଠାରୁ ଆହୁରି ଅଧିକ । ପାଉଁଶ ମାଡ଼ିଯିବା ହେତୁ ଅଞ୍ଚଳରେ କେଇବର୍ଷ ପର୍ଯ୍ୟନ୍ତ କୌଣସି ଶସ୍ୟ ଉତ୍ପାଦନ ହୋଇପାରିନଥିଲା ଏବଂ ଲୋକମାନେ ଅନାହାରରେ ମୃତ୍ୟୁବରଣ କରିଥିଲେ । ବିଶ୍ୱ ଜଳବାୟୁ ଉପରେ ମଧ୍ୟ ଏହି ଉଦ୍‌ଗୀରଣର ପ୍ରଭାବ ଖୁବ୍ ଅଧିକ ଥିଲା । ପ୍ରଚୁର ପରିମାଣର ସଲ୍‌ଫର ଡାଇଅକ୍ସାଇଡ୍ ବାୟୁମଣ୍ଡଳରେ ମିଶିଥିଲା । ତେଣୁ ସେହି ବର୍ଷ ଇଣ୍ଡୋନେସିଆରେ ଆଦୌ ଗ୍ରୀଷ୍ମଋତୁ ଅନୁଭୂତ ହୋଇନଥିଲା ।



### ସମଲାସ

୧୨୫୭ ମସିହାରେ ସମଲାସ ଆଗ୍ନେୟଗିରିରେ ଉଦ୍‌ଗୀରଣ ଘଟିଥିଲା । ଏହି ସମଲାସ ଲୋମ୍ବକ୍‌ରେ ଥିବା ମାଉଣ୍ଟ ରିଞ୍ଜାନିର ଆଦ୍ୟ ପର୍ବତ । ଏହି ଉଦ୍‌ଗୀରଣର ପ୍ରକୋପ ଖୁବ୍ ଅଧିକ ଥିଲା କିନ୍ତୁ ବିଶେଷ ଜନଜୀବନ କ୍ଷୟକ୍ଷତି ହୋଇନଥିଲା । ଗତ ୨୦୧୫ ନଭେମ୍ବର ମାସରେ ଏହି ଆଗ୍ନେୟଗିରି ଶୃଙ୍ଖଳରେ ଥିବା ଆଉ ଏକ ଶୃଙ୍ଗ ମାଉଣ୍ଟ ବାରୁଜାରିରେ ମଧ୍ୟ ଉଦ୍‌ଗୀରଣ ହୋଇଥିଲା ।



### ଟୋବା ହ୍ରଦ

ପ୍ରାୟ ୭୫ହଜାର ବର୍ଷ ପୂର୍ବେ ଟୋବା ବିଶାଳ ଆଗ୍ନେୟଗିରିରେ ଉଦ୍‌ଗୀରଣ ଘଟିଥିଲା । ଏହା ଥିଲା ଭୂପୃଷ୍ଠରେ ହୋଇଥିବା ବୃହତ୍ ଆଗ୍ନେୟଗିରି ଉଦ୍‌ଗୀରଣ ମଧ୍ୟରୁ ଅନ୍ୟତମ । ଇଣ୍ଡୋନେସିଆରେ ଏହାଠାରୁ ଅଧିକ ବଡ଼ ଆଗ୍ନେୟଗିରି ଉଦ୍‌ଗୀରଣ ଆଜିପର୍ଯ୍ୟନ୍ତ ହୋଇନାହିଁ । ଏପରିକି ପୃଥିବୀରେ ଗତ ୨.୫ ମିଲିଅନ ବର୍ଷ ମଧ୍ୟରେ ଏତେବଡ଼ ଉଦ୍‌ଗୀରଣ ହୋଇନଥିଲା । ଏହି ଉଦ୍‌ଗୀରଣରେ ଟୋବା ଆଗ୍ନେୟଗିରିରୁ ୭ଶହ ଘନମିଟର ମାଗ୍‌ମା ନିର୍ଗତ ହୋଇଥିଲା । ଏହାଦ୍ୱାରା ପୃଥିବୀ ପୃଷ୍ଠ ଶୀତଳ ପାଲଟି ଯାଇଥିଲା ଏବଂ ସମଗ୍ର ଜୀବନଜଗତ ଉପରେ ବିପଦ ଘନେଇ ଆସିଥିଲା ।



### ସୁମେରୁ

ଇଣ୍ଡୋନେସିୟମାନେ ଏହାକୁ ଦେବତାଙ୍କ ଆବାସ ବୋଲି ବିଶ୍ୱାସ କରନ୍ତି । ପୂର୍ବ ଜାଭାରେ ଥିବା ମାଉଣ୍ଟ ସୁମେରୁ ଏକ ସକ୍ରିୟ ଆଗ୍ନେୟଗିରି । ଇଣ୍ଡୋନେସିୟ ଭାଷାରେ ଏହାକୁ ମହାମେରୁ ମଧ କୁହାଯାଏ । ସୁମେରୁ ଆଗ୍ନେୟଗିରିର ଉଦ୍‌ଗୀରଣ ଖୁବ୍ ନିୟମିତ । ୧୮୧୮ ମସିହାରୁ ଆଜି ପର୍ଯ୍ୟନ୍ତ ପ୍ରାୟ ୫୫ଟି ବିସ୍ଫୋରଣ ହୋଇସାରିଛି । ସେ ମଧ୍ୟରୁ ୧୦ଟି ଘାତକ ହୋଇଛି । ତେବେ ୧୯୬୭ ମସିହାରୁ ଏଠାରେ ନିୟମିତ ଭାବରେ ଉଦ୍‌ଗୀରଣ ଚାଲିଛି ପ୍ରତି ୨୦ ମିନିଟ୍‌ରେ ଥରେ ଛୋଟ ଛୋଟ ଉଦ୍‌ଗୀରଣ ହୋଇଥାଏ । ଏହି ସୁମେରୁ ପର୍ବତ ପର୍ଯ୍ୟଟକମାନଙ୍କର ଏକ ବିଶେଷ ଆକର୍ଷଣ କ୍ଷେତ୍ର । ପର୍ଯ୍ୟଟକମାନେ ଏହି ପର୍ବତରେ ଥିବା ଗ୍ରାମମାନଙ୍କୁ ଯିବାକୁ ପସନ୍ଦ କରନ୍ତି । ବୌଦ୍ଧ ଏବଂ ହିନ୍ଦୁ ବିଶ୍ୱାସ ଅନୁଯାୟୀ ଏହିପର୍ବତ ପୃଥିବୀର କେନ୍ଦ୍ର । ଇଣ୍ଡୋନେସିୟ ହିନ୍ଦୁମାନଙ୍କର ବିଶ୍ୱାସ ଏଠାରେ ମହାଦେବ ବାସ କରନ୍ତି ।

# ସିଆଚୀନ୍

## ଶତ୍ରୁଠାରୁ ଭୟଙ୍କର ପ୍ରକୃତି



**ସି**ଆଚୀନ୍ ଗ୍ଲାସିୟର ବିଶ୍ୱର ଉଚ୍ଚତମ ଯୁଦ୍ଧସ୍ଥଳ ହେବା ସହ ସବୁଠାରୁ ବ୍ୟୟବହୁଳ ମଧ୍ୟ । ସବୁଠାରୁ ବଡ଼ କଥା ଏଠାରେ ଗତ ୩୨ବର୍ଷ ହେବ ଯେଉଁ ଯୁଦ୍ଧ ଚାଲିଛି ତା' ମଧ୍ୟ ମୂଲ୍ୟହୀନ । କାରଣ ଏ ଯୁଦ୍ଧ ପାକିସ୍ତାନ-ଭାରତ ସେନା ମଧ୍ୟରେ ଯେତିକି ନୁହେଁ ତା'ଠାରୁ ଅଧିକ ପ୍ରକୃତି ବିରୋଧରେ । ଉଭୟ ପକ୍ଷ ଜାଣନ୍ତି ଏ ଯୁଦ୍ଧରେ ଅସଲି ବିଜେତା କେହି ମଧ୍ୟ ନୁହେଁ । ସିଆଚୀନ୍ ପରି କଷ୍ଟକର ବରଫାବୃତ୍ତ ଯୁଦ୍ଧକ୍ଷେତ୍ରରେ ଯେକୌଣସି ଦୁର୍ଦ୍ଧଶ ଶତ୍ରୁକୁ ପଛକୁ ହଟାଇ ନେବା ଭାରତୀୟ ସେନା ପାଇଁ ବଡ଼କଥା ନୁହେଁ କିନ୍ତୁ ସେଠି ପ୍ରକୃତି ବିପକ୍ଷରେ ଲଢ଼ିବା ସମ୍ଭବ ନୁହେଁ କୌଣସି ସେନା ପାଇଁ ମଧ୍ୟ ।

ସରକାରୀ ପରିସଂଖ୍ୟାନ ଅନୁଯାୟୀ ଗତ ୩୨ବର୍ଷ ମଧ୍ୟରେ ୮୦୦୦ ଭାରତୀୟ ସୈନ୍ୟ ଓ ଅଧିକାରୀ ଶହୀଦ ହୋଇଛନ୍ତି । ଏହି ମୂଲ୍ୟହୀନ ଯୁଦ୍ଧ ପାଇଁ କିନ୍ତୁ ପାକିସ୍ତାନ ହିଁ ଦାୟୀ । ପାକିସ୍ତାନ ନିଜ ମାନଚିତ୍ରରେ ପାକ୍ ଅଧିକୃତ କାଶ୍ମୀରର ସୀମାକୁ ଏଲ୍‌ଓସିର ଶେଷ ଅଂଶ ଏନ୍‌ଜେ-୯୮୪୨ରୁ ସିଧା କରି କରାକୋରମ୍ ପାସ୍ ପର୍ଯ୍ୟନ୍ତ ଦେଖାଇବା ଆରମ୍ଭ କଲା । ପାକିସ୍ତାନର ଉଦ୍ଦେଶ୍ୟ ଥିଲା ସିଆଚୀନ୍ ଗ୍ଲାସିୟର୍ ଉପରେ କବ୍‌ଜା କରି ସେ ନୁବ୍ରା ଘାଟି ସମେତ ଲଦାଖ୍‌କୁ କବ୍‌ଜା କରିଦେବ । ଏଥିରେ ଚିନ୍ତିତ ଭାରତ ସରକାର ୧୯୮୪ ମସିହା ଏପ୍ରିଲ୍ ଏପ୍ରିଲ୍ ୧୩ ତାରିଖରେ ଅପରେସନ ମେଘଦୂତ ଆରମ୍ଭ କରି ପାକିସ୍ତାନୀ ସେନାକୁ ସିଆଚୀନ୍ ଗ୍ଲାସିୟରରୁ ତଡ଼ିବା ଆରମ୍ଭ କଲେ । ଏହାପରେ ଭାରତ ସରକାର ସିଆଚୀନ୍ ଗ୍ଲାସିୟର୍‌ରୁ ନିଜ ସେନାକୁ ପ୍ରତ୍ୟାହାର କରିପାରିଲେ ନାହିଁ କାରଣ ପାକିସ୍ତାନ ସେଠାରୁ ସୈନ୍ୟ ପ୍ରତ୍ୟାହାର ନକରି ବରଂ ସୁଯୋଗ ମିଳିଲେ ଏହାକୁ ଦଖଲ କରିବା ନିମନ୍ତେ ସେଠାରେ ସୈନ୍ୟମାନଙ୍କୁ ପ୍ରସ୍ତୁତ ରଖିଲା । ଫଳରେ ଭାରତୀୟ ସୈନ୍ୟ ମଧ୍ୟ ସେଠାରେ ରହିବାକୁ ବାଧ ହେଲେ । ଏବେ ଯୁଦ୍ଧ ବିରତି ଯୋଗୁ ନିୟମିତ ଗୁଳିଗୋଳା ବର୍ଷଣ ତ ବନ୍ଦ ହୋଇଛି ତଥାପି ଉଭୟ ପକ୍ଷର ସେନା ଏବେବି ସେଠାରେ ପ୍ରକୃତି ସହ ଯୁଝୁଛନ୍ତି । ପ୍ରକୃତି ସହ ଲଢ଼ି ନିୟମିତ ଭାବରେ ଏହି ସୈନିକ ମୃତ୍ୟୁକୁ ଆଲିଙ୍ଗନ କରୁଛନ୍ତି ।

ଯୁଦ୍ଧ କାହାଣୀ ଶୁଣିବା ସମୟରେ ଯେ କେହି ଏହି ଚିତ୍ରକୁ କଳ୍ପନାଚକ୍ଷୁରେ ଦେଖିନେଇପାରେ । ମାତ୍ର ସିଆଚୀନ୍‌ର ଲଢ଼େଇର ବିଭୀଷିକା କଥା କେହି କଳ୍ପନା ମଧ୍ୟ କରିପାରନ୍ତି ନାହିଁ । ନିଜେ ଏଠାରେ ପ୍ରତ୍ୟକ୍ଷ ଭାବରେ ପହଞ୍ଚି ନଥିବା କୌଣସି ବ୍ୟକ୍ତି ପ୍ରକୃତି ସହ ଯୁଦ୍ଧର ପ୍ରକୃତ ଚିତ୍ର ଦେଖିପାରନ୍ତି ନାହିଁ । ଏଠାରେ ୯୭ ପ୍ରତିଶତ ମୃତ୍ୟୁର କାରଣ ନିର୍ଦ୍ଦୟ ପ୍ରକୃତି ।

୧୮ହଜାରରୁ ୨୨ହଜାର ଫୁଟ ଉଚ୍ଚତାରେ ମୁତୟନ ଥିବା ସୈନିକମାନଙ୍କ ପାଇଁ ଲଢ଼ିବା ବି ଏଠି ସହଜ ନୁହେଁ । ଶତ୍ରୁର ଗୁଳିଗୋଳାର ସାମ୍ନା କରିବା ପୂର୍ବରୁ ଭୟାନକ ଥଣ୍ଡାକୁ ସାମ୍ନା କରିବା ପାଇଁ ପ୍ରସ୍ତୁତ ହେବାକୁ ପଡେ । ଏଠାରେ ଥଣ୍ଡା ପବନ ସିଧାସଳଖ ଦେହରେ ଲାଗିବାର ଅର୍ଥ ଜୀବନରୁ ସବୁଦିନ ପାଇଁ ମୁକ୍ତି । ଏସବୁ ପ୍ରତିକୂଳତା ସତ୍ତ୍ୱେ ଭାରତୀୟ ସୈନିକ ଦୃଢ଼ ମନୋବଳ ସହ ସିଆଚୀନ୍‌ରେ ପାକ୍ ଆକ୍ରମଣରୁ ଦେଶ ମାତୃକାର ସୀମାକୁ ରକ୍ଷା କରିବା ପାଇଁ ତତ୍ପର ଥାଆନ୍ତି ।

ସିଆଚୀନ୍ ଗ୍ଲାସିୟର୍‌ରେ ଏହି ମୂଲ୍ୟହୀନ ଲଢ଼େଇ ଲଢୁଥିବା ସୈନିକମାନଙ୍କ ପାଇଁ ଭାରତୀୟ ବାୟୁସେନାର ଚିତ୍ର । ହେଲିକପ୍ଟର ଏକମାତ୍ର ମାଧ । ସୈନିକମାନଙ୍କୁ ଆବଶ୍ୟକୀୟ ସାମଗ୍ରୀ ଯୋଗାଇବା ପାଇଁ ଶତ୍ରୁ ଗୁଳିଗୋଳା ବର୍ଷଣ ମଧ୍ୟରେ ଏହା ଉଡାଣ ଭରେ । ଏହି ହେଲିକପ୍ଟର ୧୮ହଜାର ଫୁଟ ଉଚ୍ଚତାରେ ଉଡ଼ିବା ପାଇଁ ସମର୍ଥ । ମାତ୍ର ପାକିସ୍ତାନୀ ଗୁଳିରୁ ରକ୍ଷା ପାଇବା ପାଇଁ ଏହାର ୨୨ଫୁଟ ଉଚ୍ଚରେ ଲଡିବାକୁ ବାଧ ହୁଏ ।



ଏହି ହିମାଞ୍ଚଳରେ ଡ୍ୟୁଟି କରି ଫେରିବା ପରେ ସୈନିକ ଅସୁସ୍ଥ ହୋଇପଡ଼ନ୍ତି । ଏମାନଙ୍କ ମଧ୍ୟରୁ ଅନେକ ଶାରୀରିକ ଅକ୍ଷମତାର ଶିକାର ହୋଇଯାନ୍ତି । ଶତ୍ରୁର ଗୁଳି ନୁହେଁ ପ୍ରକୃତି ହିଁ ସବୁଠାରୁ ବଡ଼ ବଇରୀ ସାଜିଥାଏ ଏଠାରେ । ତେଣୁ ସିଆଚୀନ୍‌ରେ ଡ୍ୟୁଟି କରି ଫେରିଥିବା ସବୁ ସୈନିକ ଓ ଅଧିକାରୀ ଚାହାନ୍ତି ଏ ଯୁଦ୍ଧ ତୁରନ୍ତ ବନ୍ଦ ହୋଇଯାଉ । କାରଣ ଏ ଯୁଦ୍ଧରେ କୌଣସି ଅର୍ଥ ନାହିଁ । କେହି ବିଜେତା ମଧ୍ୟ ନୁହନ୍ତି ।

ସିଆଚୀନ ଗ୍ଲାସିୟରରେ ଆଖିକୁ ଦେଖାଯାଉଥିବା ପର୍ଯ୍ୟନ୍ତ ଜୀବନର କୌଣସି ସଂକେତ ମିଳେନାହିଁ । କେବଳ ଚାରିଆଡେ ବରଫ ହିଁ ବରଫ । ତଥାପି ଏହି ଅଞ୍ଚଳର ରକ୍ଷା ପାଇଁ ଭାରତ ସରକାର ହଜାର ହଜାର କୋଟି ଟଙ୍କା ବ୍ୟୟ କରିଚାଲିଛି । ୩୧ ବର୍ଷ ମଧ୍ୟରେ ୮ହଜାରରୁ ଅଧିକ ସୈନିକ ଜୀବନ ହରାଇଛନ୍ତି ଏହି ହିମମରୁରେ । ଗୋଟେ ସମୟ ଏମିତି ଥିଲା ଯେତେବେଳେ ଏଠାରେ ମୁତୟନ ଥିବା ସୈନିକଙ୍କ ମଧ୍ୟରୁ ଦୁଇଜଣ ଯେମିତି ହେଲେ ପ୍ରାଣ ହରାଉଥିଲେ । ଏହା ସରକାରୀ ପରିସଂଖ୍ୟା । ବେସରାରୀ ପରି ସଂଖ୍ୟାନ ଏହାଠାରୁ ଢେର ଅଧିକ । ଏହି ସୈନିକମାନଙ୍କର ଦୁର୍ଭାଗ୍ୟ ଯେ ସେମାନଙ୍କ ପାଇଁ ସବୁଜ ପନିପରିବା ଓ ସଜ ଖାଦ୍ୟ ଏବେବି ସ୍ୱପ୍ନ । ସିଆଚୀନରେ ମୁତୟନ ଥିବା ପ୍ରତି ସୈନିକ ସେଠାକୁ ଆଉଥରେ ଯିବାର କଥା ଉଠିଲେ ଭୟରେ ଚମକି ପଡ଼ନ୍ତି । ଫେରିଆସିଥିବା ସୈନିକଙ୍କ ମତରେ ଗ୍ଲାସିଅରରେ ଗୋଟିଏ ରାତି କଟାଇ ଜୀବିତ ଫେରିଆସିବା ଜୀବନର ସବୁଠାରୁ କଷ୍ଟକର ପରୀକ୍ଷା ପାସ୍ କରିବା ସହ ସମାନ । ରାତିର ଘନ ଅନ୍ଧାରରେ, ମାଇନସ ୬୦ ଡିଗ୍ରୀ ତାପମାତ୍ରାରେ ଗୋଟିଏ ଚୌକିରୁ ଅନ୍ୟ ଚୌକି ପର୍ଯ୍ୟନ୍ତ ଯିବା ମଧ୍ୟ କମ୍ ବିପଜ୍ଜନକ ନୁହେଁ ସିଆଚୀନ୍‌ରେ। ଏମିତି ଚାଲିବାକୁ ହୁଏ ଯେମିତି ଶତ୍ରୁର ଗୁଳିରୁ ରକ୍ଷା ପାଇହେବା ସହ ପ୍ରକୃତିର ଆକ୍ରମଣରୁ ମଧ ବର୍ତ୍ତି ହେବା ଫଳରେ ଗୋଟିଏ ଘଣ୍ଟାରେ ମାତ୍ର ୨୫୦ମିଟର ଦୂରତା ହିଁ ଅତିକ୍ରମ କରିହୁଏ। ବାସ୍ତବତା ହେଉଛି ସିଆଚୀନ୍‌ର ଯୁଦ୍ଧ ବାୟୁସେନା ବଳରେ ହିଁ ଲଢ଼ାଯାଉଛି ଏବଂ ବାୟୁସେନାର ସାମର୍ଥ୍ୟ ଯୋଗୁ ଏହି କ୍ଷେତ୍ର ଭାରତୀୟ କବ୍‌ଜାରେ ଅଛି। ତେବେ ଚକିତ କଲାଭଳି ସୂଚନା ଅନୁଯାୟୀ ଯେଉଁ ଯୁଦ୍ଧକୁ କେହି କେହି ବି ଜୀତିପାରିବେନି ସେଥିପାଇଁ ବାୟୁସେନା ଅନୌପଚାରିକ ଭାବରେ ବର୍ଷକୁ ୨୨୦୦ କୋଟି ଟଙ୍କା ଖର୍ଚ୍ଚ କରୁଛି। ଅର୍ଥାତ୍ ଗତ ୩୧ ବର୍ଷରେ କେବଳ ବାୟୁସେନା ସେଠାରେ ୬୫ହଜାର କୋଟି ଟଙ୍କା ଖର୍ଚ୍ଚ କରିସାରିଛି।







# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର ୧୯ ଡିସେମ୍ବର ୨୦୨୫ । ଶୁକ୍ରବାର


## ବଳରାମ ମୃତ୍ୟୁ ଘଟଣାର ଅନୁଧ୍ୟାନ

**ରାଜନଗର,୧୮।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକର ବହୁ ଚର୍ଚ୍ଚିତ ବଳରାମ ମୃତ୍ୟୁ ଘଟଣାରେ ୫ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିସାରିଛି ରାଜନଗର ଥାନା ପୋଲିସ। ତାର ଶବ ଏହି ବ୍ଲକ କାଙ୍କଦିଆ କଙ୍କଡାଖାଇ (ହଂସୁଆ ନଦୀ ପଠା) ଜଙ୍ଗଲରୁ ଉଦ୍ଧାର କରାଯାଇଥିଲା। ଶବ ଉଦ୍ଧାର ହୋଇଥିବା ସ୍ଥାନ ଅନୁଧ୍ୟାନ କରିଛନ୍ତି କେନ୍ଦ୍ରାପଡ଼ା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁଧାକର ସାହୁ। ରାଜନଗର ଥାନା ଅଧିକାରୀ ନରେଶ ସାହୁ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ସାହୁଙ୍କୁ ବଳରାମର ଶବ ଉଦ୍ଧାର ହୋଇଥିବା ଘଟଣାସ୍ଥଳ ଦେଖାଇବା ସହ ତାର ଜ୍ୟାକେଟ ଓ ବାଇକ୍ ଉଦ୍ଧାର କରିଥିବା ସ୍ଥାନ ଦେଖାଇଥିଲେ। ସୂଚନାଯୋଗ୍ୟ ଯେ ଏହି ବ୍ଲକ ସାନବଡଗୋପାଳପୁର ବଜାର ନିକଟ ବିଦେଶୀ ମଦ ଦୋକାନ ନିକଟରେ ଚାଖଣା ଦୋକାନ କରିଥିବା ବଳରାମ ଗତ ନଭେମ୍ବର ୩୦ରେ ଭୋଜି ଖାଇବାକୁ ଯାଇ ଆଉ ଘରକୁ ଫେରିନଥିଲେ। ତାଙ୍କ ବଡ଼ପୁଅ ବାପା ନିଖୋଜ ଥିବା ନେଇ ଅଭିଯୋଗ କରିଥିଲେ। ପରବର୍ତ୍ତୀ ସମୟରେ ପୋଲିସ କାଙ୍କଦିଆ ଗ୍ରାମର ଭାଗ୍ୟର ଜେନାଙ୍କ ବଡ଼ଝିଅ ଜାମିନୀକୁ ଥାନାକୁ ଆଣି ପଚରାଉଚରା କରିବା ପରେ ବଳରାମକୁ ହତ୍ୟା କରିଥିବା ନେଇ ସ୍ୱୀକାର କରିଥିଲା। ଏହା ପରେ ପୋଲିସ ଜାମିନୀକୁ ନେଇ ହତ୍ୟା ଘଟଣାର ପୁନରାବୃତ୍ତି କରାଇ ଶବ ଉଦ୍ଧାର କରିଥିଲ। ଏହି ଘଟଣାରେ ଜାମିନୀକୁ ପ୍ରଥମ କୋର୍ଟ ଚାଲାଣ କରିଥିଲା। ଏହାପରେ ଏହି ହତ୍ୟାକାଣ୍ଡ ଘଟଣାରେ ଭାଗ୍ୟଧର ଜେନା ଓ ତେତଲଙ୍ଗା ଗ୍ରାମର ବିଘ୍ନେଶ୍ୱର ମଲିକଙ୍କୁ କୋର୍ଟ ଚାଲାଣ କରିଥିଲା। ଶେଷରେ ଭାଗ୍ୟଧରଙ୍କ ସ୍ତ୍ରୀ ଶଶିକଳା ଜେନା ଓ ପୁଅ ସୁରଞ୍ଜନ ଜେନାଙ୍କୁ କୋର୍ଟ ଚାଲାଣ କରିଥିଲା।

## ସଡକ ସୁରକ୍ଷା ସଚେତନତା

**କେନ୍ଦ୍ରାପଡ଼ା,୧୮।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ସ୍ଥାନୀୟ ଗୁଲନଗର ଛକସ୍ଥିତ ଶ୍ରୀଜଗନ୍ନାଥ ଅଟୋମୋବାଇଲ୍ସ ପକ୍ଷରୁ ଏକ 'ସଡକ ସୁରକ୍ଷା ଜୀବନ ରକ୍ଷା' ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ଅଟୋମାଲିକ ଓ ଚାଳକମାନେ ଅଂଶଗ୍ରହଣ କରିଥିଲେ। ଏହି ଉପଲକ୍ଷେ ଅନୁଷ୍ଠିତ ସଚେତନତା ବୈଠକରେ ଶ୍ରୀଜଗନ୍ନାଥ ଅଟୋମୋବାଇଲ୍ସର ପ୍ରତିଷ୍ଠାତା ପରିଚାଳକ ନଳିନୀକାନ୍ତ ସାହୁ ସଭାପତିତ୍ୱ କରି ଅଟୋଚାଳକମାନଙ୍କୁ ସଡକ ସୁରକ୍ଷା ଓ ଜୀବନ ରକ୍ଷା ସମ୍ପର୍କରେ ବିଭିନ୍ନ ଉପାଦେୟ ତଥ୍ୟ ପ୍ରଦାନ କରି ସଚେତନ କରାଇଥିଲେ। ଏହି ସଚେତନତା ବୈଠକରେ ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ଏମଭିଆଇ କାଜଲ ପ୍ରଧାନ ଯୋଗଦେଇ ଅଟୋ ଚାଳକ ଓ ଅଟୋ ମାଲିକମାନଙ୍କୁ ସଡକ ସୁରକ୍ଷା ସଚେତନତା ଉପରେ କହିଥିଲେ ଯେ ଗାଡି ଚଳାଇବା ବେଳେ ମୋବାଇଲ ବ୍ୟବହାର ନକରିବାକୁ, ମଦ ନପିଇ ଗାଡି ନ ଚଳାଇବାକୁ, ରାସ୍ତା କଡରେ ଥିବା ସଡକ ସୁରକ୍ଷା ଚିହ୍ନଙ୍କୁ ଦେଖି ଗାଡି ଚଳାଇବା ଇତ୍ୟାଦି ବିଭିନ୍ନ ପ୍ରକାରର ଉଦ୍ଧାରଣ ଦେଇଥିଲେ। ସେହିପରି ମୁଖ୍ୟବକ୍ତା ପିଆଇଏଜିଓ ଆଞ୍ଚଳିକ ପ୍ରବନ୍ଧକ (ସେବା) ଅଶୋକ କୁମାର ପାଣିଗ୍ରାହୀ, ସମ୍ମାନୀତ ଅତିଥି ସହକାରୀ ସେଲ୍ସ ମ୍ୟାନେଜର ସନ୍ତୋଷ କୁମାର ଦାସ, ଆଇସିଆଇ ବ୍ୟାଙ୍କ ପରିଚାଳକ ବିଶ୍ୱଜିତ ପରିଡା, ତିନିମୁହାଣୀ ସ୍ଥିତ ଓଡିଶା ଗ୍ରାମ୍ୟ ବ୍ୟାଙ୍କ ପରିଚାଳକ ରାକେଶ କୁମାର ଦାସ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହାପରେ ବିଭିନ୍ନ ଫାଇନାନ୍ସ କମ୍ପାନୀର ପ୍ରତିନିଧି ଇନଡୋସ୍ୱଇଜ ବ୍ୟାଙ୍କର ସତ୍ୟଜିତ ରାୟ, ବିଶ୍ୱଜିତ ପୃଷ୍ଟି, ବିକାଶ ମହାନ୍ତି, ଶ୍ରୀରାମ ଫାଇନାନ୍ସର ପରିଚାଳକ ରମାକାନ୍ତ ଦାସ, ଚୋଲା ଫାଇନାନ୍ସ ପରିଚାଳକ ସୁଜିତ କୁମାର, ମିଟନ କୁମାର ମହାରଣା ପ୍ରମୁଖ ଯୋଗଦେଇ ଅଟୋଚାଳକମାନଙ୍କୁ ସଡକ ସୁରକ୍ଷା ଉପରେ ପରାମର୍ଶ ଦେବା ସହିତ ଅଟୋମାଲିକମାନଙ୍କୁ ନୂତନ ଅଟୋ କିଣାବାରେ ଆବଶ୍ୟକ ଆର୍ଥିକ ସହଯୋଗ ପ୍ରଦାନ ସମ୍ପର୍କରେ ପରାମର୍ଶ ଦେଇଥିଲେ। ଏହି ଅବସରରେ କମ୍ପାନୀ ପକ୍ଷରୁ ଅଟୋଚାଳକମାନଙ୍କୁ ବିଭିନ୍ନ ଆକର୍ଷଣୀୟ ପୁରସ୍କାର ପ୍ରଦାନ କରାଯାଇଥିଲା। ସୋରୁମର ପରିଚାଳକ ଅଜୟ କୁମାର ଶତପଥୀ ଓ ଜୀତେନ୍ଦ୍ର ମହାନ୍ତି, ମନୋରଞ୍ଜନ ନାୟକ, ଶିଶିର କୁମାର ନାୟକ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ବିଶ୍ୱଶାନ୍ତି ପ୍ରାର୍ଥନା ଦିବସ ପାଇଁ ଆଲୋଚନା

**କେନ୍ଦ୍ରାପଡ଼ା,୧୮।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଇନ୍ଦୁପୁରସ୍ଥିତ ବିରୂପା ମହାବିଦ୍ୟାଳୟ ପରିସରରେ 'ବିଶ୍ୱଶାନ୍ତି ନିମନ୍ତେ ପ୍ରାର୍ଥନା' ପାଇଁ ଏକ ଆଧାତ୍ମିକ ସଙ୍କଳ୍ପ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଅଭିଜିତ ବୋଷଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଗରାପୁରସ୍ଥିତ ଦିବ୍ୟଜୀବନ ସଂଘ ଶିବାନନ୍ଦ ଆଶ୍ରମର ଅଧ୍ୟକ୍ଷା ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ର ଜୀବନର ଶୃଙ୍ଖଳା, ମାନବ ଜୀବନର ସାର୍ଥକତା ପାଇଁ ପ୍ରାର୍ଥନାର ଆବଶ୍ୟକତା ସମ୍ପର୍କରେ ଅମୃତବାଣୀ ପ୍ରଦାନ କରିଥିଲେ। ବିଶ୍ୱର ମଙ୍ଗଳ ପାଇଁ ଜାନୁଆରୀ ପହିଲାକୁ 'ବିଶ୍ୱ ପ୍ରାର୍ଥନା ଦିବସ' ରୂପେ ପାଳନ କରିବାକୁ ନିବେଦନ କରିଥିଲେ ଶ୍ରୀମା। ଏହି ଅବସରରେ ଉପସ୍ଥିତ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର କରିବାକୁ ଗୁରୁତ୍ୱ ଦେବା ନିମନ୍ତେ ଶପଥ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଇଂ ଶତୃଘ୍ନ ଦାସ, ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ଅନୁପ କୁମାର ସେନାପତି, ସମାଜସେବୀ ବିନୟ କୁମାର ବୋଷ, ଶରତ ଚନ୍ଦ୍ର ପାତ୍ରଙ୍କ ସମେତ ସାଧୁମାନେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଇଂରାଜୀ ବିଭାଗ ଅଧ୍ୟାପିକା ଏମ. ବିନୟା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। କ୍ରୀଡାଶିକ୍ଷକ ଜ୍ୟୋତିର୍ମୟ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ଅଧ୍ୟାପକ ଓ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସରସ୍ୱତୀ ଶିଶୁ ମନ୍ଦିର ବାର୍ଷିକ କ୍ରୀଡା

**ରାଜନଗର,୧୮।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ସରସ୍ୱତୀ ଶିଶୁ ମନ୍ଦିର, ରାଜନଗରର ବାର୍ଷିକ କ୍ରୀଡା ଉତ୍ସବ ଉଦଘାଟିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ସୁଲେଖ ଚନ୍ଦ୍ର ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ସରପଞ୍ଚ ଅଶୋକ କୁମାର ମହାନ୍ତି ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଶିକ୍ଷା ସହିତ କ୍ରୀଡା ଅଙ୍ଗାଙ୍ଗୀ ରୂପେ ଜଡ଼ିତ। ଖେଳକୁଦ ଯୋଗୁ ଶାରୀରିକ ଓ ମାନସିକ ସନ୍ତୁଳନ ରହିଥାଏ। ମାନସିକ ଚାପ ମଧ୍ୟ ହ୍ରାସ ପାଇଥାଏ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାମନ୍ଦିର କୋଷାଧ୍ୟକ୍ଷ ସଞ୍ଜୟ ବାଗ ଓ ଆଇନଜୀବୀ ଦେବଦତ୍ତ ସେଠୀ ଯୋଗଦେଇଥିଲେ। ତିନି ଦିନ ଧରି ଏହି କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ପ୍ରଧାନ ଆଚାର୍ଯ୍ୟ ଶ୍ରୀ ବାରିକ ସୂଚନା ଦେଇଥିଲେ।

## ବ୍ୟାଙ୍କ ଅଧିକାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

**ଶେରଗଡ,୧୮।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ବୁଧବାର ଶେରଗଡ ୟୁନିଅନ ବ୍ୟାଙ୍କ ଅଧିକାରୀ ଶିଶିର ମସିରଞ୍ଜନ ହାଁସଦାଙ୍କୁ ଶାଖାର ସମସ୍ତ କର୍ମଚାରୀଙ୍କ ପକ୍ଷରୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଶ୍ରୀଯୁକ୍ତ ହାଁସଦା ଶେରଗଡ ଶାଖାରେ ପ୍ରାୟ ତିନି ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଅଞ୍ଚଳବାସୀଙ୍କ ସେବା କରି ସମସ୍ତଙ୍କ ପ୍ରିୟ ହୋଇପାରିଥିଲେ। ଶ୍ରୀଯୁକ୍ତ ହାଁସଦାଙ୍କ ଆସିକା ୟୁନିଅନ ବ୍ୟାଙ୍କ ଶାଖାକୁ ବଦଳି ହୋଇଥିବା ବେଳେ ତାଙ୍କ ସ୍ଥାନରେ ନୂତନ ଶାଖା ଅଧିକାରୀ ଭାବେ ଆସିକା ଶାଖାର କାର୍ଯ୍ୟରତ ଅଧିକାରୀ ରମୁଣୀ ପ୍ରଧାନଙ୍କୁ ଦାୟିତ୍ୱ ମିଳିଛି। ଏହି ଅବସରରେ ବୁଧବାର ଶେରଗଡ ବ୍ୟାଙ୍କ ଶାଖା ପରିସରରେ ଶାଖାର କର୍ମଚାରୀଙ୍କ ତରଫରୁ ଏକ ବିଦାୟ ସମ୍ବର୍ଦ୍ଧନା ଅନୁଷ୍ଠିତ ହୋଇଯାଇଛି। ଏହି ବିଦାୟ ସମ୍ବର୍ଦ୍ଧନା ସମୟରେ ସୂର୍ଯ୍ୟ ନାରାୟଣ ରଥ, ଅମିତ ପ୍ରଧାନ, ସୌରଭ ସୁମନ ସାହୁ, ନୀତିଶ କୁମାର ଦାସ, ଅଜିତ ବେହେରା, ଭିକାରୀ ଚରଣ ପାଢୀ, ବଳରାମ ପାଢୀ, ଏ.ପ୍ରଶାନ୍ତ ଆଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ନ୍ୟାସନାଲ ହେରାଲ୍ଡ ମାମଲାରେ କଂଗ୍ରେସର ପ୍ରତିବାଦ

**ଜଗତସିଂହପୁର,୧୮।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**




ସୋନିଆ ଗାନ୍ଧୀ ଓ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ ବିଜେପି ସରକାର ଯେଉଁଭଳି ଷଡଯନ୍ତ୍ର ସହ ଇଡି ମାଧ୍ୟମରେ ଯେଉଁ ମାନସିକ ଯନ୍ତ୍ରଣା ଦେବା ସହ ତାଙ୍କ ସମାଜିକ ସମ୍ମାନ ଓ ପ୍ରତିଷ୍ଠାକୁ ବଦନାମ କରିବା ପାଇଁ ଯେଉଁ ଅପଚେଷ୍ଟା କରିଥିଲା ତା ପ୍ରତିବାଦରେ ଗୁରୁବାର ଜଗତସିଂହପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ଜିଲ୍ଲା କଂଗ୍ରେସ ସଭାପତି ଦେବ ପ୍ରସାଦ ନାୟକଙ୍କ ନେତୃତ୍ୱରେ ଓ ଓପିସିସି ଉପସଭାପତି ତଥା ପୂର୍ବତନ ବିଧାୟକ ଡ. ଲଲାଟେନ୍ଦୁ ମହାପାତ୍ରଙ୍କ ଉପସ୍ଥିତିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଟାଉନ ହଲ ଠାରୁ ଶତାଧିକ କଂଗ୍ରସ କର୍ମୀ ବିଜେପି ସରକାର ବିରୁଦ୍ଧରେ ନାରାବାଜି କରି ଏକ ଶୋଭାଯାତ୍ରରେ ବାହାରି ବଜାର ପରିକ୍ରମା କରିଥିଲ।

ସମ୍ବିଧାନକୁ ସୁରକ୍ଷା ଦେଉଥିବା ଦଳ କଂଗ୍ରେସ ଓ ଏହାର ସର୍ବୋଚ୍ଚ ନେତୃବର୍ଗଙ୍କୁ ପ୍ରଧାନମନ୍ତ୍ରୀ ମୋଦୀ ଓ ଗୃହମନ୍ତ୍ରୀ ଅମିତ ଶାହା ବ୍ୟକ୍ତିଗତ ବିଦ୍ୱେଷ ରଖି ଅପମାନିତ କରିବାକୁ ବାରମ୍ବାର ଚେଷ୍ଟା କରୁଛନ୍ତି। ବିରୋଧି ଦଳ ଉପନେତା ରାହୁଲ ଗାନ୍ଧୀ ସମ୍ବିଧାନର ସୁରକ୍ଷା, ବେକାର ଯୁବକ ଯୁବତୀ, ଶ୍ରମିକ ଓ କୃଷକଙ୍କ ସହ ସମାଜିକ ନ୍ୟାୟ ପାଇଁ ଶାଣିତ ସ୍ୱରରେ ବିରୋଧ କରୁଛନ୍ତି। ସେମାନଙ୍କୁ ବଦନାମ କରିବା ପାଇଁ ଏଭଳି ଅପଚେଷ୍ଟା କରାଯାଇଛି।

କୌଣସି ଏଫଆଇଆର୍ ବିନା କାହାରି ଅଭିଯୋଗରେ କେନ୍ଦ୍ର ସରକାର ଇଡି ମାଧ୍ୟମରେ ଜାତୀୟ ଓ ଅର୍ନ୍ତଜାତୀୟ ସ୍ତରରେ କଂଗ୍ରେସର ଛବିକୁ କଳୁଷିତ କରିବାର ଚେଷ୍ଟା କରୁଛନ୍ତି। ଏଭଳି ହୀନ ରାଜନୀତି ପାଇଁ ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀ ଦୁହେଁ ଦେଶବାସୀଙ୍କ ସାମନାକୁ ଆସି କ୍ଷମା ମାଗନ୍ତୁ ବୋଲି ଶ୍ରୀ ନାୟକ ମତବ୍ୟକ୍ତ କରିଛନ୍ତି।

ଓପିସିସି ଉପସଭାପତି ଡ଼. ଲଲାଟେନ୍ଦୁ ମହାପାତ୍ର, ଅଜୟ ମହାପାତ୍ର, ବଲ୍ଲଭାନନ୍ଦ ସ୍ୱାଇଁ, ପ୍ରଶାନ୍ତ ଦାସ, ସର୍ବେଶ୍ୱର ପଣ୍ଡା, ଆର୍ତ୍ତତ୍ରାଣ ପଣ୍ଡା , ମହନି ଚରଣ ରାଉତ, ବିଚିତ୍ରା ନନ୍ଦ ଲେଙ୍କା, ପ୍ରଶାନ୍ତ ମହାପାତ୍ର, ଡ଼. ଜଗଦାନନ୍ଦ, ଜ୍ଞାନ ରଞ୍ଜନ ପୃଷ୍ଟି, ସଫି ଆଜମ୍, ମନୋରଞ୍ଜନ ଜେନା, ଶୁଭ ନାରାୟଣ ନାୟକ, ଜିତେନ୍ଦ୍ର ମହାନ୍ତି, ସେକ୍ ହିଦାୟଦ ଅଲ୍ଲୀ, ଅଭିଷେକ ବଳ, ସୁଧାକର ଖଟୁଆ, ଜିତେନ୍ଦ୍ର ମହାନ୍ତି, ବୃନ୍ଦାବନ ପ୍ରଧାନ, ଲକ୍ଷ୍ମୀଧର ମଲ୍ଲିକ, ସତ୍ୟବ୍ରତ ଦାସ, ଅଜୟ ମଲ୍ଲିକ, ସୈଭାଗ୍ୟ ସାହୁ, ସୁରଜକାନ୍ତ ଦାସ, ବିମଳନ୍ଦୁ ଦାସଙ୍କ ସମେତ ଶତାଧିକ କର୍ମୀ ଯୋଗଦେଇଥିଲେ।

## କୁହୁଡି ବଳୟରେ ଘୁ.ଉଦୟଗିରି



**ଘୁ.ଉଦୟଗିରି,୧୮।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ବର୍ତ୍ତମାନ ଘୁ.ଉଦୟଗିରିରେ ପ୍ରବଳ ଥଣ୍ଡା ଅନୁଭୁତ ହେଉଥିବା ବେଳେ ବୁଧବାର ସକାଳୁ କୋହଲା ପାଗ ସାଙ୍ଗକୁ କୁହୁଡି ମଧ ଦେଖିବାକୁ ମିଳିଥିଲା। କୁହୁଡି ଏତେ ପ୍ରବଳ ଥିଲା ଯେ ସାମନା ପଟେ କିଛି ଦୁରରେ କିଏ ଆସୁଛି ଯାଉଛି କିଛି ଦେଖା ଯାଉନଥିଲା। ଜଣାପଡୁଥିଲା କି ସହରକୁ କିଏ ଜଣେ ଧଳା ଚାଦରରେ ଘୋଡେଇ ଦେଇଛି। ଫଳରେ ରାସ୍ତାରେ ଚାଲାବୁଲା କରିବାକୁ ଭୟ ଲାଗୁଥିଲା। ପ୍ରବଳ କୁହୁଡି ଯୋଗୁଁ ଯାନବାହାନ ଚଳାଚଳେରେ ବାଧାପ୍ରାପ୍ତ ହୋଇଛି। ସହର ବାହାରେ ସକାଳ ପ୍ରାୟ ୯ଟା ପର୍ଯ୍ୟନ୍ତ କୁହୁଡି ଲାଗି ରହିଥିଲା। ପଶ୍ଚିମାଝଡ ପ୍ରଭାବରେ କନ୍ଧମାଳ ଜିଲ୍ଲାରେ ଆଗକୁ ଆହୁରୀ ପ୍ରବଳ କୁହୁଡି ହେବ ବୋଲି ପାଣିପାଗ ବିଭାଗ ଆକଳନ କରୁଥିବା ବେଳେ ସଡକ ପଥରେ ଯାତାୟତ କଷ୍ଟକର ହେବ ବୋଲି ଏବେ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି। ତେବେ ସ୍ଥାନୀୟ କୃଷିବିଜ୍ଞାନ କେନ୍ଦ୍ର ସୂଚନା ଅନୁଯାୟୀ ବୁଧବାର ସକାଳେ ଘୁ.ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୬.୬ ଡିଗ୍ରୀ ରହିଥିବା ବେଳେ ଗୁରୁବାର ସକାଳେ ସର୍ବନାମ୍ନ ତାପମାତ୍ରା ୫.୦ ଡିଗ୍ରୀ ରହିଛି। ଆଗକୁ ତାପମାତ୍ରାରେ କ'ଣ ପରିବର୍ତ୍ତନ ହେବା ସଙ୍ଗେ ସଙ୍ଗେ କୁହୁଡିର ମାତ୍ରା ମଧ କେତେ ହେବ ତାହା ଦେଖିବାକୁ ବାକି ରହିଲା ବୋଲି ସାଧାରଣରେ ଆଲୋଚନା ହେଉଛି।

## ଖରିଫ ଧାନ ସଂଗ୍ରହ ନିମନ୍ତେ ପ୍ରସ୍ତୁତି




**ଶେରଗଡ,୧୮।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଶେରଗଡ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଚଳିତ ବର୍ଷ ଖରିଫ ଧାନ ସଂଗ୍ରହ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ବ୍ଲକ ଯୋଗାଣ ନିରୀକ୍ଷକ ବିଭୁ ପ୍ରସାଦ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଆଜିର ଏହି ପ୍ରସ୍ତୁତି ବୈଠକରେ ତହସିଲଦାର ତ୍ରିଦେବ ରଥ, ବିଡିଓ ମିସ ତୃପ୍ତିମୟୀ ଜେନା, ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ, ସ୍ଥାନୀୟ ବିଧାୟକ ତଥା ବିରୋଧୀ ଦଳର ନେତାଙ୍କ ବ୍ଲକ ପ୍ରତିନିଧି ଦିଗାମ୍ବର ନାହାକ ମଞ୍ଚାସୀନ ଥିଲେ। ଚଳିତ ଖରିଫ ଋତୁ ୨୦୨୫-୨୬ ନିମନ୍ତେ ସରକାରଙ୍କ ଦ୍ୱାରା ଗୁଣାତ୍ମକ ମାନର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ପୂର୍ବ ବର୍ଷ ଭଳି କ୍ୱିଣ୍ଟାଲ ପ୍ରତି ୩୧ ଶହ ଟଙ୍କା ପ୍ରଦାନ, ରାଜ୍ୟ ଯୋଗାଣ ନିଗମ ଦ୍ୱାରା ପରିଚାଳିତ ପ୍ରାଥମିକ କୃଷି ସେବା ସମବାୟ ସମିତି, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଖୋଲା ଯାଇଥିବା ମଣ୍ଡିରେ ପଞ୍ଜିକୃତ ଚାଷୀମାନେ ସେମାନଙ୍କ ଉତ୍ପାଦିତ ଧାନ ବିକ୍ରୟ ବେଳେ ସଫା, ଶୁଖିଲା ଧାନ ଆଣିବା ଲାଗି ପରାମର୍ଶ ଦିଆଯାଇଥିଲା। ଚଳିତ ବର୍ଷ ୬୮୪୪ ଜଣ ଚାଷୀଙ୍କ ଧାନ ସୁରୁଖୁରୁରେ ବିକ୍ରି ଉପରେ ଧାନ ରଖିବା ଲାଗି ପରାମର୍ଶ ଦିଆଯାଇଥିଲା। ଚଳିତ ବର୍ଷ ପ୍ରତ୍ୟେକ ମଣ୍ଡିରେ ସିସିଟିଭି ଲଗାଯିବାର ବ୍ୟବସ୍ଥା ରହିଛି, ଫଳରେ ମଣ୍ଡିରେ କୌଣସି ଅଘଟଣ ଘଟିଲେ ମଣ୍ଡି ଦାୟିତ୍ୱରେ ଥିବା ନୋଡାଲ ଅଫିସରମାନେ ପ୍ରଶାସନକୁ ଅବଗତ କରିପାରିବେ। ଆସନ୍ତା ୨୩ ତାରିଖ ଠାରୁ ଚଳିତ ଖରିଫ ଋତୁର ଧାନ କ୍ରୟ ଶୁଭାରମ୍ଭ ହେବା ଲାଗି ଦିନ ଧାର୍ଯ୍ୟ କରାଯାଇଥିବା ଜଣାପଡିଛି। ଆଜିର ଏହି ପ୍ରସ୍ତୁତି ବୈଠକରେ ତହସିଲର ସମସ୍ତ ରାଜସ୍ୱ ନୀରିକ୍ଷକ, ସୁପରଭାଇଜର, ବ୍ଲକ ବିଜେଡି ସଭାପତି ଶରତ ଚନ୍ଦ୍ର ପାତ୍ର, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ପ୍ରମୋଦ କୁମାର ପାତ୍ର, ବରିଷ୍ଠ ନେତା ହୀନ ବେହେରା, ବରିଷ୍ଠ ଚାଷୀ ବଳରାମ ରାଉତ, ଶେରଗଡ ବ୍ଲକ ଅଧିନରେ ଥିବା ସମସ୍ତ ସମବାୟ ସମିତିର ସମ୍ପାଦକ, ସମସ୍ତ ମିଲର, ବହୁତ ଚାଷୀ, ବ୍ଲକର ବହୁ ଜନପ୍ରତିନିଧି ଉପସ୍ଥିତ ଥିଲେ।

## ଆସ ସ୍କୁଲ ଯିବା ଅଭିଯାନରେ କ୍ଲଷ୍ଟରସ୍ତରୀୟ ଶିକ୍ଷା




**ଜଗତସିଂହପୁର,୧୮।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଜଗତସିଂହପୁର ଶିକ୍ଷା ମଣ୍ଡଳ ଅନ୍ତର୍ଗତ ସିପିଗ୍ରାମ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ କ୍ଲଷ୍ଟରସ୍ତରୀୟ ଶିକ୍ଷା ସଭା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ସିପିଗ୍ରାମ କ୍ଲଷ୍ଟରର ସିଆରସିସି ଶିବ ପ୍ରସାଦ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଜଗତସିଂହପୁର ମୁନ୍ସିପାଲଟି କାର୍ଯ୍ୟ ନିର୍ବାହୀ ଅଧିକାରିଣୀ ସୀମା ଜେନା, ସମ୍ମାନୀୟ ଅତିଥି ଭାବେ ୨୧ ନମ୍ବର ୱାର୍ଡ କାଉନସିଲର ସାଗରିକା ଦାଶ ଯୋଗଦେଇ ଏପରି ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପର ଭୂଇଆସି ପ୍ରଶଂସା କରିଥିଲେ। କୌଣସି ପିଲାକୁ ବିଦ୍ୟାଳୟ ବାହାରେ ନ ରଖି ପିଲାର ବୟସ ଉପଯୋଗୀ ଶ୍ରେଣୀରେ ନାମ ଲେଖାଇ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ମୁଖ୍ୟଅତିଥି ତାଙ୍କ ବକ୍ତବ୍ୟରେ ଉପସ୍ଥିତ ଅଭିଭାବକମାନଙ୍କୁ କହିଥିଲେ। ଶିକ୍ଷା ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ଅଧାରୁ ପାଠ ଛାଡି ବିଦ୍ୟାଳୟ ବାହାରେ ଥିବା କିମ୍ବା ସମ୍ପୂର୍ଣ୍ଣ ଭାବେ ବିଦ୍ୟାଳୟକୁ ନ ଯାଇଥିବା ଛଅରୁ ଅଠର ବର୍ଷ ବୟସ ବୟସର ପିଲାଙ୍କ ଅଭିଭାବକମାନଙ୍କୁ ଏହି ସଭାରେ ଯୋଗଦେଇ ସରକାରଙ୍କ ବିଭିନ୍ନ ସୁବିଧା ସୁଯୋଗ ବିଷୟରେ ଜାଣିବା ପାଇଁ ନିମନ୍ତ୍ରଣ କରାଯାଇ ଥିଲା ବୋଲି କ୍ଲଷ୍ଟର ସଂଯୋଜକ ଶିବ ପ୍ରସାଦ ନାୟକ ତାଙ୍କ ବକ୍ତବ୍ୟରେ କହିଥିଲେ। ସମ୍ମାନୀତ ଅତିଥି ଭାବେ ମୁକୁନ୍ଦପୁର ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନରେନ୍ଦ୍ର ପରିଡା, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରଦୀପ କୁମାର ଭୋଇ ଯୋଗଦେଇ ବିଦ୍ୟାଳୟରେ ଉପଲବ୍ଧ ପିଲାମାନଙ୍କ ପାଇଁ ବିଭିନ୍ନ ସୁବିଧା ସୁଯୋଗ ବିଷୟରେ ଆଲୋକ ପାତ କରିଥିଲେ। ସମସ୍ତ ଅଂଶ ଗ୍ରହଣକାରୀଙ୍କ ପାଇଁ ଏକ ପ୍ରଦର୍ଶନୀ ପ୍ରକୋଷ୍ଠ କରାଯାଇଥିଲା। ଏହା ପାଞ୍ଚ ପ୍ରକାରରେ ବିଭକ୍ତ କରାଯାଇଥିଲା। ଏଫଏଲଏନ ତଥା ନିପୁଣ ଓଡ଼ିଶା କୋଣ, ଦିବ୍ୟାଙ୍ଗ କୋଣ, ଏସଆଇଓଏସ /ଏନଆଇଓଏସ କୋଣ ନିଜ ବିଦ୍ୟାଳୟର ଐତିହ୍ୟ କୋଣ ଓ ଉପଲବ୍ଧ ସମସ୍ତ ସୁବିଧା କୋଣ ଗୁଡିକ ବୁଲି ଅଭିଭାବକମାନେ ଶିକ୍ଷକ /ଶିକ୍ଷୟିତ୍ରୀଙ୍କ ଠାରୁ ପଚାରି ବୁଝିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ସହକାରୀ ଶିକ୍ଷକ / ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। କୃତି ଶିକ୍ଷକ ଅଞ୍ଜନ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରିୟା ମିତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲାର ୮ କେନ୍ଦ୍ରରେ ଓଟିଇଟି ପରୀକ୍ଷା

**ମାଲକାନଗିରି,୧୮।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ମାଲକାନଗିରି ଜିଲ୍ଲାରେ ଗୁରୁବାର ୮ଟି କେନ୍ଦ୍ରରେ ୨୫୯୭ ପରୀକ୍ଷାର୍ଥୀଙ୍କୁ ନେଇ ଓଟିଇଟି ପରୀକ୍ଷା ମାଧ୍ୟମିକ ଶିକ୍ଷା ପରିଷଦ, କଟକଙ୍କ ନିର୍ଦ୍ଦେଶନା ଅନୁସାରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଓ ଜିଲ୍ଲା ପ୍ରଶାସନ ଦ୍ୱାରା ସଫଳତାର ସହ ଆୟୋଜନ ହୋଇଯାଇଅଛି। ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀଙ୍କ ସୂଚନା ଅନୁସାରେ ପ୍ରଥମ ପେପର୍ ସକାଳ ୮:୩୦ରୁ ୧୧ ଟା ମଧ୍ୟରେ ୩ଟି କେନ୍ଦ୍ରରେ ୭୪୬ ପରୀକ୍ଷାର୍ଥୀଙ୍କ ପରୀକ୍ଷା ହେବାକୁ ଥିଲାବେଳେ ୮ଟି କେନ୍ଦ୍ରରେ ୧୮୫୧ ଜଣ ଅପରାହ୍ନ ୧:୩୦ରୁ ୪ଟା ମଧ୍ୟରେ ଦ୍ୱିତୀୟ ପେପର୍ ଦେବାର ବ୍ୟବସ୍ଥା ହୋଇଥିଲା।

ଶେଷ ସୂଚନା ଅନୁଯାୟୀ ପ୍ରଥମ ପେପରରେ ୬୯୪ ଉପସ୍ଥିତି ଥିବାବେଳେ ୫୨ ଜଣ ଅନୁପସ୍ଥିତି ଥିଲେ। ଦ୍ୱିତୀୟ ପେପରରେ ୧୭୭୨ ଉପସ୍ଥିତି ଥିବା ବେଳେ ୭୯ ପରୀକ୍ଷାର୍ଥୀ ଅନୁପସ୍ଥିତି ଥିଲେ। ବୋର୍ଡ ତରଫରୁ ଅନନ୍ତ ଚରଣ ସୋରେନ ଏବଂ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ମାଲକାନଗିରି ମଞ୍ଜୁଲତା ଭୋଇ କେନ୍ଦ୍ର ସ୍କ୍ୱାର୍ଡ ଦଳ ରୂପେ ସମସ୍ତ ବ୍ୟବସ୍ଥା ଦେଖି କୌଣସି କେନ୍ଦ୍ରରେ ଅନିୟମିତତା ହୋଇନଥିବାର ସୂଚନା ଦେଇଥିଲେ।

ଜିଲ୍ଲା ପ୍ରଶାସନ ତରଫରୁ ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନ, ପୋଲିସ ଅଧିକ୍ଷକ ବିନୋଦ ପାଟିଲ ଓ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଭାଗୀରଥି ବେହେରା ଜିଲ୍ଲା ନୋଡାଲ ଅଫିସର ରୂପେ ୮ଟି ପରୀକ୍ଷା କେନ୍ଦ୍ର ଯଥା ସରକାରୀ ଉଚ୍ଚ ବିଦ୍ୟାଳୟ ମାଲକାନଗିରି, ନୋଡାଲ ଉଚ୍ଚ ବିଦ୍ୟାଳୟ ମାଲକାନଗିରି, ଜଗନ୍ନାଥପଲ୍ଲୀ ଉଚ୍ଚ ବିଦ୍ୟାଳୟ ଏମଭି ୭ ତମସା, ରାମକୃଷ୍ଣ ଉଚ୍ଚ ବିଦ୍ୟାଳୟ ଏମଭି ୯ ଗୌଡଗୁଡ଼ା, ଏସ୍.ଏସ୍.ଡି ବାଳିକା ଉଚ୍ଚ ବିଦ୍ୟାଳୟ ସତିଗୁଡ଼ା, ଏସ୍.ଏସ୍.ଡି ଉଚ୍ଚ ବିଦ୍ୟାଳୟ ପାଣ୍ଡରିପାଣି, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସିନ୍ଧରିମାଳ ଓ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଏମଭି ୧୫ କେନ୍ଦ୍ରର ପରୀକ୍ଷା ପୂର୍ବରୁ ଜଳ, ସିସିଟିଭି, ପୋଲିସ ମୁତୟନ ଆଦି ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ତଦାରଖ କରିଥିଲେ।

## ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଅଗ୍ନି ନିରାପତ୍ତା ପ୍ରଶିକ୍ଷଣ



**କଟକ,୧୮।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ସ୍ଥାନୀୟ ନରାଜସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟଠାରେ ଅଗ୍ନି ନିରାପତ୍ତା ସମ୍ପର୍କିତ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଓ ମକ୍ ଡ୍ରିଲ୍ ଅନୁଷ୍ଠିତ ହୋଇଯାଇଛି । ଏଥିରେ କଟକ ଜିଲ୍ଲା ଅଗ୍ନିଶମ ମୁଖ୍ୟାଳୟରେ କାର୍ଯ୍ୟରତ ବିଭାଗୀୟ ସବ୍ ଇନ୍ସପେକ୍ଟର ପ୍ରକାଶ ଚନ୍ଦ୍ର ପରିଡାଙ୍କ ନେତୃତ୍ୱରେ ଏକ ଚାରିଜଣିଆ ଟିମ୍ ଯୋଗ ଦେଇଥିଲେ। ସେମାନେ ବିଶ୍ୱବିଦ୍ୟାଳୟର କର୍ମଚାରୀ, ପ୍ରାଧ୍ୟାପକ ଏବଂ ବିଦ୍ୟାର୍ଥୀମାନଙ୍କୁ ଅଗ୍ନି ନିରାପତ୍ତା ସମ୍ପର୍କରେ ପ୍ରଶିକ୍ଷଣ ଅଧିବେଶନରେ ଉତ୍ତମ ରୂପେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରାୟ ୧୨୦ ଜଣ ଆଗ୍ରହୀ ବିଦ୍ୟାର୍ଥୀ ଓ କର୍ମଚାରୀଙ୍କୁ କୌଣସିଠାରେ ନିଆଁ ଲାଗିଲେ, ଆବଶ୍ୟକସ୍ଥଳେ କିଭଳି ନିର୍ବାପନ କରାଯାଇ ପାରିବ, ସେ ସମ୍ପର୍କରେ ପ୍ରାକ୍ଟିକାଲ ପ୍ରଦର୍ଶନ ବା ମକ୍ ଡ୍ରିଲ୍ ଜରିଆରେ ବୁଝାଇ ଦିଆଯାଇଥିଲା। ନର୍ସିଂ ଛାତ୍ରଛାତ୍ରୀମାନେ ଅଧିକ ସଂଖ୍ୟାରେ ଯୋଗ ଦେଇଥିବା ବେଳେ ବିଶ୍ୱବିଦ୍ୟାଳୟର ନିରାପତ୍ତା ଅଧିକାରୀ ସୁବେଦାର ଯାଦବ ମଧ୍ୟ ଉପସ୍ଥିତ ଥିଲେ। ଏଭଳି ଶିକ୍ଷଣୀୟ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିବାରୁ କୁଳାଧକ୍ଷା ପ୍ରଫେସର ରଜିତା କୁଲକର୍ଣ୍ଣୀ, କୁଳପତି ପ୍ରଫେସର (ଡ.) ତେଜପ୍ରତାପ, କୁଳସଚିବ ପ୍ରଫେସର (ଡ.) ଅନିଲ କୁମାର ଶର୍ମା ଓ କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ପ୍ରମୁଖ ଆୟୋଜକମାନଙ୍କୁ ସାଧୁବାଦ ଜଣାଇଛନ୍ତି।

## ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା

**ମାହାଙ୍ଗା,୧୮।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

କଟକ ଜିଲ୍ଲା ମାହାଙ୍ଗା ବ୍ଲକ ଅନ୍ତର୍ଗତ ଜଳେଶ୍ୱରପୁର ପଂଚାୟତସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟ ଡଗରାସାହିର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ସେକ ହଲିମ ମହମ୍ମଦଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ସିଆରସିସି ମନୋରଞ୍ଜନ ଦାସ ଯୋଗଦେଇ କ୍ରୀଡାବିତମାନେ ଉତ୍ତମ ଖେଳ ପ୍ରଦର୍ଶନ କଲେ ରାଜ୍ୟ ତଥା ଦେଶର ସୁନାମ ଅର୍ଜନ କରିପାରିବେ ବୋଲି କହିବା ସହ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। କ୍ରୀଡ଼ାବିତ ରମେଶ ଚନ୍ଦ୍ର ସାହୁ ଖେଳ ପରିଚାଳନା କରିଥିଲେ। ବରିଷ୍ଠ ବିଭାଗରେ ଓମ ପ୍ରକାଶ ସେଠୀ ଓ ରାଜଶ୍ରୀ ସାହୁ ଚାମ୍ପିୟନ ହୋଇଥିବା ବେଳେ ଜୁନିଅର ବିଭାଗରେ ରୋହନ ଜେନା ଓ ଶ୍ରଦ୍ଧାରାଣୀ ଖଟୁଆ ଚାମ୍ପିୟନ ହୋଇଥିଲେ। ଶିକ୍ଷକ ଦାଲୁରାମ ହାଁସଦା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ। ମମତା ରାଉତ, ପୁଷ୍ପିତା ମହାନ୍ତି ଓ ବିଦ୍ୟାଳୟ ପରିଚାଳନା ସଭାପତି ଜ୍ୟୋସ୍ନାରାଣୀ ସାମଲଙ୍କ ସମେତ କମିଟିର ସଦସ୍ୟମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

## ମେର୍ଦ୍ଦା ହାଇସ୍କୁଲର ବାର୍ଷିକୋତ୍ସବ




**ବୈଶିଙ୍ଗା,୧୮।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ବୁଧବାର ଦିନ ବୈଶିଙ୍ଗା ଥାନା ଅନ୍ତର୍ଗତ ମେର୍ଦ୍ଦା ସରକାରୀ ଉଚ୍ଚ ବିଦ୍ୟାଳୟ, ପ୍ରଧାନଶିକ୍ଷକ ମାଳତୀ ହେମ୍ବ୍ରମଙ୍କ ଅଧକ୍ଷତାରେ ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ସାରସ୍ୱତ ଉତ୍ସବରେ ବେତନଟୀ ଗୋଷ୍ଠୀ ଶିକ୍ଷାଅଧିକାରୀ ବିପ୍ଳବ କର ମୁଖ୍ୟଅତିଥି ରୂପେ ଯୋଗଦେଇ ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିବା ସହିତ ଛାତ୍ରଛାତ୍ରୀମାନଙ୍କୁ ଆଳସ୍ୟ ପରିତ୍ୟାଗ କରି ଜୀବନର ଲକ୍ଷ୍ୟ ପଥରେ ଆଗେଇ ଯିବାକୁ ସତ୍ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ରୂପେ ବିଦ୍ୟାଳୟର ପୁରାତନ ଛାତ୍ର ତଥା ସଦ୍ୟ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନଳିନୀ କୁମାର ଚୌଧୁରୀ ପୌରାଣିକ କିମ୍ବଦନ୍ତୀକୁ ଆଧାର କରି ପ୍ରଣାମର ରହସ୍ୟ ଉପରେ ସୁନ୍ଦର ସନ୍ଦେଶ ଉପସ୍ଥାପନ କରିଥିଲେ। ସମ୍ମାନିତ ଅତିଥି ରୂପେ ୩୭ ନଂ ଜୋନ୍‌ର ଜିଲ୍ଲାପରିଷଦ ସଭ୍ୟା ସୁଶ୍ରୀ ଧାନୀ କିସ୍କୁ ଓ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସନ୍ତକ କୁମାର ଲେଙ୍କା ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟର ନାମ ଉଜ୍ଜ୍ୱଳ କରିବାକୁ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ସଂସ୍କୃତ ଶିକ୍ଷକ ପ୍ରିୟନାଥ ପାଣି ବେଦପାଠ ସହିତ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥିଗଣ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷକ ପ୍ରକାଶ କେଶରୀ ପ୍ରଧାନ ସମସ୍ତ ଅତିଥିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଏକ କ୍ଷୁଦ୍ର ନାଟକ ଓ ନୃତ୍ୟ ପରିବେଷଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସକ୍ରିୟ ଅଂଶଗ୍ରହଣ କରିଥିଲେ।

## ନିଆଳି ମହୋତ୍ସବ ପ୍ରସ୍ତୁତି

**ନିଆଳି,୧୮।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ନିଆଳି ମହୋତ୍ସବ ପ୍ରସ୍ତୁତି ବୈଠକ ମହୋତ୍ସବ କମିଟି ସଭାପତି ରାଜେନ୍ଦ୍ର ପ୍ରସାଦ ପଣ୍ଡାଙ୍କ ସଭାପତିତ୍ୱରେ ମହାଦେବ ମନ୍ଦିର ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ନିଆଳି ବିଧାୟକ ଛବି ମଲ୍ଲିକ, ନିଆଳି ପଞ୍ଚାୟତ ସମିତି ଅଧକ୍ଷ ଉମେଶ ଚନ୍ଦ୍ର ବେହେରା, ଆମ୍ମା ଅଧ୍ୟକ୍ଷ ଗଣେଶ୍ୱର ମିଶ୍ର, ନିଆଳି ଥାନା ଆଇଆଇସି ଦିଲ୍ଲିପ କୁମାର କାଣ୍ଡି, ବିଜେପି ସଂଗଠକ ଶଶିକାନ୍ତ ଲେଙ୍କା, ସାଂସଦ ପ୍ରତିନିଧି ଜ୍ୟୋତି ରଞ୍ଜନ ମହାନ୍ତି, ବିଜେଡ଼ି ସଂଗଠକ ପ୍ରଦୀପ କୁମାର ଦାସ, କଂଗ୍ରେସ ସଂଗଠକ ଡାକ୍ତର କେଦାରନାଥ ସାହୁ, ପ୍ରଫେସର ସୌମ୍ୟ ରଂଜନ ମିଶ୍ର, ସମ୍ବାଦିକ ସୁଭାଷ ଚନ୍ଦ୍ର ମହାପାତ୍ର, ଶରତ କୁମାର ସାହୁ ଓ ମନୋରଞ୍ଜନ ଶତପଥୀ ପ୍ରମୁଖ ଯୋଗଦେଇ ପ୍ରତି ବର୍ଷ ପରି ଚଳିତ ବର୍ଷ ୫ଦିନ ଧରି ହେବାକୁଥିବା ମହୋତ୍ସବରେ ନିଆଳି ଅଞ୍ଚଳ କଳାକାର, କବି, ଲେଖକ, କୃଷକ ଓ କୃତି ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ସ୍ଥାନୀୟ କଳାକାର ମାନଙ୍କୁ ସମ୍ପୂର୍ଣ୍ଣ ଗୋଟିଏ ରାତି କଳା ପରିବେଷଣ କରିବା ନିମନ୍ତେ ସୁଯୋଗ ଦେବାକୁ ପ୍ରସ୍ତାବ ଦେଇଥିଲେ। ବିଧାୟକ ଶ୍ରୀ ମଲ୍ଲିକ ଜଣେ ଅଣରାଜନୈତିକ ବ୍ୟକ୍ତିଙ୍କୁ ମହୋତ୍ସବ କମିଟିର ସଭାପତି କରିବା ନିମନ୍ତେ ପ୍ରସ୍ତାବ ଦେବା ସହିତ ମହୋତ୍ସବରେ ପ୍ରତ୍ୟହ ଯୋଗ ଦେବେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡି କାର୍ଯ୍ୟକାରୀ ସଭାପତି ଅନ୍ତର୍ଯ୍ୟାମୀ ବଡୁ, ଜିଲ୍ଲା ପରିଷଦ ସଭ୍ୟ ଦେବାଶିଷ ଷଡଙ୍ଗୀ, କପାସି ସରପଞ୍ଚ ସୌମ୍ୟ ରଞ୍ଜନ ନାୟକ, ଏକବେରୁଆଁ ସରପଞ୍ଚ ପ୍ରଶାନ୍ତ କୁମାର ସ୍ୱାଇଁ, ବାହାରଣା ସରପଞ୍ଚ ବିଜୟ ରାମ ପଣ୍ଡା, କସରଦା ସରପଞ୍ଚ ସୁରେଶ ପଟ୍ଟନାୟକ, ରାଣିଓଳା ସରପଞ୍ଚ ତ୍ରିନାଥ ମହାନ୍ତି, ନୂଆଗାଁ ସରପଞ୍ଚ ଜ୍ୟୋତି ରଂଜନ ମଲ୍ଲିକ, ସମିତି ସଭ୍ୟା ଲକ୍ଷ୍ମୀ ପ୍ରିୟା ଲେଙ୍କା ପ୍ରମୁଖ ଯୋଗ ଦେଇଥିବା ବେଳେ କମିଟି ସମ୍ପାଦକ ଗୋବିନ୍ଦ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ମାଘସପ୍ତମୀ ବୁଡ ପାଇଁ ପ୍ରଥମ ସମନ୍ୱୟ କମିଟି

**କୋଣାର୍କ,୧୮।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

କୋଣାର୍କ ସ୍ଥିତ ଯାତ୍ରୀ ନିବାସ ସମ୍ମେଳନ କକ୍ଷ ଠାରେ ପୁରାଣ ପ୍ରସିଦ୍ଧ ଚନ୍ଦ୍ରଭାଗା ଠାରେ ପୁରୀ ଜିଲ୍ଲାର ଦ୍ୱିତୀୟ ବୃହତ୍ତମ ପର୍ବ ମାଘସପ୍ତମୀ ବୁଡ ନିମନ୍ତେ ପୁରୀ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ପ୍ରଥମ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରଥମ ସମନ୍ୱୟ କମିଟି ବୈଠକରେ ତ୍ରିଶମ୍ଭୁଙ୍କୁ ନିଜ ନିଜର ପୀଠରୁ ବର୍ଣ୍ଣାଢ୍ୟ ସାଜସଜା ଓ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ମଧ୍ୟରେ ଶୋଭାଯାତ୍ରା କରି ମେଳା ପଡିଆକୁ ନିଆଯିବା ପାଇଁ ନିଷ୍ପତ୍ତି ଗ୍ରହଣ ହୋଇଛି। ଶ୍ରଦ୍ଧାଳୁ ଭକ୍ତମାନଙ୍କ ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୩ଟି ଆମ୍ବୁଲାନ୍ସ ବ୍ୟବସ୍ଥା, ରାମଚଣ୍ଡୀ, ଚନ୍ଦ୍ରଭାଗା ମେଳା ପଡ଼ିଆ, ହେଲିପ୍ୟାଡ ଓ କୋଣାର୍କ ବସଷ୍ଟାଣ୍ଡ ଠାରେ ଶ୍ରଦ୍ଧାଳୁ ଭକ୍ତମାନଙ୍କ ସ୍ୱାସ୍ଥ୍ୟ ସେବା ନିମନ୍ତେ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର ଖୋଲିବା ସହ ଷଷ୍ଠୀ ଓ ସପ୍ତମୀ ଦୁଇଦିନ ଧରି କୋଣାର୍କ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ପର୍ଯ୍ୟାପ୍ତ ଔଷଧ ମହଜୁଦ ରଖିବା ସହ ଆବଶ୍ୟକ ଡାକ୍ତର ମୁତୟନ କରି ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। କୋଣାର୍କ ଏନଏସି ପ୍ରଶାସନ ପକ୍ଷରୁ କୋଣାର୍କ ମୁଖ୍ୟ ବଜାର, ତୀର୍ଥ ପୁଷ୍କରିଣୀ ସଂଲଗ୍ନ ପଡିଆ ଓ କୋଣାର୍କ ଠାରୁ ଚନ୍ଦ୍ରଭାଗା ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱକୁ ସଫେଇ କରିବା, ମେଳାପଡ଼ିଆରେ ଆଲୋକୀକରଣ ବ୍ୟବସ୍ଥା, ତ୍ରିଶମ୍ଭୁଙ୍କ ମନ୍ଦିରର ସୌନ୍ଦର୍ଯ୍ୟକରଣ ଓ ଆଲୋକିକରଣ ବ୍ୟବସ୍ଥା ସହ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀକୁ ବ୍ଲିଚିଙ୍ଗ ଓ ଚୂନ ପକାଇ ବିଶୋଧନ କରିବା ସହ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ଜିଲ୍ଲାପାଳ ଶ୍ରୀ ପରିଡା ଏନଏସି ନିର୍ବାହୀ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ଜେନାଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ଶ୍ରଦ୍ଧାଳୁ ଭକ୍ତମାନଙ୍କ ପାନୀୟଜଳ ଯୋଗାଣ ନିମନ୍ତେ ୱାଟକୋ ପକ୍ଷରୁ ମେଳା ପଡ଼ିଆ ତଥା କୋଣାର୍କ ବଜାରର ବିଭିନ୍ନ ସମ୍ବେଦନଶୀଳ ସ୍ଥାନରେ ୬୦ଟି ନଳକୂପ ବସାଇବା, ୨୦ଟି ଅସ୍ଥାୟୀ ଷ୍ଟାଣ୍ଡ ପୋଷ୍ଟ ନିର୍ମାଣ ସହ ୬ ହଜାର ଲିଟର ବିଶିଷ୍ଟ ୨ଟି ଟ୍ୟାଙ୍କରର ସୁବନ୍ଦୋବସ୍ତ କରିବା ପାଇଁ ନିଷ୍ପତ୍ତି ଗ୍ରହଣ ହୋଇଛି। ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ଚନ୍ଦ୍ରଭାଗା ଲାଇଟ ହାଉସ ସମ୍ମୁଖ ରାସ୍ତା ଓ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀ ପଛରେ ୧୦୦ଟି ଅସ୍ଥାୟୀ ପାଇଖାନା ନିର୍ମାଣ କରିବା ପାଇଁ ନିଷ୍ପତ୍ତି ହୋଇଛି। ଚନ୍ଦ୍ରଭାଗା ମାଘସପ୍ତମୀ ବୁଡ ଅବସରରେ ଯାତ୍ରୀମାନଙ୍କ ଠାରୁ ପରିବହନ ବିଭାଗ ପକ୍ଷରୁ ନିର୍ଦ୍ଧାରିତ ବସ ଭଡା ଠାରୁ ଅଧିକ ନେଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଉପରେ ଦୃଷ୍ଟି ଦିଆଯିବ ବୋଲି ପରିବହନ ଅଧିକାରୀଙ୍କୁ ନିର୍ଦ୍ଦେଶ ପ୍ରଦାନ କରାଯାଇଛି। ଏଥିପାଇଁ ପରିବହନ ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ତଦାରଖକାରୀ ଦଳ ପକ୍ଷରୁ ଏକ ମୋବାଇଲ୍ ଭ୍ୟାନ ବୁଲି ଏହାର ତଦାରଖ କରିବା ପାଇଁ ଗୁରୁତ୍ୱାରୋପ କରାଯାଇଥିଲା। ମାଘ ସପ୍ତମୀ ବୁଡ ଅବସରରେ ପଂଚମୀ ରାତି ଠାରୁ ସପ୍ତମୀ ପର୍ଯ୍ୟନ୍ତ ତିନିଦିନ ଧରି ବିଦେଶୀ ମଦ ଦୋକାନ ବନ୍ଦ ରହିବା ସହ ଚୋରା ମଦ ବିକ୍ରି ଉପରେ ଅବକାରୀ ବିଭାଗ ଓ ପୋଲିସ ପକ୍ଷରୁ ଚଢାଉ ଜୋରଦାର କରାଯିବ ବୋଲି ନିଷ୍ପତ୍ତି ହୋଇଛି।

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର | ପୃଷ୍ଠା : ୭

● ୧୯ ଡିସେମ୍ବର ୨୦୨୫ ● ଶୁକ୍ରବାର


## ନ୍ୟାସନାଲ ହେରାଲ୍ଡ ମାମଲାରେ କଂଗ୍ରେସର ନୈତିକ ବିଜୟ



**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ନ୍ୟାସନାଲ ହେରାଲ୍ଡ ମାମଲାରେ ବିଜେପି ପକ୍ଷରୁ ହୋଇଥିବା ଷଡଯନ୍ତ୍ରକୁ ମାନ୍ୟବର ସୁପ୍ରିମକୋର୍ଟ ଶେଷରେ କଂଗ୍ରେସ ବରଷ ନେତ୍ରୀ ଶ୍ରୀମତୀ ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କୁ ଦୋଷମୁକ୍ତ କରି ରାୟ ପ୍ରକାଶ କରିଛନ୍ତି । ଶେଷରେ ସତ୍ୟର ଜୟ ହୋଇଛି । ବିଜେପିର ଏହି ଷଡଯନ୍ତ୍ର ବିରୋଧରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ନିର୍ଦ୍ଦେଶରେ ଆଜି ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କମିଟି ସଭାପତି ପ୍ରକାଶ ଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ଚନ୍ଦ୍ରଶେଖରପୁର ନାଲକୋ ଛକ ସ୍ଥିତ ମହାତ୍ମା ଗାନ୍ଧୀ ପାର୍କଠାରେ ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଏକ ଧାରଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉଦବୋଧନ ଦେଇ ଶ୍ରୀ ଜେନା କହିଥିଲେ ଯେ ଗାନ୍ଧୀ ପରିବାରଙ୍କୁ ବଦନାମ କରିବାପାଇଁ ବିଜେପି ଯେଉଁ ଚକ୍ରାନ୍ତ କରିଥିଲା ସେଥିରେ ମାନ୍ୟବର ସୁପ୍ରିମକୋର୍ଟ କଂଗ୍ରେସକୁ ଦୋଷମୁକ୍ତ କରି ବିଜେପିର ଅସଲ ମୁଖାକୁ ଖୋଲି ଦେଇଛନ୍ତି ବୋଲି ଶ୍ରୀ ଜେନା ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟ, ମନୋରଂଜନ ଦାଶ, ଆଲୋକ ମହାନ୍ତି, ବିଜୟାନନ୍ଦ ଚାଉଳିଆ,ରାଜକିଶୋର ବାରିକ, ମନୋରଂଜନ ରାଉତରାୟ, ଜୟକୃଷ୍ଣ ମଲ୍ଲିକ, ଜୟକୃଷ୍ଣ ସୁବୁଦ୍ଧି, ଖଗେଶ୍ୱର ମଲ୍ଲିକ, ସୂର୍ଯ୍ୟକାନ୍ତ ଜେନା, ଭୁବନ ସ୍ୱାଇଁ, ପ୍ରିୟାଂଶୁ ଦାସ, ବିଶ୍ୱଜିତ ପ୍ରଧାନ, ଭାଗବତ ଜେନା, ପୂର୍ଣ୍ଣଚନ୍ଦ୍ର ଜେନା, ଚିତ୍ତରଞ୍ଜନ ସୁବୁଦ୍ଧି, ସାଇ ପ୍ରସାଦ ଗାଡ଼, ସଂତୋଷ ସାହୁ, ଅମ୍ବିକାପ୍ରସାଦ ପତି ପ୍ରମୁଖ ବହୁ କଂଗ୍ରେସ କର୍ମୀ ଅଂଶଗ୍ରହଣ କରିଥିଲେ ।

## ଅବନ୍ତୀ ବେହେରାଙ୍କ 'ଅର୍ଗଳିରେ ବେକ' ପାଠକାର୍ପିତ



**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ସମାଜରେ ମାନବିକ ମୂଲ୍ୟବୋଧ, ମାନବୀୟ ସଂସ୍କାର ଓ ସର୍ବୋପରି ସାଂସ୍କୃତିକ ଅବକ୍ଷୟ ଦିନକୁ ଦିନ ଅଧପତିତ ହେବାରେ ଲାଗିଛି, ଯେଉଁଥିପାଇଁ ସମାଜରେ ବିଭିନ୍ନ ସଂକଟ ଦେଖାଦେଇଛି ବୋଲି ଗତକାଲି ରାଜ୍ୟସ୍ତରୀୟ ଭୁବନେଶ୍ୱର ପୁସ୍ତକ ମେଳା ପରିସରରେ ଗାଳ୍ପିକା ଅନନ୍ତୀ ବେହେରାଙ୍କ ଗଳ୍ପ ସଙ୍କଳନ 'ଅର୍ଗଳିରେ ବେକ' ପୁସ୍ତକକୁ ଉନ୍ମୋଚିତ କରି ପ୍ରଥିତଯଶା କବି ଫନୀ ମହାନ୍ତି ମତବ୍ୟକ୍ତ କରିଛନ୍ତି । ଅବନ୍ତୀ ବେହେରାଙ୍କ ଗଳ୍ପରେ ସମାଜର ଅବହେଳିତ ମଣିଷଙ୍କ ସ୍ୱର ସହ ସାମାଜିକ ଅବକ୍ଷୟର ଶାଣିତ ପ୍ରତିବାଦ ରହିଛି ବୋଲି ଶ୍ରୀ ମହାନ୍ତି କହିବା ସହ ଏହି ପୁସ୍ତକ ମଣିଷର ମାନସିକତା ପରିବର୍ତ୍ତନରେ ସହାୟକ ହେବ । ବିଶିଷ୍ଟ କବି, ସ୍ତମ୍ଭକାର ତଥା ପୂର୍ବତଟ ରେଳପଥର ଅବସରପ୍ରାପ୍ତ ବରିଷ୍ଠ ଅଧିକାରୀ ନିରାକାର ଦାସଙ୍କ ଅଧ୍ୟକ୍ଷତା ଅନୁଷ୍ଠିତ ଏହି ପାଠକାର୍ପଣରେ ବିଶିଷ୍ଟ କବି ତଥା ଶିକ୍ଷାବିତ ଶଶାଙ୍କ ଶେଖର ସାହୁ, ବରିଷ୍ଠ ଗାଳ୍ପିକା ଓ ଔପନ୍ୟାସିକା ଶ୍ରୀମତୀ ଗୋଲାପ ମଂଜରୀ କର, କବି ତଥା ଟାଇମ୍ ପାସ୍ ପ୍ରକାଶନୀର ନିର୍ଦ୍ଦେଶକ ସରୋଜ ବଳ, ଆର.ଏନ. ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା କବି ଡକ୍ଟର ବନମାଳୀ ପାଣିଗ୍ରାହୀ ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲାବେଳେ ଗାଳ୍ପିକା ଅବନ୍ତୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଶ୍ରୀମତୀ ବେହେରାଙ୍କ ଏହି ତୃତୀୟ ଗଳ୍ପ ସଙ୍କଳନ ଅର୍ଗଳୀରେ ବେକ ଟାଇମ୍ ପାସ୍ ପ୍ରକାଶନୀ ଦ୍ୱାରା ପ୍ରକାଶିତ ହୋଇଛି । ଶ୍ରୀମତୀ ବେହେରାଙ୍କର ବିଷରୁ ଅମୃତ ଓ ବାଟ ବରଗଛ ଦୁଇଟି ଗଳ୍ପ ସଙ୍କଳନ ମଧ୍ୟ ପ୍ରକାଶିତ ହୋଇଛି ।

## ସଂଘବାଦ ଭାରତୀୟ ଏକତାର ମୂଳମନ୍ତ୍ର




**ସାକ୍ଷୀଗୋପାଳ:ଏକ୍ସପ୍ରେସ୍ ନ୍ୟୁଜ୍**

ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟର ସଭାଗୃହରେ ରାଜନୀତି ବିଜ୍ଞାନ ବିଭାଗ ତରଫରୁ 'ଭାରତରେ ସଂଘବାଦ: ଏହାର ସାମ୍ବିଧାନିକ ପ୍ରତିଶୃତି ବନାମ ରାଜନୈତିକ ବାସ୍ତବତା' ଶୀର୍ଷକ ଏକ ସମ୍ପାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରାଧ୍ୟାପିକା ପୁଷ୍ପମିତ୍ରା ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ପ୍ରାଧ୍ୟାପକ ପ୍ରଫେସର ଜ୍ଞାନରଞ୍ଜନ ମହାନ୍ତି ଏବଂ ମୁଖ୍ୟବକ୍ତା ଭାବରେ ସୁରଜ ମଲ୍ଲ ଶାହା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରାଧ୍ୟାପକ ସୁରେନ୍ଦ୍ର କୁମାର ଜେନା ଯୋଗ ଦେଇଥିଲେ । ପ୍ରାରମ୍ଭରେ ପ୍ରଭୁ ଜଗନ୍ନାଥ ଏବଂ ପଣ୍ଡିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ତଥା ବେଦ ମନ୍ତ୍ର ପାଠ କରାଯାଇ କାର୍ଯ୍ୟକ୍ରମଟି ଆରମ୍ଭ କରାଯାଇଥିଲା । ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ରତ୍ନାକର ସାହୁ ପ୍ରଥମେ ମଞ୍ଚସୀନ ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହିତ ପାଠଚକ୍ରର ବିଷୟବସ୍ତୁ ସମ୍ପର୍କରେ ସମ୍ୟକ ବିବରଣୀ ଦେବାକୁଯାଇ ସଂଘବାଦ ଭାରତୀୟ ଏକତାର ମୂଳମନ୍ତ୍ର ବୋଲି ମତ ଦେଇଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରାଧ୍ୟାପିକା ପଟ୍ଟନାୟକ ଯଦିଓ ଭାରତୀୟ ସମ୍ବିଧାନରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ କ୍ଷମତା ବଣ୍ଟନ କରାଯାଇଛି । ବାସ୍ତବରେ କେନ୍ଦ୍ର ସମସ୍ତ କ୍ଷେତ୍ରରେ ରାଜ୍ୟମାନଙ୍କ ଠାରୁ ଅଧିକ ଶକ୍ତିଶାଳୀ ବୋଲି ନିଜ ଅଭିଭାଷଣରେ କହିଥିଲେ । କାର୍ଯ୍ୟକ୍ରମର ମୁଖ୍ୟବକ୍ତା ପ୍ରଫେସର ମହାନ୍ତି ନିଜ ବକ୍ତବ୍ୟରେ ଜାତି, ଧର୍ମ ତଥା ଆଞ୍ଚଳିକତା ନାମରେ ଦେଶକୁ ଭାଗ ଭାଗ କରିବା ଅନୁଚିତ ବୋଲି ମତ ଉପସ୍ଥାପନ କରିଥିଲେ ।

## ଚୋରି ଅଭିଯୋଗରେ ୪ ଗିରଫ

**ନିଆଳି:ଏକ୍ସପ୍ରେସ୍ ନ୍ୟୁଜ୍**

ନିଆଳି ଥାନା ପୋଲିସ୍ ଚୋରି ଅଭିଯୋଗରେ ଚାରି ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗତ ବୁଧବାର ଦିନ ଉକ୍ତ ଥାନା ଅଧିନସ୍ଥ ନୁଆଗାଁରୁ ଗୋବିନ୍ଦ ଚନ୍ଦ୍ର ମୁଦୁଲିଙ୍କ ଗ୍ରୋସରି ଦୋକାନ ଓ ସେହି ବଜାରରୁ ଶଙ୍କର ସାହୁଙ୍କ ଜଳଖିଆ ଦୋକାନରୁ ଚୋରି ହୋଇଥିବା ନିଆଳି ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୋଲିସ୍ ୫୯୮/ ୨୫ରେ ମାମଲା ରୁଜୁ କରି ନିଆଳି ଥାନା ଅଧିକାରୀ ଦିଲିପ୍ କୁମାର ଭଞ୍ଜ ଏକ ଟିମ୍ ଗଠନ କରି ଚାରି ଜଣଙ୍କୁ ଧରିଛନ୍ତି । ସେମାନେ ହେଲେ ଉକ୍ତ ଥାନା ଅଧିନ ନିଆଳି ସାହିର ସରଳ ଭୋଇ ଓରଫ ମିଣ୍ଟୁ (୨୯,), ସତ୍ୟନ ଭୋଇ (୪୦), ବାଲିପାଟଣା ଥାନା ଡିହୁରି ଅଭିରୋଡ଼ ମୁନା ଭୋଇ (୨୦), ଟୁନା ଭୋଇ (୨୨) । ସେମାନଙ୍କ ଠାରୁ ପାଣି ମଟର, ବଟରରା, ନଗଦ ୪ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଜବତ ହୋଇଛି । ଏମାନେ ନିଆଳି ଥାନା ଅଞ୍ଚଳରେ ବିଭିନ୍ନ ଚୋରି ସମେତ ଓଲୋଟପୁର, ଗୋବିନ୍ଦପୁର, ବାଲିପାଟଣା ସହିତ ଅନେକ ଥାନାରେ ଏମାନଙ୍କ ନାମରେ ଅଭିଯୋଗ ରହିଥିବା ପୋଲିସ୍ କହିଛି । ସମସ୍ତଙ୍କୁ ଆଜି କୋର୍ଟ ଚାଲାଣ କରାଯାଇ ଥିବା ଥାନା ଅଧିକାରି ସୂଚନା ଦେଇଛନ୍ତି ।

## ମଧ୍ୟାହ୍ନ ଭୋଜନରେ ପୋକରା ଚାଉଳ

**ମାହାଙ୍ଗା:ଏକ୍ସପ୍ରେସ୍ ନ୍ୟୁଜ୍**



ମଧ୍ୟାହ୍ନ ଭୋଜନରେ ମିଳୁଛି ପୋକରା ଚାଉଳ । ପୋକ ସାଲୁବାଲୁ ହେଉଥିବା ଚାଉଳର ଭାତ ଖାଇ ଅସୁସ୍ଥ ହେଉଛନ୍ତି ଛାତ୍ରଛାତ୍ରୀ । ଏହାକୁ ନେଇ ଛାତ୍ର ଓ ଅଭିଭାବକ ମହଲରେ ଦେଖାଦେଇଛି ତୀବ୍ର ଅସନ୍ତୋଷ । ଖବରରୁ ପ୍ରକାଶ ମାହାଙ୍ଗା ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଅଧିନସ୍ଥ ଦୁଆବ ଅଂଚଳ ସ୍ଥିତ ବାସୁଦେବପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଘଟିଛି ଏପରି ଘଟଣା । ଚାଉଳ ଯୋଗାଉଥିବା ଯୋଗାଣକାରୀଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବୀ କରିଛନ୍ତି ଅଭିଭାବକ ଓ ଗ୍ରାମବାସୀ । ଉଲ୍ଲେଖ ଯୋଗ୍ୟ, ଯୋଗାଣକାରୀଙ୍କ ଉପରୁ ଏହି ବ୍ଲକର ବିଦ୍ୟାଳୟଗୁଡିକୁ ଯୋଗାଇ ଦିଆଯାଉଥିବା ମଧ୍ୟାହ୍ନ ଭୋଜନ ଚାଉଳ ପ୍ୟାକେଟରେ ଓଜନ କମ ରହୁଥିବା ପୂର୍ବରୁ ଅଭିଯୋଗ ହୋଇ ଆସୁଥିଲେ ମଧ ସ୍ଥାନୀୟ ପ୍ରଶାସନ ଓ ଶିକ୍ଷାବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିଲା । ଫଳରେ ଯୋଗାଣକାରୀ ଅତି ଦାୟିତ୍ୱହୀନ ଭାବେ କୋମଳମତୀ ଛାତ୍ରଛାତ୍ରୀଙ୍କ ଜୀବନ ସହିତ ଖେଳ ଖେଳିବାକୁ ପଛାଉ ନ ଥିବା ସାଧାରଣରେ ଆଲୋଚନାର ବିଷୟ ହୋଇଛି । ଏପରିକି ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ମଧ୍ୟାହ୍ନ ଚାଉଳର ମାନ ପରଖିବା ପାଇଁ ବିଭାଗୀୟ ଅଧିକାରୀ ବିଦ୍ୟାଳୟଗୁଡିକୁ ସରଜମିନ ଅନୁସନ୍ଧାନରେ ଯାଉନଥିବା ଗ୍ରାମବାସୀ କହିଛନ୍ତି । ଏହା ପୂର୍ବରୁ ପାଛୋଡା ଯାଇଥିବା ପୋକରା ଚାଉଳକୁ ଖାଇ ଛାତ୍ରଛାତ୍ରୀମାନେ ଡାକ୍ତରଖାନାରେ ଚିକିତ୍ସିତ ହୋଇ ଫେରି ଥିବାର ମଧ ଗ୍ରାମବାସୀ ଗଣମାଧ୍ୟମକୁ କହିଛନ୍ତି । ତୁରନ୍ତ ପ୍ରଶାସନ ଛାତ୍ରଛାତ୍ରୀଙ୍କ ସମୁହ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଉନ୍ନତ ମାନଯୁକ୍ତ ମଧ୍ୟାହ୍ନଭୋଜନ ଚାଉଳ ସଂପୃକ୍ତ ବିଦ୍ୟାଳୟକୁ ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବୀ କରିଛନ୍ତି । ଏ ସଂପର୍କରେ ବ୍ଲକ ଶିକ୍ଷା ଅଧିକାରିଣୀ ମୋନାଲିସା ସରକାରଙ୍କୁ ପଚାରିବାରୁ ସେ ରିପୋର୍ଟ ମଗାଇଛନ୍ତି, ରିପୋର୍ଟ ମିଳିବା ପରେ ପରବର୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ । ଏଥିପ୍ରତି ଜିଲ୍ଲା ପ୍ରଶାସନ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ସହିତ ମଧ୍ୟାହ୍ନ ଭୋଜନ ଯୋଗାଣକାରୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବୀ ହୋଇଛି ।

## ନ୍ୟାସନାଲ ହେରାଲ୍ଡ ମାମଲାରେ କଟକ ନଗର କଂଗ୍ରେସର ବିକ୍ଷୋଭ

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

ଦଶବର୍ଷ ଧରି ନ୍ୟାସନାଲ ହେରାଲ୍ଡ ମାମଲାରେ ଛନ୍ଦି ହୋଇଥିବା କଂଗ୍ରେସର ଶୀର୍ଷ ନେତୃତ୍ୱଙ୍କୁ ଆଶ୍ୱସ୍ତି ମିଳିବା ପରେ ସତ୍ୟ ଆଉ ନୈତିକତାର ବିଜୟ ହୋଇଛି ବୋଲି କଟକ ନଗର କଂଗ୍ରେସ ପକ୍ଷରୁ କୁହାଯିବା ସହିତ କେନ୍ଦ୍ର ସରକାରଙ୍କୁ ନିନ୍ଦା କରାଯାଇଛି । ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ପୁରୀଘାଟ ସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ନ୍ୟାସନାଲ ହେରାଲ୍ଡ ମାମଲାରେ କଂଗ୍ରେସର ନୈତିକ ବିଜୟ ପରିପ୍ରେକ୍ଷୀରେ ବିଜେପି ସରକାର ବିରୋଧରେ କଟକ ନଗର କଂଗ୍ରେସ ପକ୍ଷରୁ ଏକ ବିକ୍ଷୋଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ନେତା ମହମ୍ମଦ ମୋକିମ କଂଗ୍ରେସରୁ ବିଦା ହେବା ପରେ କଟକ ନଗର କଂଗ୍ରେସ ପକ୍ଷରୁ ଏହା ଥିଲା ପ୍ରଥମ ବିକ୍ଷୋଭ କାର୍ଯ୍ୟକ୍ରମ । ବିଧାୟିକା ସୋଫିଆ ଫିର୍ଦ୍ଦୋଷଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ ରାସ୍ତାକୁ ଓହ୍ଲାଇଥିଲେ । ନ୍ୟାସନାଲ ହେରାଲ୍ଡ ମାମଲାରେ ୧୦ ବର୍ଷ ଧରି ଇଡ଼ି ଓ ସିବିଆଇକୁ ବିଜେପି ବ୍ୟବହାର କରିଛି । ଚକ୍ରାନ୍ତକାରୀ ବିଜେପି ଦେଶବାସୀଙ୍କୁ କ୍ଷମା ମାଗନ୍ତୁ ବୋଲି କଟକ ନଗର କଂଗ୍ରେସ ପକ୍ଷରୁ କୁହାଯାଇଛି । ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ କଟକ ନଗର କଂଗ୍ରେସ ସଭାନେତ୍ରୀ ଗିରିବାଳା ବେହେରାଙ୍କ ସମେତ ବହୁ କଂଗ୍ରେସ ନେତା ଓ କର୍ମୀ ଯୋଗ ଦେଇଥିଲେ ।

## ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କ ବଦଳି ସହ ଶିକ୍ଷକ ପଦବୀ ପୂରଣ ଦାବିରେ ଧାରଣା

**ଚାରିଛକ:ଏକ୍ସପ୍ରେସ୍ ନ୍ୟୁଜ୍**

ନିମାପଡା ବ୍ଲକ ଛଣିଜଙ୍ଗ ପଂଚାୟତ ଅନ୍ତର୍ଗତ ଅଳକୁଣ୍ଡ ପଂଚାୟତ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀଙ୍କ ଅନ୍ୟତ୍ର ବଦଳୀ ସାଙ୍ଗକୁ ଖାଲି ପଡିଥିବା ଶିକ୍ଷକ ପଦବୀ ପୁରଣ ଦାବୀ କରି ଆଜି ଅଭିଭାବକ ଓ ଛାତ୍ରଛାତ୍ରୀ ମାନେ ସ୍କୁଲ ଫାଟକରେ ତାଲା ପକାଇ ଧାରଣାରେ ବସିଛନ୍ତି । ଉକ୍ତ ସ୍କୁଲରେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ବିଶୃଙ୍ଖଳିତ କାର୍ଯ୍ୟ ଓ ବ୍ୟବହାରରେ ଶିକ୍ଷୟତ୍ରୀ, କର୍ମଚାରୀ, ଛାତ୍ରଛାତ୍ରୀ ଓ ଅଭିଭାବକ ଭୟଭୀତ ଓ ଅତିଷ୍ଠ ହୋଇ ପଡିଥିବା ନେଇ ଅଭିଯୋଗ ହୋଇଛି । ପ୍ରକାଶ ଯେ, ଉକ୍ତ ସ୍କୁଲର ମିନର୍ଭା ପ୍ରଧାନ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ଅଛନ୍ତି । ଉକ୍ତ ସ୍କୁଲରେ ୬ ଜଣ ଶିକ୍ଷକ ଆବଶ୍ୟକ ଥିବା ବେଳେ ମାତ୍ର ୩ଜଣ ଶିକ୍ଷକରେ ଚାଲିଛି ସ୍କୁଲ । ମୁଖ୍ୟ ବିଷୟ ଇଂରାଜୀ, ଗଣିତ ଓ ବିଜ୍ଞାନ ଶିକ୍ଷକ ଏଠାରେ ନାହାନ୍ତି । ଏ ୩ଟି ବିଷୟରେ ବହି ଖୋଲା ହୋଇନାହିଁ ବୋଲି ଛାତ୍ରଛାତ୍ରୀ ଅଭିଯୋଗକରିଛନ୍ତି । ଫଳରେ ଆଗକୁ ଆସୁଛି ମାଟ୍ରିକ ପରୀକ୍ଷା, ପିଲାଙ୍କ ପାଠପଢା ଆଗେଇ ପାରୁନଥିବା ବେଳେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ପ୍ରଧାନ ସ୍କୁଲର ଅନ୍ୟ ଶିକ୍ଷୟତ୍ରୀ, କର୍ମଚାରୀ, ଅଭିଭାବକ ଓ ଛାତ୍ରଛାତ୍ରୀଙ୍କୁ କଡା ଶବ୍ଦରେ ବିଭିନ୍ନ ଆଶାଳୀନ ଭାଷା ପ୍ରୟୋଗ କରିବା ସହିତ ବିଭିନ୍ନ ଧମକ ଚମକ ଆଦି ଦେଇଆସୁଛନ୍ତି । ଏପରିକି ସ୍କଲରେ ପାଠପଢା ବଦଳରେ ପ୍ରଧାନ ଶିକ୍ଷୟତ୍ରୀ ଓ ଶିକ୍ଷୟତ୍ରୀଙ୍କ ମଧ୍ୟରେ ହାତାହାତି ଘଟଣା ଘଟୁଥିବା ସ୍କୁଲର ଶିକ୍ଷୟତ୍ରୀ, ଅଭିଭାବକ ଓ ଛାତ୍ରଛାତ୍ରୀ ପ୍ରକାଶ କରିଛନ୍ତି । ପ୍ରଧାନଶିକ୍ଷୟତ୍ରୀଙ୍କ ବିଶୃଙ୍ଖଳିତ କାର୍ଯ୍ୟ ଓ ସ୍କଲୁରେ ଶିକ୍ଷକ ପଦବୀ ପୁରଣ ପାଇଁ ବାରମ୍ବାର ଜିଲ୍ଲା ଶିକ୍ଷାଧିକାରୀ,ଜିଲ୍ଲାପାଳ,ସ୍ଥାନୀୟ ବିଧାୟିକା ତଥା ଉପମୁଖ୍ୟମନ୍ତ୍ରୀ ପ୍ରମୁଖଙ୍କ ନିକଟରେ ଅଭିଭାବକ, ପରିଚାଳନା କମିଟୀ ସଦସ୍ୟ ଓ ଗ୍ରାମବାସୀ ମାନେ ଅଭିଯୋଗ କରିଆସୁଥିଲେ ମଧ ଏହାର କୌଣସି ସମାଧାନ ନହେବାରୁ ଆଜି ସ୍କୁଲ ଫାଟକରେ ତାଲା ପକାଇ ଧାରଣାରେ ବସିଥିଲେ । ବିଦ୍ୟାଳୟ ଭଳି ପବିତ୍ର ମନ୍ଦିରରେ ବିଶୃଙ୍ଖଳାର ସ୍ଥାନ ନାହିଁ, ତେଣୁ ତୁରନ୍ତ ବିଶୃଙ୍ଖଳିତ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ପ୍ରଧାନଙ୍କୁ ଏଠାରୁ ଅନ୍ୟତ୍ର ବଦଳୀ କରିବା ସହିତ ଖାଲିପଡିଥିବା ୩ଟି ଶିକ୍ଷକ ପଦବୀ ପୁରଣ କରିବାକୁ ଧାରଣାରେ ସାମିଲ ହୋଇଥିବା ପୂର୍ବତନ ସରପଂଚ ବଟକୃଷ୍ଣ ସ୍ୱାଇଁ, ସମିତିସଭ୍ୟା ଲକିବାଳା ନାୟକ, ଅଭିଭାବକ ବଳରାମ ନାୟକ, ପରିଚାଳନା କମିଟୀ ସଭାପତି ସୁବାଷ ଚନ୍ଦ୍ର ବାରିକ, ସଭ୍ୟ ବିମ୍ବାଧର ନାୟକ, ସୁଧିର ନାୟକ, କୃଷ୍ଣଚନ୍ଦ୍ର ବେହେରା, ଲିଙ୍ଗରାଜ ନାୟକ,ବିପିନ ପ୍ରଧାନ ପ୍ରମୁଖ ଦାବୀ କରିଛନ୍ତି । ଘଟଣା ସ୍ଥଳରେ ଚାରିଛକ ପୁଲିସ ପହଂଚି ସ୍କୁଲ ଫାଟକରୁ ତାଲା ଖୋଲି ଧାରଣା ଦେବାକୁ କହିଥିଲେ ମଧ ଧାରଣାକାରୀ ପୁଲିସ କଥା ଶୁଣିନଥିଲେ । ଶିକ୍ଷା ବିଭାଗର ଜିଲ୍ଲା ଉଚ୍ଚ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ନିମାପଡା ଏବିଇଓ ସୁଦର୍ଶନ ଭୋଇ ଧରଣାକାରୀଙ୍କ ସହିତ ଆଲୋଚନା କରିଥିଲେ ମଧ କୌଣସି ସୁଫଳ ମିଳିନଥିବା ଜଣାପଡିଛି । ଅନ୍ୟପକ୍ଷରେ ମୋର କିଛି ଭୁଲ ନାହିଁ ମୋତେ ବଦନାମ କରିବାକୁ କିଛି ଲୋକଙ୍କ ଏହା ଏକ ଷଡଯନ୍ତ୍ର ବୋଲି ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ପ୍ରଧାନ ସଫେଇ ଦେଇଛନ୍ତି । ଦାବୀ ପୁରଣ ନହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଏହି ଧାରଣା ଚାଲିବ ବୋଲି ଧାରଣାକାରୀମାନେ ପ୍ରକାଶ କରିଛନ୍ତି ।

## ବିରଜା ମନ୍ଦିର ଉନ୍ନୟନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ପ୍ରଶାସନର ପଦକ୍ଷେପ

**ଯାଜପୁର:ଏକ୍ସପ୍ରେସ୍ ନ୍ୟୁଜ୍**

ଯାଜପୁର ଜିଲ୍ଲାର ଆରାଧ୍ୟ ଦେବୀ ମା' ବିରଜାଙ୍କ ମନ୍ଦିର ପରିସରରେ ଚାଲୁଥିବା 'ତୀର୍ଥଯାତ୍ରୀ ସୁବିଧା ଏବଂ ସମ୍ପ୍ରଦାୟ କେନ୍ଦ୍ର' ପ୍ରକଳ୍ପକୁ ସମୟୋପଯୁକ୍ତ ଓ ଉଚ୍ଚ ଗୁଣମାନରେ ସମାପ୍ତ କରିବା ଦିଗରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଦୃଢ଼ ଓ ସକ୍ରିୟ ପଦକ୍ଷେପ ନିଆଯାଇଛି । ଏହି ପ୍ରକଳ୍ପର ଦୁଇଟି ପର୍ଯ୍ୟାୟରେ ଯଥାକ୍ରମେ ଫେଜ୍–୧ ଓ ଫେଜ୍–୨ କାର୍ଯ୍ୟ ସ୍ପେଶିଆଲ ପ୍ରୋବ୍ଲେମ୍ ଫଣ୍ଡ, ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଅନ୍ତର୍ଗତ ସଂପୂର୍ଣ୍ଣ ଅର୍ଥ ଅନୁଦାନରେ କାର୍ଯ୍ୟାନ୍ୱିତ ହେଉଛି । ପ୍ରଶାସନ ପକ୍ଷରୁ ପ୍ରଥମ ପର୍ଯ୍ୟାୟ ପାଇଁ ପ୍ରାୟ ୬କୋଟି ୫୦ଲକ୍ଷ ଟଙ୍କା ଓ ଦ୍ୱିତୀୟ ପର୍ଯ୍ୟାୟ ପାଇଁ ପ୍ରାୟ ୯କୋଟି ୯୯ଲକ୍ଷ ଟଙ୍କା ରାଶି ପୂର୍ବରୁ ହସ୍ତାନ୍ତର କରାଯାଇଛି । ପ୍ରକଳ୍ପର କାର୍ଯ୍ୟଗତି, ଗୁଣାତ୍ମକମାନ ଓ ସମୟସୀମାକୁ ଅନୁସରଣ କରି ସୁନିଶ୍ଚିତ କରିବା ପାଇଁ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଅମ୍ବର କୁମାର କରଙ୍କ ନିର୍ଦ୍ଦେଶରେ ବୈଷୟିକ ବିଶେଷଜ୍ଞ, ଆର୍ଥିକ ବିଶେଷଜ୍ଞ ଓ ପ୍ରଶାସନିକ ଅଧିକାରୀମାନଙ୍କ ସହିତ ଏକ ଜିଲ୍ଲାସ୍ତରୀୟ ସମୀକ୍ଷା କମିଟି ଗଠନ କରାଯାଇଛି । ଏହି ସମ୍ପର୍କରେ ୨୦ ତାରିଖ ଅପରାହ୍ନ ୧ଟାରେ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହେବ । ବୈଠକରେ ପ୍ରକଳ୍ପର ସମଗ୍ର ଅବସ୍ଥା ସମୀକ୍ଷା କରାଯିବା ସହ ଶେଷ ପର୍ଯ୍ୟାୟର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଏକ ସ୍ପଷ୍ଟ ଓ ସମୟବଦ୍ଧ କାର୍ଯ୍ୟ ପରିକଳ୍ପନା ନିର୍ଦ୍ଧାରଣ କରାଯିବ ।

## କେନ୍ଦ୍ରାପଡା କଲେଜ୍‌ରେ ଜାତୀୟ କର୍ମଶାଳା

**କେନ୍ଦ୍ରାପଡ଼ା:ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଆଭ୍ୟନ୍ତରୀଣ ଗୁଣବତ୍ତା ନିଶ୍ଚିତତା ପ୍ରକୋଷ୍ଠ (ଆଇକ୍ୟୁଏସି) ପକ୍ଷରୁ ଗୁରୁବାର "ଗବେଷଣା ପ୍ରସ୍ତାବ ଲେଖନ ଓ ପାଣ୍ଠି ସଂଗ୍ରହ: ଧାରଣାରୁ ଅନୁମୋଦନ ପର୍ଯ୍ୟନ୍ତ" ଶୀର୍ଷକରେ ଏକ ଜାତୀୟ ସ୍ତରୀୟ କାର୍ଯ୍ୟଶାଳା ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କର୍ମଶାଳାରେ ଇଂରାଜୀ ବିଭାଗ ମୁଖ୍ୟ ଡ଼. ପୂର୍ବାଶା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମରେ ଉଦଘାଟନୀ ସମ୍ଭାଷଣ ପ୍ରଦାନ କରିଥିଲେ । ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଶାନ୍ତନୁ କୁମାର ଜେନା ଏହି ଅବସରରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଆଇକ୍ୟୁଏସି ଆଭ୍ୟନ୍ତରୀଣ ସଦସ୍ୟ ପ୍ରଫେସର ରଞ୍ଜିତ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଆଇକ୍ୟୁଏସି ସଂଯୋଜିକା ଡ଼. ଦିପ୍ତୀ ରାୟ କର୍ମଶାଳାର ଉଦ୍ଦେଶ୍ୟ ଉପସ୍ଥାପନ କରିଥିଲେ । ପ୍ରଥମ ସତ୍ରରେ ବାଣୀବିହାର ଉତ୍କଳ ବିଶ୍ୱବିଦ୍ୟାଳୟ ଅର୍ଥନୀତି ବିଭାଗର ଡ଼. ହିମାଂଶୁ ଶେଖର ରାଉତ "ଗବେଷଣା ପ୍ରସ୍ତାବ ଲେଖନ" ବିଷୟରେ ଆଲୋଚନା କରିଥିଲେ । ଦ୍ୱିତୀୟ ସତ୍ରରେ ନୂଆଦିଲ୍ଲୀ ଜୱାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟର ଡ଼. ମୀନକେତନ ବେହେରା "ଗବେଷଣା ପ୍ରସ୍ତାବ ପାଇଁ ପାଣ୍ଠି ସଂଗ୍ରହ" ଉପରେ ଗୁରୁତ୍ୱପୂର୍ଣ୍ଣ ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମର ଶେଷରେ ୟୁଜିସି ସଂଯୋଜକ ଡ଼. ଦେବକାନ୍ତ ଷଡଙ୍ଗୀ ଧନ୍ୟବାଦ ଜ୍ଞାପନ କରିଥିଲେ । ଏହି କର୍ମଶାଳାକୁ କ୍ୟାପଟେନ ସୀମା ମହାନ୍ତି ସଂଯୋଜନା କରିଥିଲେ । ଏହି କର୍ମଶାଳାରେ ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକା, ଗବେଷକ ଓ ଗବେଷିକାମାନେ ଯୋଗଦେଇଥିଲେ । ଏଥିରେ ମହାବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକା ଏବଂ ବରିଷ୍ଠ ପ୍ରାଧ୍ୟାପକ ମାନେ ସହଯୋଗ କରିଥିଲେ । ଏହି ଜାତୀୟ କାର୍ଯ୍ୟଶାଳା ଶିକ୍ଷକ, ଗବେଷକ ଓ ଗବେଷଣାରେ ଆଗ୍ରହୀ ଅଂଶଗ୍ରହୀମାନଙ୍କ ପାଇଁ ବେଶ୍ ଉପକାରୀ ହେବ ବୋଲି ଆୟୋଜକ ମଣ୍ଡଳୀ ଆଶା ପ୍ରକାଶ କରିଛନ୍ତି ।

## ମୁରିବାହାଲରେ ବ୍ଲକସ୍ତରୀୟ ଧନୁଯାତ୍ରା ମହୋତ୍ସବ

**ମୁରିବାହାଲ:ଏକ୍ସପ୍ରେସ୍ ନ୍ୟୁଜ୍**




ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକସ୍ତରୀୟ ସପ୍ତମତମ ବିରାଟ ଧନୁଯାତ୍ରା ମହୋତ୍ସବ ମହାସମାରୋହରେ ଉଦଘାଟିତ ବୁଧବାର ହୋଇଯାଇଛି । ପ୍ରଥମ ଦିନରେ ରାଜା ଉଗ୍ରସେନଙ୍କ ରାଜୁତି, ଦୁର୍ମିଳା ସୁର ବଧ ଏବଂ ମହର୍ଷି ନାରଦଙ୍କ ଦାରା କଂସଙ୍କ ସମ୍ବାଦ ନାଟକ ମଞ୍ଚସ୍ଥ ହୋଇଥିଲା ଧନୁଯାତ୍ରା କମିଟି ସଭାପତି ତରୁଣ ପୋଡ଼ଙ୍କ ସଭାପତିତ୍ୱରେ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ହାଜି ମହମ୍ମଦ ଆୟୁବ ଖାନ ମୁଖ୍ୟଅତିଥି ଭାବେ ଯୋଗଦାନ କରି ଉଦଘାଟନ କରିଥିଲେ । ସମ୍ମାନିୟ ଅତିଥି ଭାବେ ମୁରିବାହାଲ ରେଞ୍ଜର ଶିବ ପ୍ରସାଦ ନାୟକ, ଜୁନିୟର କଲେଜ ଅଧକ୍ଷ ଡ଼. ରମେଶ ଚନ୍ଦ୍ର ମହାନନ୍ଦ, ସରପଞ୍ଚ ବିଶ୍ୱବିହାରୀ ଯୋଶୀ, ସମିତି ସଭ୍ୟ ଚକ୍ରଧର ହେର୍ଣ୍ଣା, ରାଜ୍ୟ ସଭା ସାଂସଦ ପ୍ରତିନିଧି ସିଦ୍ଧେଶ୍ୱର ଦାସ, ମଠାଧୀସ ସୁଶୀଲ ତ୍ୟାଗୀ, ସହକାରୀ କୃଷି ଅଧିକାରୀ ଗୁଲସନ ମହନ୍ତ, ବିଶ୍ୱ ରଞ୍ଜନ ବେହେରା ଓ ମାଜସେବୀ ଭଗବାନ ମହାନ୍ତି ପ୍ରମୁଖ ମଞ୍ଚାସିନ ଥିଲେ ଏହି ସାତଦିନ ବ୍ୟାପୀ ବିରାଟ ଧନୁଯାତ୍ରା ମହୋତ୍ସବରେ ମୁରିବାହାଲ ଗ୍ରାମ ମଥୁରା ନଗରୀ ଓ ପାଖ ବନବାହାଲ ଗ୍ରାମ ଗୋପପୁର ପାଲଟିଛି ।

ଅଞ୍ଚଳର ବିଭିନ୍ନ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧନା ଓ ବିଭିନ୍ନ ସାଂସ୍କୃତିକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ, ମୀନାବଜାର ଆଦି ଅନୁଷ୍ଠିତ ହୋଇଛି ଦର୍ଶକମାନେ ସୁବିଧାରେ ଧନୁଯାତ୍ରା ଦେଖିବା ପାଇଁ ସମସ୍ତ ପ୍ରକାରର ବ୍ୟବସ୍ଥା କରାଯାଇଛି । ଧନୁଯାତ୍ରାର ମହାରାଜ କଂସ ଭୂମିକାରେ ଲାଠୋରର ଆର୍ତ୍ତତ୍ରାଣ ସୁନାନୀ ଓ ତାଙ୍କ ସାଥୀ ବିଭିନ୍ନ ଭୂମିକାରେ ଅଭିନୟ କରୁଛନ୍ତି । ଏଥିପାଇଁ ମୁରିବାହାଲ ପୋଲିସ ପ୍ରଶାସନ ପକ୍ଷରୁ ସମ୍ପୂର୍ଣ୍ଣ ଶାନ୍ତିଶୃଙ୍ଖଳାର ବ୍ୟବସ୍ଥା କରାଯାଇଛି । ଧନୁଯାତ୍ରା ମହୋତ୍ସବ କମିଟିର ଉପସଭାପତି ଲକ୍ଷ୍ମୀକାନ୍ତ ଧରୁଆ, ସୁବ୍ରତ ମହାକୁର, ବିଶ୍ୱବିହାରୀ ଯୋଷୀ, ନାରାୟଣ ସାହୁ, ଦିବ୍ୟସୁନ୍ଦର ସାହୁ, ଶ୍ୟାମସୁନ୍ଦର ଝଙ୍କାର, ରମାରଞ୍ଜନପାତ୍ର କାର୍ଯ୍ୟକାରି ସଭାପତି ରାଜିବ କୁମାର ମହାନ୍ତି, ସୁଦାମ ଚରଣ ବଘାର, ରମେଶ ନାଗ, ପ୍ରଫୁଲ୍ଲ ବଘାର, ସୁଦାମ ସାହୁ, ତରଣିସେନ ମେହେର ସାଧାରଣ ସମ୍ପାଦକ ଦୁର୍ଗାନନ୍ଦ ମହାକୁର ସହ ସମ୍ପାଦକ ପ୍ରେମାନନ୍ଦ ମାଝୀ, ଦନାର୍ଦନ ବଗର୍ତ୍ତି, ସୁଜିତ ରଞ୍ଜନ ପାଢ଼ୀ, ଅଭିଳାଷ ବଘାର କୋଷାଧ୍ୟକ୍ଷ ଭରତ ଦାସ, ପଦ୍ମଲୋଚନ ସାହୁ ସଂଯୋଜକ ସୁଧାଂଶୁ ପୋଡ଼ ଯାଦବ, ଉଦିତ କଟା, ବିକି ମହାରଣା, ଲିଲୁ ମୋହନ ପଧାନ ସାଂସ୍କୃତିକ ସମ୍ପାଦକ ପ୍ରମୁଖ ସୁଦର୍ଶନ ଦୀପ, ଖଗେଶ୍ୱର ସାହୁ ସହ ପ୍ରଚ୍ଚର ପ୍ରସାର କମିଟିର ମନୋଜ କୁମାର କର, ପ୍ରଫୁଲ୍ଲ ବଘାର, ଅମରେଶ ମାଝୀଙ୍କ ସହ ଆୟୋଜକ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ । ଆୟୋଜକ କମିଟିର ଉପସଭାପତି ନାରାୟଣ ସାହୁ ଧନ୍ୟବାଦ ଦେଇଥିଲେ ।

## ଖୋର୍ଦ୍ଧା ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟାରେ ପାରମ୍ପାରିକ ଲୋକକଳା ପ୍ରଦର୍ଶିତ

**ଖୋର୍ଦ୍ଧା:ଏକ୍ସପ୍ରେସ୍ ନ୍ୟୁଜ୍**

ଖୋର୍ଦ୍ଧା ସଦର ମହକୁମାସ୍ଥ ଟିଏଲସି ରୋଡ଼ ବିଡିଏ ପଡ଼ିଆରେ ଅନୁଷ୍ଠିତ ଦଶ ଦିବସୀୟ ଖୋର୍ଦ୍ଧା ମହୋତ୍ସବର ରୌପ୍ୟ ଜୟନ୍ତୀ ଉଦଯାପନୀ ସମାରୋହ ଦ୍ୱିତୀୟ ସନ୍ଧ୍ୟାରେ ଆଜି ବହୁ ଜନସମାବେଶ ହୋଇଥିବାର ପରିଲିଖିତ ହୋଇଥିଲା । ସନ୍ଧ୍ୟାରେ ମଞ୍ଚରେ ନୃତ୍ୟାୟନ ଖୋର୍ଦ୍ଧା, ସଂସ୍କାର ଭାରତୀ ଖୋର୍ଦ୍ଧା, ମୟୁରଭଞ୍ଜର ଛଉ ନୃତ୍ୟର କଳାକାରମାନେ ଆକର୍ଷଣୀୟ ନୃତ୍ୟ ସଙ୍ଗୀତ ପରିବେଷଣ ଦର୍ଶକଙ୍କୁ ମନମୁଗ୍ଧ କରିଥିଲେ । ପ୍ରାରମ୍ଭରେ ନୃତ୍ୟାୟନ ଖୋର୍ଦ୍ଧା ନୃତ୍ୟ ପରିବେଷଣ କରିଥିଲେ । ଆଜି ସନ୍ଧ୍ୟା ୫ଟାରୁ ଲୋକମାନଙ୍କର ଭିଡ଼ ଲାଗି ରହିଥିବାର ଦେଖା ଯାଇଥିଲା । ଖୋର୍ଦ୍ଧା ମହୋତ୍ସବର ମୁଖ୍ୟ ଉପଦେଷ୍ଟା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ମନ୍ତ୍ରୀ ସୂର୍ଯ୍ୟ ବଂଶୀ ସୁରଜ ଯୋଗଦେଇ ଖୋର୍ଦ୍ଧା ମହୋତ୍ସବ ଶିକ୍ଷା, ସୂଚନା, ସେବା ସାଂସ୍କୃତିକ ସମ୍ଭାରର ଅନନ୍ୟ ନିଦର୍ଶନ ବୋଲି ଉଦବୋଧନ ଦେଇ ଖୋର୍ଦ୍ଧାର ଐତିହାସିକ କିମ୍ବଦନ୍ତୀ ଉଜ୍ଜୀବିତ କରିବା ସହ ଖୋର୍ଦ୍ଧା ମାଟିର ଯୁବଶକ୍ତିକୁ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଭିଜନରେ ଅଂଶୀଦାର କରିବାକୁ ବହୁଗୁଣରେ ପ୍ରେରଣା ଯୋଗାଇବ ବୋଲି ପ୍ରକାଶ କରିଥିଲେ । ଏହି ଦ୍ୱିତୀୟ ସନ୍ଧ୍ୟା ମହୋତ୍ସବରେ ପରିଚାଳନା କମିଟି ସଭାପତି, ସମ୍ପାଦକ ସମେତ ବହୁ ଜନପ୍ରତିନିଧି, ବୁଦ୍ଧିଜୀବୀ, ସାହିତ୍ୟ ସଂସ୍କୃତି ପ୍ରେମୀ, ଗଣମାଧ୍ୟମ ପ୍ରତିନିଧି ବୃନ୍ଦ ଯୋଗଦେଇ ଥିବାବେଳେ ବହୁ ଜନ ସମାବେଶ ହୋଇଥିଲା ।

## ପର୍ଯ୍ୟଟକଙ୍କ ଆଶାରେ ରାଇବଣିଆ ଦୁର୍ଗ: କଛପ ଗତିରେ ଭିତ୍ତିଭୂମି କାର୍ଯ୍ୟ

**ଜଳେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ନୂତନ ପର୍ଯଟନ ସ୍ଥଳ, ପରିଦର୍ଶନ ନିମନ୍ତେ ଉତ୍ତର ଭାରତର ଐତାହାସିକ ପ୍ରାଚୀନ କୀର୍ତ୍ତିରାଜି ରାଇବଣିଆ ଦୁର୍ଗର ଭଗ୍ନାବଶେଷ, ଗଡ ଖାଇ ଓ ପ୍ରାକୃତିକ ସୌନ୍ଦର୍ଯ୍ୟ, ମା'ଗଡ଼ ଚଣ୍ଡୀ ପର୍ଯ୍ୟଟକଙ୍କ ଆଗମନକୁ ସତେ ଯେମିତି ଚାହିଁ ବସିଛି । ଉତ୍ତର ବାଲେଶ୍ୱରର ଜଳେଶ୍ୱର ବ୍ଲକ ଅନ୍ତର୍ଗତ ରାଇବଣିଆ ପଞ୍ଚାୟତର ଅବସ୍ଥିତ ୫ହଜାର ବର୍ଷ ପୂର୍ବରୁ ରାଇବଣିଆ ଦୁର୍ଗକୁ ବର୍ଷଯାକ ହଜାରହଜାର ପର୍ଯ୍ୟଟକ ଛୁଟି ଆସି ଆତ୍ମ ତୃପ୍ତିରେ ବିଭୋର ହୁଅନ୍ତି । ଜିଲ୍ଲା ସଦର ମହକୁମା ଠାରୁ ୬୫ କିମି ଓ ଜଳେଶ୍ୱର ରେଳଷ୍ଟେସନରୁ ୨୦ କିମି ଦୂରରେ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ଅବସ୍ଥିତ ଏହି ଅଲୋଡା ପର୍ଯ୍ୟଟନ ସ୍ଥଳୀ । ଦୀର୍ଘ ଦିନରୁ ଅବହେଳିତ ହୋଇ ପଡିଥିବା ଭଗ୍ନାବଶେଷକୁ ଦେଖିବା ଲାଗି ଅପେକ୍ଷାକୃତ ଆର୍ଥୀକ ଦୁର୍ବଳ ଶ୍ରେଣୀର ଓ ଆଖପାଖ ଅଞ୍ଚଳର ପର୍ଯ୍ୟଟକ ମାନେ ପ୍ରାୟତଃ ଛୁଟି ଆସନ୍ତି । ବିଶେଷ କରି ଶୀତ ଋତୁରେ ପଡୋଶୀ ପଶ୍ଚିମବଙ୍ଗରୁ ଓ ଓଡିଶାର ବିଭିନ୍ନ ଜିଲ୍ଲାରୁ ଏଠାକୁ ଲୋକଙ୍କ ସୁଅ ଛୁଟିଥାଏ । ରାଇବଣିଆ ଅଞ୍ଚଳ, ଚମାର ଗାଁ ପଞ୍ଚାୟତର ଅବସରପ୍ରାପ୍ତ ଅଦ୍ଧକ୍ଷ ଗବେଷକ ଡଂ ଶ୍ରୀକାନ୍ତ ଚରଣ ପାତ୍ରଙ୍କ ପ୍ରଚେଷ୍ଟାରେ ରାଇବଣିଆ ଦୁର୍ଗକୁ ନେଇ ବିଭିନ୍ନ ପୁସ୍ତକ ରଚନା କରିବା ଓ ରାଇବଣିଆ ଦୁର୍ଗର ପୁନରୁଦ୍ଧାର ଏବଂ ବିକାଶ ନିମନ୍ତେ ପରିଷଦ ଗଠନ କରିବା ବଳିଷ୍ଠ ପଦକ୍ଷେପ ।

ଅଞ୍ଚଳର ବିଭିନ୍ନ ବୁଦ୍ଧିଜୀବୀଙ୍କ ସାଂଗଠନିକ ପ୍ରୟାସ କ୍ରମେ ରାଜ୍ୟ ସରକାର ତଥା ଭାରତ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଦୁର୍ଗର ପରିଚୟକୁ ଅଙ୍କୁରିତ କରାଯାଇଥିଲା । ଯାହା ଫଳରେ ବଣଲତା ଘେରା ଓ ଭଗ୍ନ ଅବସ୍ଥାରେ ପଡିରହିଥିବା ଦୁର୍ଗକୁ ପୂର୍ବ ସରକାର ସମୟରେ ପର୍ଯ୍ୟଟନ ଓଡ଼ିଶା



ଭାଷା ସାହିତ୍ୟ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ପ୍ରାଚୀନ ରାଇବଣିଆ ଦୁର୍ଗ ଉନ୍ନତିକରଣ ପାଇଁ ୧୬୮୭ଲକ୍ଷ ଟଙ୍କାର ୨୦୨୩ ମସିହାରେ ମଞ୍ଜୁର କରି ଶିଳାନ୍ୟାସ କରିଥିଲେ । ଠିକାଦାରଙ୍କ ଦ୍ୱାରା ଦୁର୍ଗର ଉନ୍ନତିକରଣ କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ ନିମ୍ନମାନର ଓ କଛପ ଗତିରେ ନିର୍ମାଣ ଯୋଗୁଁ ପର୍ଯ୍ୟଟନ ସ୍ଥଳ ଲୋକାର୍ପଣ ହୋଇପାରୁନାହିଁ । କାର୍ଯ୍ୟ ସ୍ଥଳକୁ ବଡ଼ ଅଫିସରଙ୍କ ପାଦ ପଡୁଥିବା ବେଳେ ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ଓ ଅତି ନିମ୍ନମାନର ଅଭିଯୋଗ ହୋଇଆସୁଛି । ପିକନିକ ଓ ଭ୍ରମଣ ପାଇଁ ପ୍ରାୟତଃ ଡିସେମ୍ବର ୧୫ରୁ ଜାନୁୟାରୀ ୧୫ ପର୍ଯ୍ୟନ୍ତ ଦର୍ଶକଙ୍କ ଭିଡ଼ ପରିଲକ୍ଷିତ ହୋଇଥାଏ । କିନ୍ତୁ ନିଆଁ ଜାଳି ଭୋଜି କରିବା ଓ ଡିଜେ ସାଉଣ୍ଡ ସହ ସେଠାରେ ମଦ୍ୟପ ଲୋକଙ୍କ ମାହୋଲ ପ୍ରାକୃତିକ ଶାନ୍ତ ପରିବେଶ ଓ ଦେବୀ ପୀଠକୁ କଳୁଷିତ କରିଥାଏ ।

ବିଶେଷ ମୌଳିକ ସୁବିଧା ନଥିଲା ବେଳେ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବାର କୌଣସି କାର୍ଯ୍ୟକ୍ରମ ହେଉନାହିଁ । ଏହାସହିତ ପର୍ଯ୍ୟଟକଙ୍କ ସୁରକ୍ଷା ସୁବିଧା ପାଇଁ ପ୍ରଶାସନ କୌଣସି ଠୋଷ୍ ପଦକ୍ଷେପ ନେଉ ନାହାଁନ୍ତି । ଦୁର୍ଗର ଅଧିକାଂଶ ଜାଗାକୁ ଲୋକେ କବଜା କରି ରଖିବା ଓ କିଛି ଜମିକୁ ପଟ୍ଟା କରିନେବା ଏକ ଦୁର୍ଭାଗ୍ୟର ବିଷୟ । ଇଂରେଜ ସମୟରେ ବାଲେଶ୍ୱର ଜିଲ୍ଲାପାଳ ରାଇବଣିଆ ଦୁର୍ଗ ଜାଗାର ପରିମାଣ ସାଢେ ଛଅ ବର୍ଗ ମାଇଲ ବୋଲି ଦର୍ଶାଇଥିଲେ । କିନ୍ତୁ ଏବେ ମାତ୍ର କେଇ ଏକର ଜାଗାରେ ବୃହତ୍ ଦୁର୍ଗ ସୀମିତ ରହିଛି । ରାଇବଣିଆ ଦୁର୍ଗ ବଳୟର ସମସ୍ତ ଜାଗା ଓ ପୂର୍ବ କାଳର କାର୍ଯ୍ୟ, କଳା କିର୍ତ୍ତୀକୁ ଓଡ଼ିଶା ପର୍ଯ୍ୟଟନ ବିଭାଗ ହାତକୁ ନେଇ ସୁରକ୍ଷିତ ରଖନ୍ତୁ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି । ସେଠାରୁ ଅନେକ ମୂଲ୍ୟବାନ ପଥର ଚୋରି ହେବା ସହ ଏବେ ମଧ୍ୟ ମାଙ୍କଡ଼ା ପଥର ଚୋରି ହେଉଛି । ଏଣୁ ପ୍ରତିଦିନ ସେଠାରେ ସରକାରୀ ଜଗୁଆଳ ରହିବା ବ୍ୟବସ୍ଥା ସହ ସଂସ୍କୃତି ବିଭାଗର ଜଣେ ପ୍ରଶାସକ ନିଯୁକ୍ତି ହେଲେ ସ୍ଥିତିର ସୁଧାର ଆସିବ ବୋଲି ମତପ୍ରକାଶ ପାଇଛି । ରାଇବଣିଆ ଦୁର୍ଗର ସୁରକ୍ଷା ପାଇଁ ଥିବା ସୁଉଚ୍ଚ ମାଟି ଓ ପଥର ନିର୍ମିତ ଥିବା ଗଡ ଆଡି ଏବେ ଲୋକଙ୍କ ଦ୍ୱାରା ଖୋଳି ବୋହି ନିଆଯାଉଛି । ଏହାକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବା ସହିତ ଦୁର୍ଗର ଉନ୍ନତି ମୂଳକ କାର୍ଯ୍ୟକୁ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ତଦାରଖ ହେବାର ଆବଶ୍ୟକତା ଅଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

## ବିଜେପିର ମିଶ୍ରଣ ପର୍ବ



**କଳିଙ୍ଗନଗର:ଏକ୍ସପ୍ରେସ୍ ନ୍ୟୁଜ୍**

ସୁକିନ୍ଦାରେ ଆୟୋଜିତ ବିଜେପିର ବିଶାଳ ମିଶ୍ରଣ ପର୍ବରେ ମାଣତିରା ପଞ୍ଚାୟତର ବିଜେଡିର ଦୃଢ ସଂଗଠକ ସୂର୍ଯ୍ୟକାନ୍ତ ନାୟକ, ସୁଶାନ୍ତ ସିଂ ଓ ସୁବ୍ରତ ସାମଲଙ୍କ ସହ ଶତାଧିକ ଯୁବ ସମାଜସେବୀ ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି । ଏହି ମିଶ୍ରଣ ପର୍ବ ସୁକିନ୍ଦା ରାଜନୈତିକ ପରିଦୃଶ୍ୟରେ ନୂଆ ଚର୍ଚ୍ଚା ସୃଷ୍ଟି କରିଛି । ଏହି ଅବସରରେ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଉପସ୍ଥିତ ରହି ବିଜେଡିରୁ ଆସିଥିବା ଯୁବକ ଓ ବରିଷ୍ଠ ନେତାମାନଙ୍କୁ ଟୋପି ଓ ଉତ୍ତରୀୟ ପିନ୍ଧାଇ ବିଜେପିରେ ସ୍ୱାଗତ କରିଥିଲେ । ମନ୍ତ୍ରୀ କହିଥିଲେ ଯେ, "ସମସ୍ତ ସୁକିନ୍ଦାବାସୀ ଗୋଟିଏ ପରିବାର ଭଳି ଏକମନ ଓ ଏକମଞ୍ଚରେ ରହି ସୁକିନ୍ଦାକୁ ବିକାଶର ଶିଖରକୁ ପହଞ୍ଚାଇବା ଆମ ସମସ୍ତଙ୍କ ଲକ୍ଷ୍ୟ ।" ସେ କହିଥିଲେ ଯେ ସୁକିନ୍ଦା ଓ କଳିଙ୍ଗନଗର ଶିଳ୍ପାଞ୍ଚଳରେ ରାସ୍ତାଘାଟ, ପାନୀୟ ଜଳ, ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ଆସନ୍ତା ଦିନରେ ନୂତନ ଅଧ୍ୟାୟ ସୃଷ୍ଟି ହେବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୀତି, ଆଦର୍ଶ ଓ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସୁଦୃଢ ନେତୃତ୍ୱରେ ରାଜ୍ୟ ସହ ସୁକିନ୍ଦା ଅଞ୍ଚଳରେ ଚାଲିଥିବା ବିକାଶମୂଳକ କାର୍ଯ୍ୟକ୍ରମରୁ ଅନୁପ୍ରାଣୀତ ହୋଇ ସେମାନେ ବିଜେପିର ଦଳୀୟ ଧାରାରେ ସାମିଲ ହୋଇଥିବା କହିଛନ୍ତି । ଏହି ମିଶ୍ରଣ ପର୍ବରେ ବିଜେପିର ୧୦ ନମ୍ବର ମଣ୍ଡଳ ସଭାପତି କୃପାସିନ୍ଧୁ ସାମନ୍ତରାୟ ମଧ୍ୟ ଉପସ୍ଥିତ ରହି ନୂତନ ସଦସ୍ୟମାନଙ୍କୁ ସ୍ୱାଗତ କରିଥିଲେ ।

# ଶେଷ ପୃଷ୍ଠା

# ଓଡ଼ିଶା ଏକ୍ସପ୍ରେସ୍

କେନ୍ଦ୍ରାପଡ଼ା | 19th December, 2025 Friday | RNI Regd. No. ODIODI/2009/28880


## ସଚେତନ ସେବିକା

### ହେଲ୍‌ଥ ଟନିକ୍



ଅଶୀ ବର୍ଷ ବୟସ୍କ ବୃଦ୍ଧ ପିତା ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି ହେବାର ଦୁଇଦିନ ପରେ ତାଙ୍କ ପୁଅ ବାପାଙ୍କୁ ଦେଖିବା ପାଇଁ ଡାକ୍ତରଖାନାକୁ ଯାଇଥିବା ବେଳେ ନର୍ସ ତାଙ୍କୁ କହିଲେ- ପୂର୍ବଦିନ ରାତିରେ ତାଙ୍କ ବାପା ଖଟରୁ ଗଳିପଡ଼ିଥିଲେ। ଏକଥା ଶୁଣିବା ପରେ ପୁଅ ନର୍ସଙ୍କୁ କହିଲେ- ବାପା ଯେମିତି ଆଉ ଖଟରୁ ନପଡ଼ନ୍ତି ସେଥିପ୍ରତି ଧ୍ୟାନ ଦେବାକୁ ଅନୁରୋଧ କଲେ।

ପରଦିନ ପୁଅ ବାପାଙ୍କୁ ଦେଖିବା ପାଇଁ ଅଫିସ୍‌ରୁ ଫେରି ଡାକ୍ତରଖାନାକୁ ଯାଇ ଦେଖନ୍ତି ତ ନର୍ସ ଗୋଟିଏ ପାତ୍ରରେ କିଛି ତରଳ ପଦାର୍ଥ ଦେଉଛନ୍ତି ଏବଂ ତାଙ୍କ ବେଡ୍ ପାଖ ଟେବୁଲ ଉପରେ ଗୋଟିଏ ବଡ଼ ବଟିକା ରହିଛି।

ପୁଅ ନର୍ସଙ୍କୁ ତରଳ ପଦାର୍ଥ ସଂପର୍କରେ ପଚାରିବାରୁ ସେ କହିଲେ ଏଥିରେ ନିଦ ଔଷଧ ଦିଆଯାଇଛି। ମଉସାଙ୍କ ଭଲ ନିଦ ହେବ।

ପୁଅ ଏଥର ବଟିକା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରି ପଚାରିଲା- ଆଉ ସେ ବଟିକାଟା?

ନର୍ସ କହିଲେ- ସେଇଟା ଭାଏଗ୍ରା ବଟିକା।

ପୁଅ ଭାଏଗ୍ରା ନାଁ ଶୁଣି ଭିଷଣ ବିରକ୍ତ ହୋଇ ନର୍ସଙ୍କୁ ତିରସ୍କାର କରି କହିଲା- ଆପଣ ବାପାଙ୍କୁ ଚିକିତ୍ସା କରୁଛନ୍ତି ନା ତାଙ୍କ ସହିତ ଖେଳ ଖେଳୁଛନ୍ତି ? ଏ ବୟସରେ ଏଭଳି ବଟିକା ଦେବା କ'ଣ ଦରକାର ?

ନର୍ସ ବିନୟର ସହିତ କହିଲେ- ଆପଣ ଅଯଥାରେ ରାଗୁଛନ୍ତି। ଏହି ବଟିକା ଖାଇବା ପରେ ମଉସା କଡ଼ ଲେଉଟାଇଲେ ବି ଆଉ ଖଟ ତଳକୁ ପଡ଼ିବେନି।

# ୧୮ ମାସରେ ମହିଳାଙ୍କ ଉପରେ ବୃଦ୍ଧି ପାଇଛି ହିଂସା

**ଭୁବନେଶ୍ୱର,୧୮।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟରେ ଦୁଷ୍କର୍ମ, ଗଣ ଦୁଷ୍କର୍ମ, ଯୌନ ଉତ୍ପୀଡ଼ନ, ଛାତ୍ରାବାସରେ ନାବାଳିକା ଗର୍ଭଧାରଣ ଓ ବିଭିନ୍ନ ଅତ୍ୟାଚାର ହୁ ହୁ ହୋଇ ବଢ଼ୁଛି। ପରିସ୍ଥିତି ଅଣାୟତ ଅବସ୍ଥାକୁ ଆସିଗଲାଣି। ସରକାର, ପୋଲିସ ଓ ପ୍ରଶାସନ ଏହି ପ୍ରସଙ୍ଗକୁ ନେଇ ଆଦୌ ଚିନ୍ତିତ ନଥିବା ଜଣାପଡୁଛି। ଏହି ପରିପ୍ରେକ୍ଷିରେ ରାଜ୍ୟ ମହିଳା କଂଗ୍ରେସ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ଶ୍ରୀମତୀ ମିନାକ୍ଷୀ ବାହିନିପତି କହିଲେ ଯେ, ଏଭଳି ସମୟରେ ଏକ ଘଟଣା ଆମକୁ ବ୍ୟଥିତ କରିଛି। ଗତ ଡିସେମ୍ବର ୧୦ ତାରିଖ ସନ୍ଧ୍ୟା ପ୍ରାୟ ୮ଟା ବେଳେ ଜଣେ ନାବାଳିକା ଝିଅ ଏବଂ ତାଙ୍କର ପୁରୁଷ ସାଙ୍ଗ ଧଉଳିରୁ ଫେରୁଥିବାବେଳେ ଲିଙ୍ଗିପୁର କେନାଲ ରୋଡ୍ ନିକଟରେ କିଛି ଦୁର୍ବୃତ୍ତ ତାଙ୍କର ୨୦ ଗ୍ରାମ ଓଜନର ସୁନା ଚେନ୍ ଛଡ଼ାଇ ନେବା ସହ ସେମାନଙ୍କୁ ଅଟକାଇଥିଲେ। ତିନିରୁ ଚାରିଜଣ ଅଭିଯୁକ୍ତଙ୍କ ମଧ୍ୟରୁ ଦୁଇଜଣ ଏକ ନିର୍ଜନ ଅଞ୍ଚଳରେ ନେଇ ତାଙ୍କର ପୁରୁଷ ସାଙ୍ଗଙ୍କୁ (ଯିଏ ମଧ୍ୟ ୧୭ ବର୍ଷର) ଗଛରେ ବାନ୍ଧିବା ପରେ ନାବାଳିକାକୁ ଗଣଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ଜଣେ ଅଭିଯୁକ୍ତଙ୍କର ହତ୍ୟା ଉଦ୍ୟମ ଏବଂ ଆକ୍ରମଣ ଭଳି ଅପରାଧର ଇତିହାସ ରହିଛି ଏବଂ ସେ ନିକଟରେ ଜାମିନରେ ମୁକୁଳିଥିଲେ।

ଓଡ଼ିଶାରେ ବିଜେପି ସରକାରର ୧୮ ମାସରେ ମହିଳା ଓ ନାବାଳିକାଙ୍କ ଉପରେ ଅତ୍ୟାଚାର, ଧର୍ଷଣ, ଗଣ ଧର୍ଷଣ ଓ ହିଂସାର ଅଭୂତପୂର୍ବ ବୃଦ୍ଧି ସତ୍ତ୍ୱେ ସରକାର ଓ ପ୍ରଶାସନ ପୁରାପୁରି ନିର୍ବାକ ଓ ନିଷ୍କ୍ରିୟ ରହିଛନ୍ତି। ଓଡ଼ିଶା ପ୍ରଦେଶ କଂଗ୍ରେସ କଡ଼ା ଭାବରେ ନିନ୍ଦା କରୁଛି ବୋଲି ଶ୍ରୀମତୀ ବାହିନିପତି କହିଥିଲେ। ସରକାର ନିଦ୍ରା ବିଷ୍ଣୁ ସାଜି ମହିଳା ସୁରକ୍ଷା ପ୍ରସଙ୍ଗକୁ ଆଖି ବୁଜି ଦେଇଛନ୍ତି। ଦିନକୁ ଦିନ ମହିଳା ନିର୍ଯାତନା ବୃଦ୍ଧି ପାଉଥିବା ଉଦାହରଣ ଦେଇ କହିଥିଲେ ଖୋର୍ଦ୍ଧା ବାଘମାରୀରେ ନାବାଳିକାଙ୍କୁ ନିର୍ମମ ଗଣବଳାତ୍କାର ଘଟଣା, ମାଲକାନଗିରିରେ ଜନୈକ ୪୫ ବର୍ଷର ବ୍ୟକ୍ତି ଦ୍ୱାରା ୫-୭ ବର୍ଷର ତିନି ନାବାଳିକା ଉପରେ ଅମାନବୀୟ ବଳାତ୍କାର ତଦନ୍ତର ଧୀରଗତି, ଏବଂ ହୃଦୟ ଥରେଇ ଦେବା ଭଳି କଟକ ଏସସିବି ମେଡିକାଲର ଆଇସିୟୁରେ ଏକ ମହିଳାଙ୍କୁ ଅଟେଣ୍ଡାଣ୍ଟଙ୍କ ଅସଦାଚର ଘଟଣା ସରକାରର ଅକ୍ଷମତା, ଅବହେଳା ଓ ରାଜ୍ୟ ଆଇନ୍ ବ୍ୟବସ୍ଥା ଧ୍ୱସ୍ତ ହେଉଥିବାକୁ ସ୍ପଷ୍ଟ କରୁଛି। ପୁରୀ, କେଉଁଝର, ମୟୂରଭଞ୍ଜ, ସମ୍ବଲପୁର, ଗୋପାଳପୁର ଓ ରାୟଗଡ଼ାରେ ପ୍ରତି ସପ୍ତାହରେ ପ୍ରାୟ ମହିଳା ନିର୍ଯାତନା ଘଟଣା ଘଟୁଥିଲେ ମଧ୍ୟ ସରକାରଙ୍କ ପକ୍ଷରୁ କୌଣସି କଠୋର କାର୍ଯ୍ୟ ଦେଖିବାକୁ ମିଳୁନାହିଁ। ମାଆକୁ ସମ୍ମାନ ମିଥ୍ୟା ସ୍ଲୋଗାନ ଦେଇଥିବା ପୂର୍ବ ସରକାରର ନିତି ବର୍ତ୍ତମାନ ମଧ୍ୟ ବିଜେପି ସରକାରରେ ସେହି ସ୍ଲୋଗାନରେ ହିଁ ରହିଯାଇଛି। ଡବଲ ଇଞ୍ଜିନ ସରକାରରେ ମହିଳା ଅସୁରକ୍ଷିତ ଡବଲ ମାତ୍ରାରେ। ବିଜେପି ସରକାର ଆସିବ ପରଠାରୁ ରାଜ୍ୟରେ ୪୦,୦୦୦ ହଜାରରୁ ଉର୍ଦ୍ଧ ମହିଳାଙ୍କୁ ଅସଦାଚରଣ, ଗଣ ଦୁଷ୍କର୍ମ, ଧର୍ଷଣ ଆଦି ବିଭିନ୍ନ ନିର୍ଯାତନା, ମହିଳା ଅପହରଣ, ହତ୍ୟା ଭଳି ସୁଶାସନର ଘଟଣା ଘଟିଛି। ରାଜ୍ୟର ମହିଳା ଉପମୁଖ୍ୟମନ୍ତ୍ରି ଓ ମହିଳା ବାଚସ୍ପତି ଥାଇ ମଧ୍ୟ ମହିଳା ସୁରକ୍ଷା ପାଇଁ ନା ତତ୍ପରତା ଅଛି ନା ଲୋକଙ୍କ ସରକାରରେ କାର୍ଯ୍ୟକାରିତା କି ଆନ୍ତରିକତା ଅଛି ବୋଲି ଶ୍ରୀମତୀ ବାହିନିପତି ପ୍ରଶ୍ନ କରିଛନ୍ତି। ଖାକି ବର୍ଦ୍ଦି ନେତା ମନ୍ତ୍ରୀଙ୍କ ସୁରକ୍ଷା ଦେବାରେ ବ୍ୟସ୍ତ। ସାଧାରଣ ଜନତାଙ୍କୁ ପଚାରେ କିଏ । ଖାକି ବର୍ଦ୍ଦୀର ତତ୍ପରତା ଓ କର୍ଯ୍ୟକାରିତା ନଥିବା ହେତୁ ମହିଳା ଅଧିକ ମାତ୍ରାରେ ନିର୍ଯ୍ୟାତିତ ଓ ଅସୁରକ୍ଷିତ। ତେଣୁ ଓଡ଼ିଶା ପ୍ରଦେଶ ମହିଳା କଂଗ୍ରେସ୍ ତତ୍କାଳ ଫାଷ୍ଟ-ଟ୍ରାକ୍ ବିଚାର, ବିଶେଷ ମହିଳା ତଦନ୍ତ ଦଳ ଗଠନ, ଦାୟୀ ପୋଲିସ୍ ଅଧିକାରୀଙ୍କୁ କଠୋର କାର୍ଯ୍ୟାନୁଷ୍ଠାନ ଓ ପୀଡ଼ିତାଙ୍କୁ ସୁରକ୍ଷା-ପରାମର୍ଶ-ଆଇନ ସହାୟତା ଦେବାକୁ ଦୃଢ଼ ଦାବି କରୁଛି। ଈଶ୍ୱର ସାହାଯ୍ୟ କରନ୍ତୁ ମହିଳା ନିର୍ଯାତନା ବୃଦ୍ଧି ନେଇ ଓଡ଼ିଶା ଆଉ ଆନ୍ତର୍ଜାତିୟ କ୍ଷେତ୍ରରେ ନିନ୍ଦିତ ନ ହେଉ। ମହିଳା ସୁରକ୍ଷା ରାଜନୀତିର ବିଷୟ ନୁହେଁ, ଏହା ସରକାରର ମୂଳ କର୍ତ୍ତବ୍ୟ; ଏଭଳି ନିଷ୍କ୍ରିୟତା ଜାରି ରହିଲେ ଓଡ଼ିଶାର ମହିଳାମାନେ କେବେ ଚୁପ୍ ରହିବେନାହିଁ, ରାଜରାସ୍ତାରୁ ବିଧାନସଭା ଯାଏଁ ମହିଳା ସୁରକ୍ଷା, ସମ୍ମାନ ଓ ଅଧିକାର ପାଇଁ ଲଢେଇ ହେବ ବୋଲି କଂଗ୍ରେସ ପକ୍ଷରୁ ସରକାରଙ୍କୁ ଚେତାବନୀ ଦେଉଛି ଶ୍ରୀମତୀ ବାହିନିପତି।

ଆଜିର ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ଉପସଭାନେତ୍ରୀ ପ୍ରଣତୀ ମିଶ୍ର ଓ ଜୟଶ୍ରୀ ପଟ୍ଟନାୟକ ଉପସ୍ଥିତ ଥିଲେ।




# ଇଟାଭାଟି ଓ ଗଚ୍ଛିତ ବାଲି ଗଦା ଉପରେ ଚଢ଼ଉ

**ରାଜନଗର,୧୮।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକର ବିଭିନ୍ନ ଅଂଚଳରେ ବେଆଇନ ଭାବେ ଇଟାଭାଟି ନିର୍ମାଣ ହେଉଥିବା ଅଭିଯୋଗ ହୋଇଆସୁଥିଲା। ପୋଡ ଇଟା(ମାଟି ) ନିର୍ମାଣ କରୁଥିବା ବେପାରୀମାନେ ସବୁ ନିୟମ କାନୁନକୁ ଫାଙ୍କି ନଦୀକୂଳ, ଗାଁ ପାଖ ପଡିଆ ଆଦିରୁ ମାଟି ନେଇ ଇଟା କରୁଥିବା ସ୍ଥାନୀୟ ଲୋକମାନେ ବିଭିନ୍ନ ସମୟରେ ଅଭିଯୋଗ କରି ଆସୁଥିଲେ । ଏସଂପର୍କରେ ଖବର ପାଇ ରାଜନଗର ତହସିଲଦାର ଯୀଶୁକ୍ରିଷ୍ଟ ଦାସ ଅଚାନକ ଭାବେ ବେଆଇନ ଇଟାଭାଟି ଉପରେ ଚଢାଉ କରିଥିଲେ । ବିଶେଷକରି ବନ୍ଧପଡା ପଚାଂୟତର ଦାଣ୍ଡି, ଗୋବିନ୍ଦପୁର, ସନ୍ଥପଡା, ଟାଙ୍ଗଣତୈଳା , କେରଡାଗଡ , ରାଜପୁର ପ୍ରଭୃତି ଗାଁରେ ନିର୍ମାଣ ହେଉଥିବା ଇଟାଭାଟିଗୁଡ଼ିକୁ ତନଖି କରି ନଷ୍ଟ କରିବା ସହ ନୋଟିସ ଜାରୀ କରିଛନ୍ତି । ଇଟାଭାଟି ନିର୍ମାଣ ନକରିବାକୁ ବେପାରୀମାନଙ୍କୁ ଚେତାବନୀ ଦେଇଛନ୍ତି । ସେଠାରୁ ଫେରି ରାସ୍ତା ପାର୍ଶ୍ୱରେ ବେଆଇନ ଭାବେ ବାଲି ରଖି ବ୍ୟବସାୟ କରୁଥିବା ବେପାରୀମାନଙ୍କୁ ତାଗିଦ୍ କରିବା ସହ ଜୋରିମାନା କରିଥିବା ଜଣାପଡିଛି । ତହସିଲଦାର ଶ୍ରୀ ଦାସଙ୍କ ଅଚାନକ ଚଢାଉ ଫଳରେ ଇଟାଭାଟି ଓ ବେଆଇନ ବାଲି ଗଚ୍ଛିତ ରଖିଥିବା ବେପାରୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି । ବେଆଇନ ଇଟା ନିର୍ମାତା ଓ ବାଲି ବ୍ୟବସାୟୀଙ୍କ ଉପରେ ନିୟମିତ ନଜର ରଖାଯିବ ବୋଲି ତହସିଲଦାର ଶ୍ରୀ ଦାସ ସୂଚନା ଦେଇଛନ୍ତି ।

# ୧୪ ଲକ୍ଷ ମୂଲ୍ୟର ଗାଡ଼ିରେ ୧୦ ଲକ୍ଷ ଟଙ୍କା ମୋଡିଫିକେସନ ଖର୍ଚ୍ଚ

**ଭୁବନେଶ୍ୱର,୧୮।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଓଡ଼ିଶା ବନ ବିଭାଗ ପକ୍ଷରୁ କିଣାଯାଇଥିବା ମହିନ୍ଦ୍ରା 'ଥର୍' ଗାଡ଼ିର ମୋଡିଫିକେସନ ଖର୍ଚ୍ଚକୁ ନେଇ ଏବେ ବଡ଼ ବିବାଦ ମୁଣ୍ଡ ଟେକିଛି। ୫୧ଟି ଥର୍ ଗାଡ଼ି କିଣା ଓ ସେଥିରେ ହୋଇଥିବା ମୋଡିଫିକେସନ ଖର୍ଚ୍ଚକୁ ନେଇ ବିଭାଗରେ ହଇଚଇ ସୃଷ୍ଟି ହୋଇଛି। ଏହି ଘଟଣାରେ ବିଭାଗୀୟ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଗୋଟିଏ 'ଥର୍' ଗାଡ଼ିର ଟପ୍ ମଡେଲର ମୂଲ୍ୟ ପ୍ରାୟ ୧୯ ଲକ୍ଷ ଟଙ୍କା ହୋଇଥିବା ବେଳେ ବନ ବିଭାଗ ୧୪ ଲକ୍ଷ ଟଙ୍କାରେ ଗାଡ଼ି କିଣିଥିଲା। କିନ୍ତୁ ଆଶ୍ଚର୍ଯ୍ୟର କଥା ହେଉଛି, ପ୍ରତି ଗାଡ଼ି ପଛରେ ପ୍ରାୟ ୧୦ ଲକ୍ଷ ଟଙ୍କାର ମୋଡିଫିକେସନ ବା ପରିବର୍ତ୍ତନ କରାଯାଇଛି। ଗାଡ଼ିରେ ଏପରି କି ପରିବର୍ତ୍ତନ ହେଲା ଯେ ସେଥିପାଇଁ ଏତେ ବଡ଼ ପରିମାଣର ଅର୍ଥ ବ୍ୟୟ ହେଲା, ତାହା ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ବୁଧବାର ବିଭାଗୀୟ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ କହିଛନ୍ତି ଯେ, "ଆବଶ୍ୟକତା ଅନୁଯାୟୀ ମୋଡିଫିକେସନ ହୋଇଥାଇପାରେ, କିନ୍ତୁ ଯଦି ଏହା ସୀମା ବାହାରକୁ ଯାଇଥାଏ କିମ୍ବା ଖର୍ଚ୍ଚରେ ଅନିୟମିତତା ହୋଇଥାଏ, ତେବେ ଉଚିତ୍ ତଦନ୍ତ କରାଯାଇ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।"

ଗାଡ଼ିଗୁଡ଼ିକ ବର୍ତ୍ତମାନ ପିସିସିଏଫ୍‌ଙ୍କ ଅଧୀନରେ ରହିଥିବାରୁ ଏହାର ସବିଶେଷ ଯାଞ୍ଚ ହେବ ବୋଲି ସେ ସୂଚନା ଦେଇଛନ୍ତି। ଏହି ମଡିଫିକେସନ ପାଇଁ ପରିବହନ ବିଭାଗର ଅନୁମତି ମିଳିଛି କି ନାହିଁ, ସେ ନେଇ ମଧ୍ୟ ସନ୍ଦେହ ପ୍ରକାଶ ପାଇଛି। ସାଧାରଣ ଜନତା ନିଜ ଗାଡ଼ି ମୋଡିଫାଇ କଲେ ପରିବହନ ବିଭାଗ କଡ଼ା ନିୟମ ଲଗାଉଥିବା ବେଳେ ବନ ବିଭାଗକୁ ଏତେ ସଂଖ୍ୟକ ଗାଡ଼ି ପାଇଁ କେଉଁ ଅଧିକାରୀ ଅନୁମତି ଦେଇଛନ୍ତି, ତାହା ଏବେ ତଦନ୍ତ ସାପେକ୍ଷ।

ଉଲ୍ଲେଖଯୋଗ୍ୟ ଯେ, ବନ୍ୟଜନ୍ତୁ ସୁରକ୍ଷା ଓ ଉଦ୍ଧାର କାର୍ଯ୍ୟ ପାଇଁ ଏହି ଗାଡ଼ିଗୁଡ଼ିକ କିଣାଯାଇଥିଲେ ହେଁ, ଜଙ୍ଗଲ ଭିତରେ ଏହାର ଉପାଦେୟତା କମ୍ ଥିବା ଏବଂ ବିଭାଗୀୟ ଅଧିକାରୀମାନେ ଏହାକୁ ବ୍ୟକ୍ତିଗତ ଭାବେ ବ୍ୟବହାର କରୁଥିବା ଅଭିଯୋଗ ହୋଇଛି। କେବଳ ଏହି ୫୧ଟି ଥର୍ ନୁହେଁ, ପୂର୍ବରୁ କିଣାଯାଇଥିବା ୮୯ଟି 'ଇସୁଚୁ' ଓ 'ଯୋଦ୍ଧା' ଗାଡ଼ି କିଣାରେ ମଧ୍ୟ ସ୍ୱଚ୍ଛତା ନେଇ ପ୍ରଶ୍ନ ଉଠିଛି।




## ପ୍ରଥମ ପୃଷ୍ଠାରୁ...

### ସହାନୁଭୂତି ହାସଲ...

ସୋସିଆଲ ମିଡିଆ ଠାରୁ ଆରମ୍ଭ କରି ଚା'ଖଟି ପର୍ଯ୍ୟନ୍ତ ରାଜ୍ୟ ସରକାର ସମାଲୋଚନାର ଶାରବ୍ୟ ହୋଇଛନ୍ତି। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏବଂ ସିପିଏମ ବିଧାୟକ ଲକ୍ଷ୍ମଣ ମୁଣ୍ଡା ବର୍ଦ୍ଧିତ ଦରମା ନେବେ ନାହିଁ ବୋଲି ମନା କରିଦେଇ ଏହି ଚର୍ଚ୍ଚାକୁ ଆଗକୁ ବଢାଇଥିଲେ। ଅବଶ୍ୟ କିଛି ବିଧାୟକ ବର୍ଦ୍ଧିତ ଦରମାକୁ ସ୍ୱାଗତ କରିଥିଲେ। ଏବେ ସରକାରର ବିଧାୟକଙ୍କ ଦରମା ବୃଦ୍ଧି ପ୍ରସଙ୍ଗରେ ୟୁ-ଟର୍ଣ୍ଣ ନେବା ଖବର ଆସିବା ପରେ ସରକାରଙ୍କୁ ଟାର୍ଗେଟ କରିଛନ୍ତି ବିରୋଧି।

ବିଜେଡି କହିଛି ବିଧାନସଭାରେ ସର୍ବ ସମ୍ମତି କ୍ରମେ ଦରମା ବୃଦ୍ଧି ବିଲ ପାରିତ ହେବାବେଳେ ବିଜେପି ବିଧାୟକମାନେ କାହିଁକି ଏ ବିଷୟରେ ଚିନ୍ତା କଲେନାହିଁ? ସମାଲୋଚନା ହେବା ପରେ ଏଭଳି ନିଷ୍ପତ୍ତି ନେଇଥାଇ ପାରନ୍ତି। ସେପଟେ କଂଗ୍ରେସ କହିଛି ସରକାର ବୁଝି ବିଚାରି କୌଣସି ନିଷ୍ପତ୍ତି ନେଉ ନାହାଁନ୍ତି। ଯେଉଁଥିପାଇଁ ସମୋଲୋଚନାର ଶିକାର ହେବାକୁ ପଡୁଛି। ଶୀତ ଅଧିବେଶନରେ ଡିସେମ୍ବର ୯ ତାରିଖରେ ବିଧାନସଭାରେ ସର୍ବସମ୍ମତି କ୍ରମେ ବିଧାୟକଙ୍କ ଦରମା ଓ ଭତ୍ତା ବୃଦ୍ଧି ବିଲ୍ ପାରିତ ହୋଇଥିଲା। ଏଥିରେ ବିଧାୟକଙ୍କ ମୋଟ ଦରମା ଓ ଭତ୍ତା ୧ ଲକ୍ଷ ଟଙ୍କାରୁ ୩ ଲକ୍ଷ ୪୫ ହଜାର ଟଙ୍କାକୁ ବୃଦ୍ଧି ପାଇଥିଲା। ଅର୍ଥାତ୍ ଦରମା ପ୍ରାୟ ତିନି ଗୁଣ ବଢ଼ିଥିଲା। ଏଥିସହିତ ପୂର୍ବତନ ବିଧାୟକଙ୍କ ଭତ୍ତା ରାଶିରେ ମଧ୍ୟ ବୃଦ୍ଧି ଘଟିଥିଲା। ତେବେ ଏହି ନିଷ୍ପତ୍ତିକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା।

### ବର୍ଦ୍ଧିତ ଭତ୍ତା...

ବିଧିବିଧାନ ଅନୁଯାୟୀ ବିଧାୟକଙ୍କ ଦରମା ବୃଦ୍ଧି ନେଇ ଗୃହରେ ନିଷ୍ପତ୍ତି ହୋଇଥାଏ। ଏପରି ସାମ୍ବିଧାନିକ ଅଧିକାରକୁ ଅତି ସଂଯମତା ଓ ସତର୍କତାର ସହ ପାଳନ କରାଯିବା ଉଚିତ୍। କିନ୍ତୁ ଡବଲ ଇଞ୍ଜିନ ସରକାରରେ ଏବେ ରାଜ୍ୟ ବିଧାନସଭାର ସଦସ୍ୟ ଓ ପୂର୍ବତନ ବିଧାୟକମାନଙ୍କ ଦରମା ଓ ଭତ୍ତା ୩ ଗୁଣ ବଢ଼ାଯାଇଛି। ମାତ୍ର ଏହି ବୃଦ୍ଧି ସାଧାରଣ ଲୋକଙ୍କର ହଜମ ହୋଇପାରୁ ନାହିଁ। ଏ ଦରମା ଓ ଭତ୍ତା ବୃଦ୍ଧିକୁ ମୁଁ ନାପସନ୍ଦ କରୁନି, ମାତ୍ର ଭତ୍ତା କ୍ଷେତ୍ରରେ ରାଜ୍ୟରେ ଅନ୍ୟ ଏକ ବ୍ୟବସ୍ଥା ଅଛି, ଯାହାର କି ଅନୁପାଳନ ହେଉନାହିଁ। ଏହି ନିୟମ ଅନୁଯାୟୀ, ଦରମା ପ୍ରାପ୍ତ ସଦସ୍ୟମାନଙ୍କ ଦରମାରୁ ଭତ୍ତାକୁ ବାଦ ଦିଆଯାଇ ଦେୟ ପ୍ରଦାନ କରାଯାଏ। ଏହା ସହିତ ଜଣେ ସଦସ୍ୟ ଏକାଧିକ ଭତ୍ତା ନେଇ ପାରିବେ ନାହିଁ। କିନ୍ତୁ ବର୍ତ୍ତମାନ ରାଜ୍ୟରେ ୩ ଶ୍ରେଣୀର ଭତ୍ତାଧାରି ପୂର୍ବତନ ସାଂସଦ ଓ ପୂର୍ବତନ ବିଧାନସଭା ସଦସ୍ୟ ଅଛନ୍ତି। ପ୍ରଥମତଃ ସରକାରୀ ଚାକିରିଆ ଅବସର ପରେ ଭତ୍ତା ପାଉଛନ୍ତି। ଏହାସହ ସେମାନେ ସାଂସଦ କିମ୍ବା ବିଧାୟକ ହେଲେ ମଧ୍ୟ ଭତ୍ତା ନେଉଛନ୍ତି। ଅନ୍ୟ ଶ୍ରେଣୀରେ ପୂର୍ବତନ ବିଧାୟକ ଓ ପୂର୍ବତନ ସାଂସଦ ଭାବରେ ୨ଟି ଭତ୍ତା ନେଉଛନ୍ତି।

ଶ୍ରୀ ହରିଚନ୍ଦନ କହିଛନ୍ତି ଯେ, ମୁଁ ୨୦୦୯ ମସିହାରେ ଗୃହର ସଦସ୍ୟ ଭାବରେ ସତ୍ୟବାଦୀରୁ ନିର୍ବାଚିତ ହେବାପରେ ବିଧି ବିଧାନ ଅନୁଯାୟୀ, ଭତ୍ତାକୁ ବାଦ୍ ଦେଇ ଦରମା ଦେବା ପାଇଁ ବିଧାନସଭା ସଚିବାଳୟ, ପ୍ରମୁଖ ଲେଖାକାର ଓ ସରକାରଙ୍କୁ ଲିଖିତ ଆକାରରେ ଜଣାଇଥିଲି। କିନ୍ତୁ ବାରମ୍ବାର ଜଣାଇବା ସତ୍ତ୍ୱେ ମଧ୍ୟ କୌଣସି ଉତ୍ତର ମିଳି ନଥିଲା। ସେପରି ସ୍ଥଳେ ସେତେବେଳର ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଘଡ଼େଇଙ୍କୁ ଏ ସମ୍ପର୍କରେ ମୌଖିକ ଓ ଲିଖିତ ଭାବେ ଜଣାଇଥିଲି। ସରକାର ମୋର ଟାଣ ମନୋଭାବକୁ ଲକ୍ଷ୍ୟ କରିବା ପରେ ବାଧ ହୋଇ ପଇସା ଫେରସ୍ତ ଦେବା ପାଇଁ ଅନୁମତି ଦେଇଥିଲେ। ଏହାପରେ ମୁଁ ସରକାରଙ୍କ ତହବିଲକୁ ଅର୍ଥ ଫେରାଇଥିଲି। ଏହା ଭିତରେ ୧୬ ବର୍ଷ ବିତିଗଲାଣି। ଆଉ କୌଣସି ମାନ୍ୟବର ସଦସ୍ୟ ହୁଏତ, ଏଭଳି ଅର୍ଥ ଫେରସ୍ତ କରିଥାଇ ପାରନ୍ତି। କିନ୍ତୁ ମୋ ପାଖେ ସେଭଳି ତଥ୍ୟ ନାହିଁ।

ସେ ଆହୁରି କହିଛନ୍ତି, ମୁଁ ତ୍ରୟୋଦଶ ବିଧାନସଭାର ସଭ୍ୟ ଥିବାବେଳେ ସଦାଚାର କମିଟିର ମଧ୍ୟ ସଭ୍ୟ ଥିଲି ଏବଂ ବିଧାୟକମାନେ ସେମାନଙ୍କର ସମ୍ପତ୍ତି ତାଲିକା ପ୍ରତିବର୍ଷ ଓଡ଼ିଶା ବିଧାସଭା ଓ ସଂସଦୀୟ ବ୍ୟାପାର ବିଭାଗ ନିକଟରେ ଦାଖଲ କରିବା ପାଇଁ ସଦାଚାର କମିଟି ସୁପାରିଶ କରିଥିଲେ। ସରକାର ମଧ୍ୟ ତାହା ଗ୍ରହଣ କରିଥିଲେ। ମୁଁ ତୁରନ୍ତ ମୋର ସମ୍ପତି ତାଲିକା ଯଥା ବିଧି ଦାଖଲ କରିଥିଲି। କିନ୍ତୁ ତାହାର ଅନୁସରଣ କରାଯାଉ ନାହିଁ। ବିଧାୟକ ସାଂସଦ ମାନେ ନିଜ ନିଷ୍ପତି ନିଜେ ନେଉଛନ୍ତି, ତେଣୁ ଏଭଳି ନିଷ୍ପତ୍ତି ନେବା କଥା ନୁହେଁ। ରାସ୍ତାଉପରେ ସାଧାରଣ ତୃତୀୟ ଶ୍ରେଣୀ କର୍ମଚାରୀ ବସିଛନ୍ତି। ସେମାନଙ୍କ ଦରମା ବଢୁ ନାହିଁ। ତେଣୁ ଆମର କାହିଁକି ଦରମା ବଢ଼ିବ। ବର୍ତ୍ତମାନ ରାଜ୍ୟପାଳଙ୍କ ଅନୁମୋଦନ ପାଇଁ ଏହି ବିଲ୍ ରହିଛି। ରାଜ୍ୟପାଳ ଏହି ବିଲର ପୁନର୍ବିଚାର ପାଇଁ ଗୃହକୁ ଫେରେଇ ଦେଇପାରିବେ। ଏହା ହେଲେ ସରକାରଙ୍କ ଚେତା ପଶିବ ଓ ସରକାର ବିଚାର କରିବେ ବୋଲି ଆଶାପ୍ରକଟ କରୁଛି।

### ବିତ୍ତଶାଳୀ ନେତା...

ଓ ସିନ୍ଧିଆ ଦଳ ଛାଡ଼ି କ୍ଷମତା ଆଡକୁ ଆଉଜି ପଡ଼ିଲେ। ଗୁଲାମନବୀ ପ୍ରଧାନମନ୍ତ୍ରୀ ମୋଦୀଙ୍କ ପ୍ରଶଂସା କରି କଂଗ୍ରେସ ନେତୃତ୍ୱକୁ ସମାଲୋଚନା କରିବା ପରେ ତାଙ୍କୁ ବାହାରିଯିବାର ରାସ୍ତା ଦେଖାଇଥିଲା ଦଳ।

ବିଜେପି ନେତୃତ୍ୱଙ୍କୁ ଭଲଭାବେ ଜଣା- ରାହୁଲ ଗାନ୍ଧିଙ୍କ ନାଁରେ ଏପରି କୌଣସି ଠୋସ୍ ଦୁର୍ନୀତିର ଅଭିଯୋଗ ନାହିଁ ଯାହାକୁ ନେଇ ତାଙ୍କୁ ଘେରିହେବ। ସେଥିଲାଗି ପ୍ରଥମରୁ 'ପପୁ' ଓ 'ସେ ନେତୃତ୍ୱ ନେବାକୁ ଅପାରଗ' ଆଦି ପ୍ରଚାରକୁ ଜୋରଦାର କରାଯିବା ପଛରେ ଯେ ବିଧିବଦ୍ଧ ରାଜନୈତିକ ଷଡ଼ଯନ୍ତ୍ର ଥିଲା, ଏଥିନେଇ କଂଗ୍ରେସ ଦୃଢ଼ ନିଶ୍ଚିତ। ଏକଦା ଗାନ୍ଧି ପରିବାରର ନିକଟତମ କୁହାଯାଉଥିବା ଆଚାର୍ଯ୍ୟ ପ୍ରମୋଦ କୃଷ୍ଣ ଯିଏ କି ପ୍ରଧାନମନ୍ତ୍ରୀ ମୋଦୀଙ୍କ ପ୍ରଶଂସା କରି ବିଜେପିରେ ସାମିଲ ହୋଇ ସାରିଛନ୍ତି ତାଙ୍କର ବି ସେଇ ଏକା ପ୍ରଚାର ଥିଲା ଯେ ପ୍ରିୟଙ୍କା ଆଗକୁ ଆସନ୍ତୁ, ରାହୁଲ ପଛରେ ରୁହନ୍ତୁ। ତା'ର କାରଣ- ରାହୁଲ ଯେପରି ଭାବେ ସିଧାସଳଖ ଲୋକଙ୍କ ସହିତ ଯୋଡ଼ି ହେଉଛନ୍ତି ଓ ନିର୍ଭୟରେ ତାଙ୍କ କାର୍ଯ୍ୟକ୍ରମ ଆଗକୁ ବଢ଼ାଉଛନ୍ତି ସେଥିନେଇ ପ୍ରତିପକ୍ଷ ଶିବିରରେ ଚିନ୍ତା ବଢୁଛି। ପ୍ରିୟଙ୍କା ଆଗକୁ ଆସି ଦାୟିତ୍ୱ ନେବାକୁ ଦାବି କରିବା ଯେ ପ୍ରତିପକ୍ଷର ଏକ ଚାଲ୍ ଏକଥା କଂଗ୍ରେସ ନେତୃତ୍ୱ ଭଲଭାବେ ବୁଝିଛନ୍ତି।

ଯଦିଓ ପ୍ରିୟଙ୍କାଙ୍କ ନାଁରେ କୌଣସି ଅଭିଯୋଗ ନାହିଁ କିନ୍ତୁ ତାଙ୍କ ବ୍ୟବସାୟୀ ସ୍ୱାମୀଙ୍କୁ ବିଭିନ୍ନ ମାମଲାରେ ଛନ୍ଦାଯାଇ ସାରିଥିବାରୁ ପ୍ରିୟଙ୍କା ଆଗକୁ ଆସିଲେ ତାଙ୍କ ସ୍ୱାମୀଙ୍କ ବାଟେ ତାଙ୍କୁ ଘେରିବା ସହଜ ହେବ ବୋଲି ପ୍ରତିପକ୍ଷ ମନେକରନ୍ତି ଏବଂ ସେ ଦୃଷ୍ଟିରୁ ମଝିରେ ମଝିରେ ପ୍ରିୟଙ୍କାଙ୍କ ନେତୃତ୍ୱ ସପକ୍ଷରେ ଦାବି ଉଠେ ଓ ଦାବି ଉଠାଉଥିବା ଲୋକଙ୍କ ମଧ୍ୟରୁ ଜଣକ ପରେ ଜଣେ ବିଜେପିରେ ସାମିଲ ହୋଇସାରିଲେଣି।

ମହମ୍ମଦ ମୋକିମଙ୍କ ଚିଠିରେ ସେଇ ଏକାକଥା ଦେଖିବା ପରେ କଂଗ୍ରେସ ନେତୃତ୍ୱ ନିଶ୍ଚିତ ହୋଇଯାଇଥିଲେ ଯେ ସେ ବିଜେପି ସହିତ ପ୍ରତ୍ୟକ୍ଷ ବା ପରୋକ୍ଷରେ ସମ୍ପର୍କରେ ଅଛନ୍ତି, ତେଣୁ ପ୍ରତିପକ୍ଷ ଶିବିରର ଚାଲ୍ ତାଙ୍କ ଚିଠିରେ ପ୍ରତିଫଳିତ। ମୋକିମଙ୍କ ଭଳି ବିତ୍ତଶାଳୀ ନେତାଙ୍କ ଜରିଆରେ କଂଗ୍ରେସରେ ବିଭାଜନ ସାଙ୍ଗକୁ ସଂଖ୍ୟାଲଘୁ ଭୋଟ୍‌କୁ ମଧ୍ୟ ବିଭାଜିତ କରାଯାଇପାରିବ ଏଇ ଆଶା କରୁଛନ୍ତି ପ୍ରତିପକ୍ଷ। ଯାହାଫଳରେ ବିଜେପିକୁ କେବଳ ଫାଇଦା ହିଁ ଫାଇଦା। ଏହାର ସୁରାକ୍ ପାଇବା ପରେ କଂଗ୍ରେସ ନେତୃତ୍ୱ ଦଳର ଅଧିକ କ୍ଷତି ପହଞ୍ଚାଇବାକୁ ନଦେଇ ତୁରନ୍ତ ମୋକିମଙ୍କୁ ଦଳରୁ ବାହାର କରିବା ପାଇଁ ନିଷ୍ପତ୍ତି ନେଇଥିବା ଏହି ସୂତ୍ରରୁ ଜଣାପଡ଼ିଛି।

ହାଇକମାଣ୍ଡଙ୍କ କହିବା କଥା- ତୀବ୍ର ଗୋଷ୍ଠୀ କନ୍ଦଳ ଓ 'ମୁଁ ନହେଲେ କାହାକୁ ରଖାଇଦେବି ନାହିଁ' ନେଇ କେତେକ କଂଗ୍ରେସ ନେତାଙ୍କ ମାନସିକତା କାରଣରୁ ଦୁଇ ଦଶନ୍ଧିରୁ ଉର୍ଦ୍ଧ୍ୱ କାଳ ଧରି ଓଡ଼ିଶାରେ କଂଗ୍ରେସ ଉଧେଇ ପାରୁନି। ଦଳର ଅବସ୍ଥା ଯେଉଁଠି ପହଞ୍ଚିଛି ତା'ଠୁ ଅଧିକ ଖରାପ ହେବାର ଆଉ ଆଶଙ୍କା ନାହିଁ। ବରଂ ତୃଣମୂଳ ସ୍ତରରୁ ଦଳ ସଂଗଠିତ ହେଲେ ଏବଂ ବିଜେପିର ବିକଳ୍ପ ଭାବେ ନିଜକୁ ଉପସ୍ଥାପିତ କରିପାରିଲେ ଦଳର ସ୍ଥିତି ଆଗକୁ ସୁଧୁରିବାରେ ଅସୁବିଧା ହେବନାହିଁ। କିନ୍ତୁ ମୋକିମଙ୍କ ଭଳି ନେତାଙ୍କୁ ଯଦି ଦଳ ନିୟନ୍ତ୍ରଣ ନକରେ ତେବେ ଦଳରେ ବିଶୃଙ୍ଖଳା ବଢ଼ିବ, ଯାହାକୁ ନିୟନ୍ତ୍ରଣ କରିବା ଅସମ୍ଭବ ହୋଇପଡ଼ିବ। ଦଳର ଅନ୍ୟ ଯେଉଁ ନେତାଏ ବିତ୍ତଶାଳୀ ନେତାଙ୍କ ସହ ସମ୍ପର୍କରେ ଅଛନ୍ତି ସେମାନଙ୍କ ଗତିବିଧି ଉପରେ ମଧ୍ୟ କଡ଼ା ନଜର ରଖିଛି ଏଆଇସିସି।

ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ଦଳୀୟ ନେତୃତ୍ୱ ସ୍ପଷ୍ଟ ସନ୍ଦେଶ ଦେଇଛନ୍ତି ଯେ ବ୍ୟକ୍ତି ନୁହେଁ ଦଳ ଓ ଦଳ ସଂଗଠନ ଗୁରୁତ୍ୱପୂର୍ଣ୍ଣ। ସେ ଦୃଷ୍ଟିରୁ ଯେତେ ବିତ୍ତଶାଳୀ ହୁଅନ୍ତୁ କି ବାହୁବଳୀ ହୁଅନ୍ତୁ ସେମାନଙ୍କର କୌଣସି ପ୍ରକାର ବିଶୃଙ୍ଖଳ ଆଚରଣକୁ ଦଳ ଆଉ ବରଦାସ୍ତ କରିବ ନାହିଁ। ଯେହେତୁ ଦଳ ପାଇଁ ଆଉ ଅଧିକ କିଛି ହରାଇବାର ନାହିଁ ତେଣୁ ଦଳକୁ ଆଗକୁ ବଢ଼ାଇବା ପାଇଁ ଅନୁରକ୍ତ ଓ ଅନୁଶାସନ ମାନୁଥିବା ଲୋକଙ୍କୁ ଦଳରେ ଅଗ୍ରାଧିକାର ଦେବାକୁ ସ୍ପଷ୍ଟ ସନ୍ଦେଶ ଦିଆଯାଇଥିବା ଏହି ସୂତ୍ରରୁ ଜଣାପଡ଼ିଛି। ଅନ୍ୟପଟେ ମୋକିମଙ୍କ ସହ ଦଳର ଉଚ୍ଚସ୍ତରରେ ଥିବା କିଛି ନେତା ମାନଭଞ୍ଜନ ପାଇଁ ଯୋଗାଯୋଗରେ ଥିବା ଓ ତାଙ୍କୁ ବିଜେପି ଚକ୍ରବ୍ୟୁହରୁ କାଢ଼ି ପୁଣିଥରେ ଦଳୀୟ ମୁଖ୍ୟ ସ୍ରୋତକୁ ଫେରାଇ ଆଣିବା ଲାଗି ଉଦ୍ୟମରତ ଥିବା ମଧ୍ୟ ଆଉ କେତେକ ଚର୍ଚ୍ଚା କରୁଛନ୍ତି। ତେବେ ଆଗକୁ ମୋକିମଙ୍କ ରଣନୀତି ଉପରେ ରାଜନୈତିକ ମହଲର ନଜର ରହିଛି।

### ଭିଜିଲାନ୍ସ ଜାଲରେ...

ଦଶମନ୍ତପୁର ବ୍ଲକ ଅଞ୍ଚଳର ଜଣେ ଯୁବତୀଙ୍କୁ ଏହି ବ୍ଲକ ଅନ୍ତର୍ଗତ ପୋଡ଼ାଗଡ ପଞ୍ଚାୟତ ଅଧୀନସ୍ଥ ଛଟା ଗୁଡା ଗାଁର ରାମେଶ୍ୱର ବିଶୋଇ ବିବାହ ପ୍ରତିଶ୍ରୁତି ଦେଇ ଶାରିରୀକ ସଂପର୍କ ରଖି ଆସୁଥିଲେ। ଯୁବତୀ ଜଣକ ବିବାହ କରି ଘରକୁ ନେବାକୁ ପ୍ରେମିକକୁ କହିଥିଲେ। କିନ୍ତୁ ଅଭିଯୁକ୍ତ ପ୍ରେମିକ ବିବାହ ପାଇଁ ରୋକ୍‌ଠୋକ୍ ମନା କରିବା ଦ୍ୱାରା ପ୍ରେମିକା ଥାନାର ଦ୍ୱାରସ୍ଥ ହୋଇଥିଲେ।

ହେଲେ ଯୁବତୀଙ୍କୁ ଥାନା ଅଧିକାରୀ ସୁକୁମା ହାଁସଦା ନ୍ୟାୟ ଦେବା ପରିବର୍ତ୍ତେ ୨୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଗରିବ ପରିବାରର ଝିଅ ହୋଇଥିବାରୁ ଏନେଇ ପୀଡିତା ଜଣେ ସମ୍ପର୍କୀୟଙ୍କୁ ଜଣାଇଥିଲେ। ଏହାପରେ ପରିବାର ଲୋକ ଭିଜିଲାନ୍ସର ଆଶ୍ରୟ ନେଇଥିଲେ। ସମ୍ପର୍କୀୟ ସୁରେଶ ସୁବୁଦ୍ଧିଙ୍କୁ ଠାରୁ ନଗଦ ୨୦ ହଜାର ଟଙ୍କା ନେଇ ଥାନାରେ ପହଞ୍ଚିଥିଲେ ପୀଡିତା। ଥାନା ଅଧିକାରୀ ସୁକୁମା ହାଁସଦା ଲାଞ୍ଚ ନେବା ବେଳେ ଥାନା କାର୍ଯ୍ୟାଳୟରେ ମାଡ଼ି ବସିଲା ଭିଜିଲାନ୍ସ ଟିମ୍। ଆବଶ୍ୟକ ତଥ୍ୟ ଥାନା ଅଧିକାରୀ ଠାରୁ ସଂଗ୍ରହ କରି, ଜୟପୁର ଭିଜିଲାନ୍ସ କାର୍ଯ୍ୟାଳୟକୁ ନେଇ ଥିବା ଜଣାପଡିଛି।

### 'ଭିବି ଜି-ରାମ୍...

ନାମିତ ହୋଇନଥିଲା। ଏହା ପ୍ରଥମେ ନରେଗା ଥିଲା। ପରେ, ଯେତେବେଳେ ୨୦୦୯ ନିର୍ବାଚନ ଆସିଲା, ନିର୍ବାଚନ ଏବଂ ଭୋଟ ପାଇଁ ମହାତ୍ମା ଗାନ୍ଧୀଙ୍କୁ ମନେ ପକାଇଲେ। ତା'ପରେ ମହାତ୍ମା ଗାନ୍ଧୀଙ୍କ ନାଁକୁ ଏଥିରେ ଯୋଡାଗଲା।

ପ୍ରବଳ ବିରୋଧ ପରେ ବି 'ଭିବି-ଜି ରାମ୍ ଜି ବିଲ୍' ଗୃହରେ ଧ୍ୱନୀ ମତରେ ପାସ୍ ହୋଇଛି। ଏହା ପୂର୍ବରୁ, ବିରୋଧୀ ଦଳ ବିଲ୍ ବିରୋଧରେ ସଂସଦ ପରିସରରେ ଏକ ଶୋଭାଯାତ୍ରା ଆୟୋଜନ କରିଥିଲେ। ୫୦ରୁ ଅଧିକ ବିରୋଧୀ ସାଂସଦ ପଦଯାତ୍ରାରେ ଅଂଶଗ୍ରହଣ କରିଥିଲେ ଏବଂ ଭିବି-ଜି ରାମ୍ ଜି ବିଲ୍ ପ୍ରତ୍ୟାହାର ଦାବି କରି ସ୍ଲୋଗାନ ଦେଇଥିଲେ। ଏହା ପୂର୍ବରୁ ବୁଧବାର ଲୋକସଭାରେ ଭିବି-ଜି ରାମ୍ ଜି ବିଲ୍ ଉପରେ ୧୪ ଘଣ୍ଟା ଚର୍ଚ୍ଚା ହୋଇଥିଲା। ବୁଧବାର ବିଲ୍ ଉପରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଆଲୋଚନା ପରେ, ଯେତେବେଳେ ବାଚସ୍ପତି ମନ୍ତ୍ରୀ ଶିବରାଜ ସିଂହ ଚୌହାନଙ୍କୁ ଆଲୋଚନାର ଉତ୍ତର ଦେବା ପାଇଁ ନିଯୁକ୍ତ କଲେ, କଂଗ୍ରେସ ସାଂସଦ କେସି ଭେନୁଗୋପାଳ ବିଲ୍‌କୁ ସଂସଦୀୟ ସ୍ଥାୟୀ କମିଟି କିମ୍ବା ଯୁଗ୍ମ କମିଟି (ଜେପିସି) ନିକଟକୁ ପଠାଇବାକୁ ଦାବି କରିଥିଲେ। ସେ କହିଲେ,'ଏହା ସମଗ୍ର ଗୃହର ଭାବନା। ସରକାର ଏହାକୁ ସଂସଦୀୟ କମିଟିକୁ ପଠାଇବା ଉଚିତ। ଆମେ ସହଯୋଗ କରିବାକୁ ପ୍ରସ୍ତୁତ।' ବିର୍ଲା କହିଥିଲେ ବିଲ୍ ଉପରେ ୯୯ ଜଣ ସାଂସଦ ତାଙ୍କର ମତାମତ ପ୍ରକାଶ କରିଛନ୍ତି। ଆଲୋଚନା ରାତି ପର୍ଯ୍ୟନ୍ତ ଚାଲିଥିଲା। ସମସ୍ତ ଦଳର ସଦସ୍ୟମାନେ ସେମାନଙ୍କର ମତାମତ ପ୍ରକାଶ କରିଥିଲେ। ବିରୋଧୀଙ୍କ ଅନୁରୋଧରେ ମୁଁ ଆଲୋଚନା ସମୟ ବୃଦ୍ଧି କରିଥିଲି। ଏହି ଉପାୟରେ ପ୍ରତିବାଦ କରିବା ଠିକ୍ ନୁହେଁ।'

### ଆଲୋକୀକରଣ ଏବେ...

କାରଣ ଡ଼ିପାର୍ଟମେଣ୍ଟାଲ କାମରେ ପ୍ରକଳ୍ପ ଅର୍ଥ ଜେଇଙ୍କ ବ୍ୟକ୍ତିଗତ ଆକାଉଣ୍ଟକୁ ଯାଇଥାଏ ଏବଂ ସେ ଟଙ୍କା ଉଠାଇ ପ୍ରକୃତରେ କାମ କରୁଥିବା କର୍ମୀ-ଠିକାଦାରଙ୍କୁ ଦେଇଥାନ୍ତି । ଏହି କ୍ରମରେ ବ୍ଲକ୍‌ର କୌଣସି ପ୍ରଭାବୀ ନେତା ଜନପ୍ରତିନିଧି ଜେଇ ଜଣଙ୍କୁ ଆଖି ଦେଖାଇ ଯେ ବ୍ୟବହାର କରିନଥିବେ ତାହା କୁହାଯାଇନପାରେ । ଅତୀତରେ ବିଭିନ୍ନ ଗ୍ରାମପଞ୍ଚାୟତ ଅଧିନରେ ଥିବା ରାସ୍ତାର ଆଲୋକୀକରଣ ବାବଦରେ କୋଟି କୋଟି ଟଙ୍କା ବେଆଇନ ଭାବେ ଉଠାଇ ନିଆଯିବା ଘଟଣାକୁ ଏଯାଏ ଜିଲ୍ଲାବାସୀ ସଚେତନ ଲୋକେ ଭୁଲି ନାହାଁନ୍ତି । ଅର୍ଥ କମିଶନଙ୍କ ଅନୁଦାନକୁ ଆଲୋକୀକରଣ କାମ ପାଇଁ ଉପଯୋଗ କରିବାକୁ ବିଗତ ସରକାର ସ୍ୱତନ୍ତ୍ର ଗାଇଡ଼ିଲାଇନ୍ ତିଆରି କରିଥିଲେ । ହେଲେ ସେହି ଗାଇଡ଼ ଲାଇନ୍ କାଗଜପତ୍ରରେ ରହିଲା । ଗାଇଡ଼ ଲାଇନ୍ ଅନୁସାରେ କୌଣସି ପଞ୍ଚାୟତରେ ଏହି ଲାଇଟ୍ ଲଗାଇବା ପାଇଁ ଟେଣ୍ଡର ହେଲା ନାହିଁ କି ସ୍ଥାନୀୟ ବିଦ୍ୟୁତ୍ ବିଭାଗ ଯନ୍ତ୍ରୀଙ୍କ ଏଷ୍ଟିମେଟ୍ ଅନୁଯାୟୀ କାମ ହେଲା ନାହିଁ । ଏପରିକି ସରପଞ୍ଚମାନେ ସଂପୃକ୍ତ ଠିକା ସଂସ୍ଥାକୁ ଅର୍ଥ ପୈଠ କରିଥିଲେ ମଧ୍ୟ ସେମାନଙ୍କ ଅଜାଣତରେ ଲାଇଟ୍ ଲଗା କାମ ଠିକା ସଂସ୍ଥାମାନେ କଲେ । ସରପଞ୍ଚମାନଙ୍କ ନିକଟରେ ଠିକା ସଂସ୍ଥାମାନେ ଯେତେବେଳେ ବିଲ୍ ପୈଠ ପାଇଁ ଦାଖଲ କଲେ ସେତେବେଳେ ସେମାନେ ଜାଣିଲେ ସିନା, ହେଲେ କିଛି କରିବାର ବାଟ ପାଇଲେନି । କେଉଁ ଅଦୃଶ୍ୟ ଶକ୍ତି ର ନିର୍ଦ୍ଦେଶରେ ସୁନା ପିଲା ଭଳି ଅର୍ଥ ପୈଠ କରିଦେଲେ । ଅବଶ୍ୟ କେତେକ ସ୍ଥାନରେ ସେମାନେ ନିଜର ପିସି ଗଣ୍ଡାକ ଆଦାୟ କରିନେଲେ । ଲାଇଟ୍ ପିଛା ମାତ୍ର ୩/୪ହଜାର ଟଙ୍କା ଖର୍ଚ୍ଚ କରି ଠିକାସଂସ୍ଥାମାନେ ଲୋକଙ୍କ ଆଖିରେ ଆଙ୍ଗୁଠି ଗେଞ୍ଜି ୧୭/୧୮ହଜାର ଟଙ୍କା ଲେଖାଏଁ ଉଠାଇ ନେଲେ । ଏହି ଲୁଟ୍ ପାଇଁ ଉପର ସ୍ତରରେ ନୀଳନକ୍ସା ପ୍ରସ୍ତୁତ ସହ ୩୦ପ୍ରତିଶତ ବଟି ଆଦାୟ କରାଯାଇଥିବାରୁ ସମସ୍ତେ ଚୁପ୍ ରହିଲେ । କେହି ମୁଣ୍ଡ କାନ ହଲେଇଲେ ନାହିଁ । ଶେଷରେ ସବୁ ଅନ୍ଧାର ହେବା ହିଁ ସାର ହୋଇଛି ।

### ଗୁଣିଗାରେଡ଼ି ସନ୍ଦେହରେ...

ଶିକାର ହୋଇନଥିବା କହୁଥିଲେ ମଧ ଜିଲ୍ଲାର କାଳିମେଳା ଓ ପଡିଆ ବ୍ଲକରେ ଏଭଳି ଅନ୍ଧବିଶ୍ୱାସ ଲୋକଙ୍କ ମନରେ ଭରି ରହିଛି । ପ୍ରଶାସନ ତରଫରୁ ଲୋକଙ୍କୁ ସଚେତନ କରାନଗଲେ ଏହା ଆଗକୁ ଆହୁରି ବଢିବ ସିନା କମିବ ନାହିଁ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ପ୍ରକାଶ କରିଛନ୍ତି ।

# ମଣ୍ଡିରେ ପାହାଡ଼ ଭଳି ଗଦା ହୋଇଛି ବାଲି-ଗୋଡ଼ି

**ପଟ୍ଟାମୁଣ୍ଡାଇ,୧୮।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡ଼ା ଜିଲାରେ ଆସନ୍ତା ଜାନୁୟାରୀ ୯ତାରିଖରୁ ଧାନ ମଣ୍ଡି ଖୋଲିବା ଏଥିପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ଏଥିସହିତ ଧାନ ବିକ୍ରି କରିବାକୁ ନାମ ପଂଜିକରଣ କରିଥିବା ଚାଷୀଙ୍କ ମଧ୍ୟରୁ ଅନେକଙ୍କ ପାଖକୁ ଟୋକନ୍‌ଆସିସାରିଲାଣି । କିନ୍ତୁ ବିନ୍ଦାସରେ ବସିଛି ଯୋଗାଣ ବିଭାଗ । କେଉଁଠି ମଣ୍ଡିର ଆବଶ୍ୟକ ଭିତ୍ତିଭୂମି ସଜଡ଼ା ଅଛି କି ଅସଜଡ଼ା ପଡ଼ିଛି ଯୋଗାଣ ବିଭାଗ ପକ୍ଷରୁ ଏଯାଏ ତା'ର ତଦାରଖ କରାଯାଇନାହିଁ । କେବଳ ମଣ୍ଡି ଖୋଲିବାକୁ ଥିବା ସମବାୟ ସମିତି ଉପରେ ଦାୟିତ୍ୱ ଛାଡ଼ି ଦେଇ ଚୁପ୍ ହୋଇ ବସିଛି ଯୋଗାଣ ବିଭାଗ । ଫଳରେ କୌଣସି ଠାରେ ମଣ୍ଡିର ପ୍ରସ୍ତୁତି ନାହିଁ । ଯାହାର ପରିଣାମରେ ଯେଉଁଠି ଚାଷୀମାନେ ଟୋକନ ପାଇ ସାରିଛନ୍ତି ଏବଂ ଧାନ ଅମଳ କରିବା ପରେ ନିଜ ଘରେ ରଖିବାକୁ ଯାଗା ନାହିଁ ସେମାନେ ମଣ୍ଡିକୁ ଧାନ ନେଇ ସେଠାରେ ନିଜ ଦାୟିତ୍ୱରେ ହେଉ ପଛେ ରଖିବାକୁ ଚାହୁଁଛନ୍ତି ସେମାନଙ୍କୁ ନିରାଶ ହେବାକୁ ପଡୁଛି । ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବଡ଼ ମୂଳବସନ୍ତ ପ୍ରାଥମିକ କୃଷି ସମବାୟ ସମିତି କୁ ଦେଖିଲେ ଏହା ପରିସରରେ ଥିବା ଧାନ ମଣ୍ଡିରେ ପାହାଡ଼ ଭଳି ବାଲି ଗୋଡ଼ି ଗଦା ହୋଇଛି । ଏହାକୁ କି'ଏ ରଖିଛନ୍ତି ଏବଂ କି'ଏ ଅନୁମତି ଦେଇଛନ୍ତି ତାହା ତ ଭିନ୍ନ କଥା କିନ୍ତୁ ଚାଷୀ ଚାହିଁଲେ ବି ମଣ୍ଡିରେ ଜାଗା ନଥିବାରୁ ଧାନ ନେଇ ପାରୁ ନାହାଁନ୍ତି । ସ୍ଥାନୀୟ ଚାଷୀମାନେ କେଉଁଠାରେ ଧାନ ରଖିବେ ସେଥି ନେଇ ସେମାନେ ପ୍ରଶ୍ନ କରିଛନ୍ତି। ଧାନ ମଣ୍ଡିରେ ବାଲି ଗୋଡି ରଖିବାକୁ ସମିତି ସଂପାଦକ ଓ ସଭାପତି କୁଆଡେ ଜଣେ ଠିକାଦାରଙ୍କୁ ଅନୁମତି ଦେଇଛନ୍ତି ବୋଲି ଅନେକ ଅଭିଯୋଗ କରୁଛନ୍ତି । ଧାନ ବିକ୍ରି କରିବା ପାଇଁ ଚାଷୀ ବ୍ୟାକୁଳ ହେଉଥିବା ବେଳେ ସେମାନେ ମଣ୍ଡି ପରିସରରେ କେଉଁଠାରେ ରଖିବେ ତାହାକୁ ନେଇ ସେମାନେ ସନ୍ଦିହାନ ଅଛନ୍ତି। ବର୍ତ୍ତମାନ ଚାଷୀମାନେ ଧାନ ବିଲରୁ ଧାନ କାଟି ସାରିଲେଣି। ଧାନ ଅମଳ କରିଥିବାରୁ ଚାଷୀମାନେ ଏହି ଧାନକୁ ମଣ୍ଡି ପରିସରରେ ରଖିବାକୁ ଚାହୁଁଛନ୍ତି। ହେଲେ ସେମାନେ କେଉଁଠାରେ ଧାନ ରଖିବେ ତାହା ଜାଣି ପାରୁନାହାଁନ୍ତି। ଏ ନେଇ ଚାଷୀମାନେ ସମିତି ସଭାପତି ଓ ସଂପାଦକଙ୍କୁ ପଚାରିଲେ ସେମାନେ କହୁଛନ୍ତି ସରକାରୀ ଭାବେ ଧାନ ମଣ୍ଡି ଖୋଲିନାହିଁ। ଧାନ ମଣ୍ଡି ଖୋଲିବା ପରେ ତୁମେ ଧାନ ରଖିବ। ଚାଷୀ ଙ୍କ କହିବା କଥାଯେ,ଆସନ୍ତା ଜାନୁଆରୀ ୯ ତାରିଖରେ ଧାନ ମଣ୍ଡି ଉଦ୍‌ଘାଟନ ହେବ। ଏହା ପୂର୍ବରୁ ଆମେ ମଣ୍ଡିରେ ଧାନ ରଖିଥିଲେ ଆମେ ଧାନ ବିକ୍ରି କରିପାରିବୁ। ହେଲେ ଧାନ ମଣ୍ଡିରେ ବାଲି, ଗୋଡି, ସିମେଣ୍ଟ ରଖାଯାଇଛି। ତେଣୁ ଆମେ ମଣ୍ଡିକୁ ଧାନ ଧାନ ନେଇ ପାରୁନାହୁଁ । ସେହିପରି ଜଣେ ଚାଷୀ କହିଛନ୍ତି ମୋର ଧାନ ଅମଳ ସରିଗଲାଣି। ମୁଁ ୫୦ କୁଇଣ୍ଟାଲ ଧାନ ବିକ୍ରି କରିବି ବୋଲି ଟୋକନ ପାଇଛି। ମୋ ଘରେ ଧାନ ରଖିବା ପାଇଁ ଜାଗା ନାହିଁ। ତେଣୁ ଏହି ଧାନକୁ ମୁଁ ମଣ୍ଡି ପରିସରରେ ରଖିବା ପାଇଁ ଚାହୁଁଛି। ମଣ୍ଡିରେ ବାଲି, ଗୋଡି ଓ ସିମେଣ୍ଟ ଗଦା ହୋଇଛି। ଧାନ ରଖିବା ପାଇଁ ସ୍ଥାନ ନାହିଁ। ସେ କହିଛନ୍ତି ଧାନ ମଣ୍ଡିରେ ଧାନ ରହିବା ପାଇଁ ସରକାର ବ୍ୟବସ୍ଥା କରିଛନ୍ତି। ଜନସାଧାରଣଙ୍କ ଟିକସ ଅର୍ଥରେ ମଣ୍ଡି ନିର୍ମାଣ ହୋଇଛି। ଠିକାଦାର ମଣ୍ଡି ନିର୍ମାଣ କରି ନାହାଁନ୍ତି। ତେଣୁ ଠିକାଦାର ତାଙ୍କର ନିର୍ମାଣ ସାମଗ୍ରୀ କେଉଁଠାରେ ରଖିବେ ସେ ଚିନ୍ତା ସେ କରନ୍ତୁ। ମଣ୍ଡିରେ କେବଳ ଚାଷୀଙ୍କର ଅଧିକାର ରହିଛି। ମଣ୍ଡିରେ କୌଣସି ଠିକାଦାରଙ୍କ ଅଧିକାର ନାହିଁ ବୋଲି ସେ କହିଛନ୍ତି। ଏ ସଂକ୍ରାନ୍ତରେ ସମିତିର ସଭାପତି ମନୋଜ କୁମାର ପାତ୍ର କହିଛନ୍ତି ଏବେ ମଣ୍ଡି ଖୋଲି ନଥିବାରୁ ଜଣେ ଠିକାଦାର ନିର୍ମାଣ ସାମଗ୍ରୀ ରଖିଛନ୍ତି। ମଣ୍ଡି ଖୋଲିବା ପରେ ସେ ନିର୍ମାଣ ସାମଗ୍ରୀ ଉଠାଇନେବେ।

# ରାସ୍ତାକାମ ଠିକାଦାରଙ୍କ ଉପରେ ଛାଡିଦେଇ ଯନ୍ତ୍ରୀ ଛୁ

**ରାଜନଗର,୧୮।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ଗ୍ରାମ୍ୟ ଉନ୍ନୟନ ବିଭାଗ ସବଡିଭିଜନ କାର୍ଯ୍ୟାଳୟ ଦୁର୍ନିତୀର ଗନ୍ତାଘର ପାଲଟିଛି । ଏହି ସବଡିଭିଜନ କାର୍ଯ୍ୟାଳୟକୁ ସହକାରୀ ନିର୍ବାହୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ ମାସକରେ ଥରେ କିମ୍ବା ଦୁଇଥର ଆସି ପ୍ରକ୍ସି ପକାଇ ଚାଲି ଯାଇଥାନ୍ତି । କନିଷ୍ଠ ଯନ୍ତ୍ରୀଙ୍କ ନିକଟରେ ରହୁଥିବା ବାଲେଶ୍ୱର ଅଂଚଳର ଜଣେ ଦଲାଲ ସବଡିଭିଜନରେ ହେଉଥିବା କାମକୁ ନିମ୍ନମାନର କରାଇ ମୋଟା ଅଙ୍କର ପିସି ନେଉଥିବା ଅଭିଯୋଗ ହେଉଛି । ଏଭଳି ଘଟଣା ଦେଖିବାକୁ ମିଳିଛି ରାଜନଗର ବ୍ଲକ ତରପଦାମଠଠାରୁ କହ୍ନୁଆ ଭାୟା ଗୁଲୁଦିଆ ଚଣ୍ଡିଆପଲୀ ରାସ୍ତାରେ । ଏହି ରାସ୍ତା ମରାମତି କାମ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ହେଉଛି । ସୂଚନା ଫଳକଟିଏ ଲାଗିନଥିବା ଦେଖିବାକୁ ମିଳିଛି । ତରପଦା ଗାଁ ନିକଟ ରାସ୍ତାରେ ହେଉଥିବା ପିଚୁ କାମ କେବଳ ୫/୬ଇଂଚର ସିଲକୋଟରେ କାମ କରାଯାଉଥିବା ଦେଖିବାକୁ ମିଳିଛି । ଏହି ରାସ୍ତାରେ ୨୦ଇଂଚ କାର୍ପେଟ ଓ ୫ଇଂଚର ସିଲକୋଟ କାମ କରିବାର ନିୟମ ରହିଛି । ମାତ୍ର ଯନ୍ତ୍ରୀମାନେ ଅନୁପସ୍ଥିତ ରହି ଦଲାଲଙ୍କ ଜରିଆରେ ଠିକାଦାରଙ୍କ ସହିତ ଅଲିଖିତ ଚୁକ୍ତିକରି କେବଳ ସିଲକୋଟରେ କାମ କରାଯାଉଥିବା ଅଭିଯୋଗ ହେଉଛି । ପିଚୁ ରାସ୍ତା ଅନେକ ସ୍ଥାନରେ ଫାଟିଯିବା ଦବି ଯାଇଛି । ଯାହାଫଳରେ ତରପଦା, ମଙ୍ଗରାଜପୁର, ଧନେଶ୍ୱର, ଗୁଲୁଦିଆ ଓ ଚଣ୍ଡିଆପଲ୍ଲୀ ଗାଁ ଲୋକେ ଯିବା ଆସିବାରେ ଅସୁବିଧାର ସମ୍ମୁଖୀନ ହେଉଥିଲେ । ଏହାକୁ ଦୃଷ୍ଟିରେ ରଖି ବିଭାଗ ପକ୍ଷରୁ ମରାମତି କାମ କରାଯିବାକୁ ଅନୁଦାନ ଆସିଲା । ମାତ୍ର ବିଭାଗୀୟ ଯନ୍ତ୍ରୀମାନଙ୍କ ଅବହେଳା ପାଇଁ ରାସ୍ତାକାମ ନିମ୍ନମାନର କରାଯାଉଥିବା ଅଭିଯୋଗ ହେଉଛି । ଏସଂପର୍କରେ କନିଷ୍ଠ ଯନ୍ତ୍ରୀ ସମୀର ରଂଜନ ବେହେରାଙ୍କୁ ପଚାରିବାରୁ କାର୍ପେଟ ଓ ସିଲକୋଟ ମିଶି ୨୫ଇଂଚ କାମ ହେବାର ନିୟମ ରହିଛି । କେତେ ଟଙ୍କାର ଅନୁଦାନ ମୁଁ ଫାଇଲ ଦେଖିବା ପରେ କହିବି । ସିସି ଅଫିସରେ ଅଛି ଅନୁଦାନ ସଂପର୍କରେ କହିବା ସମ୍ଭବ ନୁହେଁ ବୋଲି କହି କଥାକୁ ଏଡାଇ ଯାଇଥିଲେ । ଏନେଇ ସହକାରୀ ନିର୍ବାହୀ ଯନ୍ତ୍ରୀ ସୁବାଷଚନ୍ଦ୍ର ସାହୁଙ୍କୁ ପଚାରିବାରୁ ମୁଁ ସିସି ଅଫିସରେ ଅଛି । କେତେ ଟଙ୍କାର କାମ ହେଉଛି କହି ପାରିବି ନାହିଁ । ରାସ୍ତା କାମକୁ ଅନୁଧ୍ୟାନ କରିବି ବୋଲି କହିଛନ୍ତି । ଏଠାରେ ପ୍ରଶ୍ନ ଉଠୁଛି ଯେ, ସହକାରୀ ନିର୍ବାହୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ ରାସ୍ତା କାମ କିଭଳି କରାଯାଉଛି, କାମ ତଦାରଖ ନକରିବା, କେତେ ଟଙ୍କା ବ୍ୟୟ ଅଟକଳରେ କାମ ହେଉଛି, ତାର ବିବରଣୀ ପ୍ରଦାନ ନକରିବା ଘଟଣା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି ।


Printed & Published by Gyanaranjan Behera on behalf of Radhakrushna Publications Pvt. Ltd. and Printed at Ricky Promotors, Plot No.6709, M.I.E., Rasulgarh, Bhubaneswar-751010 and Published at Janachetana Parisad Bhawan, At-Kajala, P.O/Dist -Kendrapara, Pin-754211, Ph. : 9439698412, 9583706460

Editor : Ambika Prasad Das ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ Chief Editor : Umapada Bose ମୁଖ୍ୟ ସମ୍ପାଦକ : ଉମାପଦ ବୋଷ